SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 165 | ଭାଗ ୩୨ | ସଂଖ୍ୟା ୧୬୫ Bhubaneswar | Tuesday 3 September 2024 | Page 8 ₹ 4.00 ଭୁବନେଶ୍ୱର | ମଙ୍ଗଳବାର ୩ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ଫେରିପାଇବେ ନାହିଁ ଜମା ଟଙ୍କା !

# ଚିଟଫଣ୍ଡ ଜମାକାରୀଙ୍କୁ ଡବଲ ଚିଟିଂ




ଭୁବନେଶ୍ୱର, ୨/୯ (ସଞ୍ଚାର ବ୍ୟୁରୋ) : ଚିଟଫଣ୍ଡ ଜମାକାରୀ ଆଉ ଟଙ୍କା ଫେରିପାଇବେ ତ? ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଉତ୍ତରରୁ ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କାରଣ ଗତ ୧୨ ବର୍ଷ ଧରି ବିଜେଡି ସରକାର କ୍ଷତିଗ୍ରସ୍ତଙ୍କ ସଂଖ୍ୟା, କେତେ ଚିଟଫଣ୍ଡ କମ୍ପାନୀ କେତେ ଟଙ୍କା ଲୁଟିଛନ୍ତି ତାର ତଥ୍ୟ ରଖିନାହାଁନ୍ତି। ସୁଚିନ୍ତିତ ଢଙ୍ଗରେ ଚିଟଫଣ୍ଡ କମ୍ପାନୀଗୁଡ଼ିକର ଲୁଟର ଶିକାର ହୋଇଥିବା ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କୁ ପଟିମାରି ଚାଲିଗଲେ, ଆଉ ଜମାକାରୀ ଏବେ ବି ବାରଦୁଆର ଶୁଣ୍ଢିପିଣ୍ଡା ହୋଉଛନ୍ତି ।

ଯଦିଓ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଦଣ୍ଡ ଦେବା ନିମନ୍ତେ ୨୦୧୨ ଡିସେମ୍ବରରୁ ରାଜ୍ୟ କ୍ରାଇମବ୍ରାଂଚ ଓ ୨୦୧୩ ମେ'ରୁ ସିବିଆଇ ତଦନ୍ତ ଜାରି ରଖିଛି । ଆଉ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସଂଖ୍ୟା ଓ ଲୁଟ ପରିମାଣ ଜାଣିବା ପାଇଁ ୨୦୧୩ ଜୁଲାଇରୁ ୨୦୨୦ ଅଗଷ୍ଟ ମାସ ପର୍ଯ୍ୟନ୍ତ ଦୁଇ ଦୁଇଜଣ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଦୁଇ ଦୁଇଟି ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ ହୋଇଥିଲା । ତଥାପି ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପାଖରେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସଂଖ୍ୟା, ଦୁର୍ନୀତିର ପରିମାଣ ଓ ଚିଟଫଣ୍ଡରେ ଲିପ୍ତ ସଂସ୍ଥାଗୁଡ଼ିକ ସଂଖ୍ୟାର ହିସାବ ନାହିଁ । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି ।

ଆଜି ବିଧାନସଭାରେ ବିଧାୟକ ପବିତ୍ର ସାଉଁନ୍ତା, ମାନସ କୁମାର ଦତ୍ତ ଓ ଚକ୍ରମଣି କହଁରଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏବେ ଚିଟଫଣ୍ଡ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି । ଏହା ସମ୍ପୂର୍ଣ୍ଣ ହୋଇନଥିବାରୁ ଓଡ଼ିଶାରେ ଚିଟଫଣ୍ଡ ଦୁର୍ନୀତିରେ ଜିଲ୍ଲାୱାରି ପରିମାଣ ଓ ସମୁଦାୟ କେତେ ସଂସ୍ଥା ଏଥିରେ ଲିପ୍ତ ତାହା ଆକଳନ କରାଯାଇନାହିଁ । ଯେହେତୁ ଏବେ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି ସେଥିପାଇଁ ନିର୍ଦ୍ଦିଷ୍ଟ କ୍ଷତିଗ୍ରସ୍ତ ଜମାକାରୀଙ୍କ ସଂଖ୍ୟା ଆକଳନ ହୋଇନାହିଁ । ଜମାକାରୀଙ୍କ ଚିହ୍ନଟ ପାଇଁ ଗଠନ ହୋଇଥିବା ଜଷ୍ଟିସ ଏମଏମ ଦାସ କମିଶନଙ୍କ କାର୍ଯ୍ୟାଳୟରେ ବି କେବେଠୁ ତାଲା ପଡିଗଲାଣି। ସଂଗୃହିତ ନଥିପତ୍ରରେ ବି ଉଇ ଲାଗିଗଲାଣି। କେବଳ ୩ଟି କମ୍ପାନୀ ରୋଜଭ୍ୟାଲି, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ କମ୍ପାନୀ ଓ ହାଇଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ କମ୍ପାନୀର ସମ୍ପତ୍ତି ନିଲାମ ଓ ବ୍ୟାଙ୍କ ଜମା ଜବତ ଅର୍ଥରୁ ପ୍ରକୃତ କ୍ଷତିଗ୍ରସ୍ତ ଜମକାରୀଙ୍କୁ ଫେରସ୍ତ ପ୍ରକ୍ରିୟା ଚାଲୁଅଛି । ରୋଜଭ୍ୟାଲିର ୧,୭୯,୬୪୦ଜଣ ଜମାକାରୀଙ୍କୁ ୬୫ କୋଟି୨୬ ଲକ୍ଷ ଟଙ୍କା, ଗୋଲଡେନ୍ ଲ୍ୟାଣ୍ଡର ୧୭,୭୬୨ଜଣ ଜମାକାରୀଙ୍କୁ ୬ କୋଟି ୪ ଲକ୍ଷ ଟଙ୍କା, ହାଇଟେକ ➢ପୃଷ୍ଠା-୬

## ଯୋଗ୍ୟ ମହିଳାଙ୍କୁ ନ ମିଳିବା ଯାଏଁ ଜାରି ରହିବ

# 'ସୁଭଦ୍ରା' ପୋର୍ଟାଲ ଉଦ୍‌ଘାଟିତ



ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ମହିଳାଙ୍କୁ ହାତ ଖର୍ଚ୍ଚ ଦେବା ପାଇଁ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା ଆରମ୍ଭ କରିଛନ୍ତି। ବହୁ କଳ୍ପନା ଜଳ୍ପନା ପରେ 'ସୁଭଦ୍ରା' ଯୋଜନା ପାଇଁ ଆବେଦନ ଆରମ୍ଭ ହୋଇଛି। ଅନ୍‌ଲାଇନ୍ ଆବେଦନ ପାଇଁ ଆଜି 'ସୁଭଦ୍ରା' ପୋର୍ଟାଲ ଉନ୍ମୋଚନ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ପୋର୍ଟାଲ ଉନ୍ମୋଚନ କରିଛନ୍ତି।

ଉନ୍ମୋଚନ ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, 'ସୁଭଦ୍ରା' ପୋର୍ଟାଲ ଉପଲବ୍ଧ ହେବ ସୁଭଦ୍ରାର ସମସ୍ତ ସୂଚନା। ମହିଳାମାନେ ଯେ କୌଣସି ତଥ୍ୟ ଜାଣିବାକୁ ପୋର୍ଟାଲରୁ ଜାଣିପାରିବେ। କୌଣସି ପ୍ରକାର ସଂଶୟ ଥିଲେ, ପୋର୍ଟାଲରୁ ଜାଣିପାରିବେ। ସୁଭଦ୍ରା ପୋର୍ଟାଲ- subhadra.odisha.gov.in ଫର୍ମ ବଣ୍ଟନ ଆରମ୍ଭ ହୋଇଛି। ୪ ତାରିଖରୁ ଫର୍ମ ସଂଗ୍ରହ ଆରମ୍ଭ ହେବ। ଫର୍ମ ପୂରଣ କରି ଆଧାର କାର୍ଡ ନକଲ ସହ ଦାଖଲ କରିବେ। ମୋ ସେବା କେନ୍ଦ୍ର ବା ଜନସେବା କେନ୍ଦ୍ରରେ ଫର୍ମ ଦାଖଲ କରିବେ। ଆଉ କିଛି ଜାଣିବାକୁ ହେଲେ ଆପଣ ଟୋଲ ଫ୍ରୀ ନମ୍ବର -୧୪୬୭୮ ରେ କଲ କରିବେ । ଏହି ଟୋଲ ଫ୍ରୀ ନମ୍ବର ସକାଳ ୬ରୁ ରାତି ୧୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ସବୁ ଯୋଗ୍ୟ ହିତାଧିକାରୀଙ୍କୁ ନ ମିଳିବା ଯାଏଁ ସୁଭଦ୍ରା ଜାରି ରହିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମାରେ ମିଳିବାକୁ ଥିବା କିସ୍ତି ୧୭ରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିବେ। ଏହି ଅବସରରେ ମହିଳା ଓଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଶା ବାନାର୍ଜୀ ଓ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟର ଏକ କୋଟି ୪୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହି ଯୋଜନାରେ ବାର୍ଷିକ ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଲେଖାଏଁ ସହାୟତା ପ୍ରଦାନ କରାଯିବ। ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତିକ ମହିଳା ଦିବସ ଓ ରାଖୀ ପୂର୍ଣ୍ଣିମାରେ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ତେବେ ସରକାର ସୁଭଦ୍ରା ଯୋଜନା ନାଁ ମହିଳାଙ୍କୁ ଠକିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେଡି ଓ କଂଗ୍ରେସର ଅଭିଯୋଗ ବିଜେପି ନିଜ ନିର୍ବାଚନୀ ➢ପୃଷ୍ଠା-୬

# ବିଚାରଧାରା ସହ ଯୋଡିବାକୁ ଅଭିଯାନ

- ଦଳୀୟ ଅନୁଶାସନର ଅନୁପାଳନକୁ ଗୁରୁତ୍ୱ
- ଆଜିଠୁ ଓଡ଼ିଶାରେ ସଦସ୍ୟ ସଂଗ୍ରହ
- ଟାର୍ଗେଟ୍ ୭୫ ଲକ୍ଷ ନୂଆ ସଦସ୍ୟ
- ଅଧିକ ଯୁବ ଭୋଟର୍‌ଙ୍କୁ ସାମିଲ ଲକ୍ଷ୍ୟ



ନୂଆଦିଲ୍ଲୀ, ୨।୯ ଦେଶବ୍ୟାପୀ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରିଛି ବିଜେପି। ଆଜି ଦିଲ୍ଲୀ ସ୍ଥିତ ଦଳୀୟ ମୁଖ୍ୟାଳୟରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ସାମିଲ ହୋଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଓଡିଶାରେ ଆସନ୍ତାକାଲିଠାରୁ ଏହି ଅଭିଯାନ ଆରମ୍ଭ ହେବ।

ଏଥିସହ ମୋଦି ତାଙ୍କ ବିଜେପି ସଦସ୍ୟତାକୁ ପୁନଃ ନବୀକରଣ କରିଛନ୍ତି। ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଆସନ୍ତା ୨୫ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟ ସଦସ୍ୟତା ଗ୍ରହଣ ଅଭିଯାନ ଚାଲିବ। ଓଡ଼ିଶାରେ ସଦସ୍ୟତା ଗ୍ରହଣ ପାଇଁ ଏକ ଫୋନ ନମ୍ବର ଜାରି କରାଯାଇଛି। ଯାହାକୁ ଡାଏଲ୍ କରି ଇଚ୍ଛୁକ ବ୍ୟକ୍ତି ସଦସ୍ୟତା ଗ୍ରହଣ କରିପାରିବେ। ୮୮୦୦୦-୦୨୦୨୪ ଟୋଲ-ଫ୍ରି ନମ୍ବରକୁ ଡାଏଲ୍ କରି ସଦସ୍ୟତା ଗ୍ରହଣ କରିହେବ।

ଦିଲ୍ଲୀରେ ୭୫ ଲକ୍ଷ ଟାର୍ଗେଟ ଥିବା ବେଳେ ଓଡ଼ିଶାରେ ରହିଛି ୫ ଲକ୍ଷ ସଦସ୍ୟତା ଗ୍ରହଣ ଲକ୍ଷ୍ୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଅକ୍ଟୋବର ୧୦ରୁ ୧୫ ତାରିଖ ଯାଏ ଚାଲିବ ବୋଲି ଦଳ କହିଛି। ଆଜି ବିଜେପି ସଦସ୍ୟତାକୁ ନବୀକରଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦଳର ଅଧ୍ୟକ୍ଷ ନଡ୍ଡା ଗୋଟିଏ ପ୍ରମାଣପତ୍ର ଦେଇଥିଲେ। ଏହାପରେ ମୋଦି କହିଛନ୍ତି, "ଆଉ ଗୋଟିଏ ରାଉଣ୍ଡ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଭାରତୀୟ ଜନ ସଂଘ ଠାରୁ ଆରମ୍ଭ କରି ଆଜି ଯାଏ ଆମେ ସବୁବେଳେ ଦେଶରେ ଗୋଟିଏ ନୂଆ ରାଜନୈତିକ ସଂସ୍କୃତି ଆଣିବାକୁ ଚେଷ୍ଟା କରି ଚାଲିଛୁ।

ବିଜେପି ଏକମାତ୍ର ଦଳ ଯିଏ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅନୁସରଣ କରି ଏହାର କାର୍ଯ୍ୟପନ୍ଥାକୁ ବିସ୍ତାର କରିଛି। ଦଳ ସବୁ ବେଳେ ଏହାର ସମ୍ବିଧାନକୁ ଅନୁପାଳନ କରି ଆସିଛି। ସଂଗଠନ କିମ୍ବା ରାଜନୀତିକ ଦଳ ଜରିଆରେ ଲୋକମାନେ କ୍ଷମତା ଦିଅନ୍ତି। ଯଦି ସେହି ସଂଗଠନ କିମ୍ବା ଦଳ ଦଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅନୁସରଣ ନ କରିବ, ଏହା ମଧ୍ୟରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନ ରହିବ, ତା'ହେଲେ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବ। ଏବେ ଅନେକ ଦଳ ସେହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି।

ଯେତେବେଳେ ରାଜନୀତିକ ଦଳଗୁଡ଼ିକରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନ ରହିବ ସେତେବେଳେ କ'ଣ ହୁଏ, ସେକଥା ସମସ୍ତେ ଏବେକାର ଅଧିକାଂଶ ରାଜନୀତିକ ଦଳକୁ ଦେଖି ଜାଣି ପାରୁଥିବେ। ସଦସ୍ୟତା ଗ୍ରହଣ ଅଭିଯାନ କେବଳ ଗୋଟିଏ କାର୍ଯ୍ୟକ୍ରମ ନୁହେଁ। ଏହା ଆମ ପରିବାରକୁ ବିସ୍ତାର କରିବାର ପ୍ରକ୍ରିୟା।

ଆମେ କେତେ ସଂଖ୍ୟା ହାସଲ କରିବୁ, ସେଇଟା ବଡ଼ କଥା ନୁହେଁ। ଏହି ସଦସ୍ୟତା ସଂଗ୍ରହ ଅଭିଯାନ ଗୋଟିଏ ବିଚାରଧାରା ଓ ଭାବପ୍ରବଣତାର ଅଭିଯାନ।"

ସଦସ୍ୟତା ଅଭିଯାନରେ ଅମିତ ଶାହ କହିଛନ୍ତି ଯେ ବିଜେପି କେବଳ ବିଶ୍ୱର ସବୁଠାରୁ ବଡ଼ ଦଳ ନୁହେଁ, ବରଂ ବିଶ୍ୱର ଗୋଟିଏ ସ୍ୱତନ୍ତ୍ର ଦଳ। ଏହା ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦଳ। ବିଜେପି ଛଡ଼ା ଆଉ କୌଣସି ଦଳ ଏପରି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସଦସ୍ୟତା ସଂଗ୍ରହ ଗ୍ରହଣ ଅଭିଯାନ କରନ୍ତି ନାହିଁ ବୋଲି ସେ କହିଛନ୍ତି।

## ସମ୍ବଲପୁରରେ ଦ୍ୱିତୀୟ ଏମ୍‌ସ

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ଆର୍‌ଜି କର ମେଡ଼ିକାଲ କଲେଜ ଘଟଣାକୁ ଗୃହ ନିନ୍ଦା କରୁଛି । ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟ୍ୟାକ୍ସଫୋର୍ସ ଗଠନ କରାଯାଇଛି। ଯେଉଁ ଟ୍ୟାକ୍ସ ଫୋର୍ସ କାମ କରୁଥିବା ଡାକ୍ତରମାନଙ୍କର ସୁରକ୍ଷାକୁ ଦୃଷ୍ଟି ଦେବେ। ସମସ୍ତ ଡାକ୍ତରଙ୍କ ସୁରକ୍ଷା ପାଇଁ ଆମ ସରକାରପ୍ରତିଶ୍ରୁତି ବଦ୍ଧ। ଯାହାକୁ ଦୃଷ୍ଟିରେ ରଖି ସବୁ ମେଡିକାଲ କଲେଜରେ ପୋଲିସ ଫାଣ୍ଡି ଖୋଲିବୁ ବୋଲି ବିଧାନସଭାରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ସମୟରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ବିବୃତି ରଖି କହିଛନ୍ତି, ସମ୍ବଲପୁର ଠାରେ ଆମେ ଦ୍ୱିତୀୟ ଏମ୍ସ ଖୋଲିବାକୁ ଯାଉଛୁ। ଖୁବଶୀଘ୍ର ଏ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯିବ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବିବଅତି ପରେ ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବି ରଖାଯାଇଛି।

## ଆତ୍ମସମର୍ପଣ କଲେ ଜୟନାରାୟଣ



ଭୁବନେଶ୍ୱର: ବହୁ ଚର୍ଚ୍ଚିତ ବରଗଡ଼ ସୋହେଲା ଦିଲେଶ୍ୱର ହତ୍ୟା ମାମଲା । ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କଲେ ସମ୍ବଲପୁର ବିଜେପି ବିଧାୟକ ଜୟନାରାୟଣ ମିଶ୍ର । ଏହି ମାମଲାରେ ତାଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର ପାଇଁ ଗତ ଜୁଲାଇ ୩୦ ନିର୍ଦ୍ଧାରିତ ତାରିଖ ଧାର୍ଯ୍ୟ ହୋଇଥିଲା । ଉକ୍ତ ଦିନ ସେ କୌଣସି ➢ପୃଷ୍ଠା-୬

## ଖଣି ଅଧିକାରୀଙ୍କ ଅଚଳାଚଳ ସମ୍ପତ୍ତି



୮ ସ୍ଥାନରେ ଭିଜିଲାନ୍ସ ରେଡ୍

ଆପାର୍ଟମେଣ୍ଟ, ମାର୍କେଟ କମ୍ପ୍ଲେକ୍ସ ଠାବ

ଅନୁଗୁଳ,୨।୯ (ସଂଚାର ବ୍ୟୁରୋ): ତାଳଚେର ଖଣି ଉପ ନିର୍ଦ୍ଦେଶକଙ୍କ ଘରେ ପଶିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କ ଘରେ ପ୍ରତ୍ୟୁଷରୁ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

ଧରଣୀଧରଙ୍କ ତାଳଚେର ଅଫିସ, ସରକାରୀ ବାସଭବନ, ତେଲକୋଇ ଥାନା ଛାମୁଣ୍ଡା ଗାଁରେ ଥିବା ପୈତୃକ ଘର, ଭୁବନେଶ୍ୱର ପଟିଆରେ ଥିବା ଘର, ସିଂକୁଳବାହାଲରେ ଥିବା ମାର୍କେଟ କଂପ୍ଲେକ୍ସ ଓ କେନ୍ଦୁଝର ପଣ୍ଡାପଡ଼ା ଥାନା ପୁରମୁଣ୍ଡାସ୍ଥ ଶ୍ୱଶୁର ଘର ସମେତ ୮ ସ୍ଥାନରେ ଚଢ଼ାଉ କରାଯାଇଛି। ଧରଣୀଧରଙ୍କ ଘରୁ ୫ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଛି। ଭୁବନେଶ୍ୱରେ ଦେଢ଼ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଏକ ଆପାର୍ଟମେଣ୍ଟ, ସୁନ୍ଦରପଦାରେ ଦୁଇ ମହଲା କୋଠା, ଯାହାର ମୂଲ୍ୟ ୫୫ ଲକ୍ଷ ଟଙ୍କାରୁ ଅଧିକ, କେନ୍ଦୁଝର ତେଲକୋଇରେ ୩ ମାର୍କେଟ କମ୍ପ୍ଲେକ୍ସ, ଅନୁଗୁଳ, ଭୁବନେଶ୍ୱର ଓ କଟକରେ ଏକାଧିକ ପ୍ଲଟ ଥିବା ବର୍ତ୍ତମାନ ସୁଦ୍ଧା ଠାବ କରିଛି ଭିଜିଲାନ୍ସ ଟିମ୍।

ଏହା ବ୍ୟତୀତ ରାଜଧାନୀରେ ଥିବା ସୁରେଖା ଅର୍କିଡ ଆପାର୍ଟମେଣ୍ଟ ଓ ତାଳଚେର ଘରୁ ସୁନା ଓ ରୁପା ଅଳଙ୍କାର, ଦାମୀ ଘଣ୍ଟା, ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ୧୬ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ ଥିବା ଜଣାପଡ଼ିଛି। ତାଙ୍କ ସମ୍ପତ୍ତିର ମୂଲ୍ୟ ଆହୁରି ➢ପୃଷ୍ଠା-୬

## ସନ୍ଦୀପ ଘୋଷ ଗିରଫ



କୋଲକାତା, ୨।୯: ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଜୁନିଅର ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାର ପ୍ରମୁଖ ଅଭିଯୁକ୍ତ ତଥା ଉକ୍ତ ମେଡିକାଲର ପ୍ରାକ୍ତନ ଅଧ୍ୟକ୍ଷ ଡା. ସନ୍ଦୀପ ଘୋଷଙ୍କୁ ସୋମବାର ସିବିଆଇ ଗିରଫ କରିଛି। ତାଙ୍କ ବିରୋଧରେ ଉକ୍ତ ମେଡିକାଲ କଲେଜର ଜଣେ ବରିଷ୍ଠ ଅଧିକାରୀ ତଥା ପୂର୍ବତନ ଉପଅଧୀକ୍ଷକ ଡା. ଅଖତର ଅଲି କରିଥିବା ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ସିବିଆଇକୁ ଦିଆଯାଇଥିଲା। ପ୍ରାୟ ୧୫ ଦିନ ଧରି ସିବିଆଇ ତାଙ୍କୁ ଜେରା କରୁଥିଲା। ପର୍ଯ୍ୟାପ୍ତ ପ୍ରମାଣ ସଂଗ୍ରହ କରିବା ପରେ ଆଜି ତାଙ୍କୁ ଗିରଫ କରାଯାଇଛି। ପୂର୍ବାହ୍ନରେ ଡା. ଘୋଷଙ୍କୁ କୋଲକାତାର ନିଜାମ ପ୍ୟାଲେସ୍ ସ୍ଥିତ ସିବିଆଇ ଅଫିସକୁ ନିଆଯାଇ ଅନୁଷ୍ଠାନିକ ପ୍ରକ୍ରିୟା ପରେ ସନ୍ଧ୍ୟାରେ ଗିରଫ କରାଯାଇଥିବା ଘୋଷଣା କରାଯାଇଥିଲା। ଅଗଷ୍ଟ ୯ରେ ଘଟିଥିବା ଡାକ୍ତର ଧର୍ଷଣ ଓ ହତ୍ୟା ମାମଲାରେ ସିବିଆଇ ତାଙ୍କ ପଲିଗ୍ରାଫ ଟେଷ୍ଟ କରାଯାଇଥିଲା। ଜେରା ସମୟରେ ଡା. ଘୋଷ କ'ଣ କହିଛନ୍ତି ତାହା ସିବିଆଇ ଅଧିକାରୀମାନେ ପ୍ରକାଶ କରିନାହାନ୍ତି। ତାଙ୍କ ବିରୋଧରେ ଫୌଜଦାରି, ଠକେଇ, ଅସାଧୁ କାରବାର ସମେତ ଆଇପିସି ଧାରା- ୭ ଅନୁଯାୟୀ ଦୁର୍ନୀତି ମାମଲା ରୁଜୁ କରାଯାଇଛି।

## ତଣ୍ଟିରେ ତାଳ ଲାଗି ହାତୀ ଛୁଆ ମୃତ



ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ): ଚନ୍ଦକା ଗୋଡ଼ିବାରିରେ ଅସୁସ୍ଥ ହାତୀ ଛୁଆର ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ହାତୀ ଛୁଆର ମୃତ୍ୟୁ ଘଟିଥିବା ଜଣାଯାଇଛି। ହାତୀ ଛୁଆଟିର ବୟସ ପ୍ରାୟ ୩ବର୍ଷ। ହାତୀ ଛୁଆଟି ବଲାଙ୍ଗିର ଜିଲ୍ଲା ଦେଓଗାଁରୁ ଆସିଥିଲା। ତାଳ ତଣ୍ଟିରେ ଲାଗିବାରୁ ଅସୁସ୍ଥ ହୋଇପଡ଼ିଥିଲା। ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡ଼ିବାରି ହାତୀ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ତାର ଚିକିତ୍ସା କରାଯାଉଥିଲା। ସପ୍ତାହେ ହେବ ନନ୍ଦନକାନନ ଓ ଓୟୁଏଟି ଟିମ୍ ତାକୁ ସୁସ୍ଥ କରିବାରେ ଲାଗିଥିଲେ। ଖାଇ ପିଇ ପାରୁ ନ ଥିବାରୁ ଲଗାତାର ସାଲାଇନ ଦିଆଯାଉଥିଲା। ହାତୀଟିର ପାଟି ଘା' ହୋଇ ଯାଇଥିବାରୁ ତାକୁ ଆଣ୍ଟି ବାୟୋଟିକ୍ ଦେଉ ନ ଥିଲେ ଡାକ୍ତର। ହାତୀ ଛୁଆକୁ ସୁସ୍ଥ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ ଶେଷରେ ହାତୀ ଛୁଆଟିର ମୃତ୍ୟୁ ଘଟିଥିଲା। ହାତୀ ଛୁଆର ପୋଷ୍ଟ ମର୍ଟମ କରାଯିବ ବୋଲି ଚନ୍ଦକା ଡିଏଫ୍‌ଓ ଶରତ ଚନ୍ଦ୍ର ବେହେରା କହିଛନ୍ତି। ଏହାବ୍ୟତୀତ ବାରିପଦାରେ ହାତୀ ଛୁଆର ମୃତଦେହ ଉଦ୍ଧାର ହୋଇଛି । ଶିମିଳିପାଳ ସାଉଥ୍ ଡିଭିଜନର ଜେନବିଲ ଠାରେ ମିଳିଛି ମୃତଦେହ। ବର୍ଷକର ଅଣ୍ଡିରା ହାତୀ ଛୁଆର ମଳଦ୍ୱାରରେ ଏକ ବଡ ଘା ଦେଖିବାକୁ ମିଳିଛି । ସେହି ଘାର ବିଷାକ୍ତ ପ୍ରଭାବରେ ହାତୀ ଛୁଆଟିର ମୃତ୍ୟୁ ହୋଇଥିବା ସନ୍ଦେହ କରୁଛି ବନବିଭାଗ।

# ପଶ୍ଚିମରୁ ଦକ୍ଷିଣକୁ ବ୍ୟାପୁଛି ମିଟର ନିଆଁ

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ବିଜୁଳି ଯୋଗାଣ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀର ମନମୁଖୀ କାର୍ଯ୍ୟକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ଦେଖାଦେଇଛି । ପଶ୍ଚିମଓଡିଶାର ଚାଷୀମାନେ ଟାଟା କମ୍ପାନୀ ବିରୁଦ୍ଧରେ ରଣହୁଙ୍କାର ଦେଇ ଡିଜିଟାଲ ମିଟର ଭାଙ୍ଗିଥିବାବେଳେ ଏବେ ସେହି ନିଆଁ ଦକ୍ଷିଣକୁ ବ୍ୟାପିବାରେ ଲାଗିଛି । ଉପକୂଳରେ ମଧ୍ୟ ଧିରେ ଧିରେ ଡିଜିଟାଲ ମିଟର ବିରୁଦ୍ଧରେ ସ୍ୱର ଉଠିବାରେ ଲାଗିଛି ।

ତେବେ ଏଭଳି ହେବାର କାରଣ ହେଉଛି ଟାଟା କମ୍ପାନୀର ଦାଦା ଗିରି । ରାଜ୍ୟ ସରକାରଙ୍କ ସହିତ ୨୫ ବର୍ଷ ପାଇଁ ଚୁକ୍ତି କରିଥିବା ଟାଟା ପାୱାର ହାତରେ ରହିଛି ୫୧ ପ୍ରତିଶତ ଅଂଶଧନ । ରାଜ୍ୟ ସରକାରଙ୍କ ହାତରେ ରହିଛି ୪୯ ପ୍ରତିଶତ । ଅଧିକ ଅଂଶଧନ ଥିବାରୁ ଟାଟା ପାୱାର କର୍ତ୍ତୃପକ୍ଷ ଓଡିଶା ସରକାରଙ୍କୁ ଖାତିର କରୁନାହାନ୍ତି ବୋଲି ଲୋକ ପ୍ରତିନିଧିମାନେ ବି ବିଧାନସଭାରେ ଅଭିଯୋଗ କଲେଣି । ନିଯୁକ୍ତି ଠାରୁ ବଦଳି ନୀତି ପର୍ଯ୍ୟନ୍ତ ସବୁକିଛି ଟାଟା କମ୍ପାନୀ ମନଇଚ୍ଛା ଚଳାଇଛି । ଯାହାର ଫଳ ସ୍ୱରୂପ କମ୍ପାନୀର ଦପ୍ତର ଠାରୁ ଆରମ୍ଭ କରି ଗଛ କଟାଳି ପର୍ଯ୍ୟନ୍ତ ସବୁଆଡେ ମାଳ ମାଳ ଅଣଓଡିଆ ।

ବର୍ତ୍ତମାନ ବିଧାନସଭା ଅଧିବେଶନ ଚାଲିଛି । ଏହି ସମୟରେ ସଦସ୍ୟମାନେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଯେତେ ପ୍ରଶ୍ନ ପଚାରୁଛନ୍ତି ସେଥିରୁ ପ୍ରାୟ ୯୦ ପ୍ରତିଶତ ଟାଟା କମ୍ପାନୀର କାର୍ଯ୍ୟ ବିରୁଦ୍ଧରେ । କିଏ ଘନ ଘନ ବିଜୁଳି କାଟ୍‌ନେଇ ପ୍ରଶ୍ନ କରୁଛି ତ ଆଉ କିଏ କମ୍ପାନୀର ଅଭିଯୋଗ ଶୁଣାଣି ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛି । ସଦସ୍ୟମାନେ ଅଭିଯୋଗର ପାହାଡ ଛିଡା କରୁଥିବାବେଳେ କୌଣସି କାରଣରୁ ସରକାର ଏହା ବିରୁଦ୍ଧରେ ଯେଉଁଳି ପଦକ୍ଷେପ ନେବାକଥା ତାହା କରୁନାହାନ୍ତି ବୋଲି ବିରୋଧି ସଦସ୍ୟମାନେ ଅଭିଯୋଗ କରୁଛନ୍ତି । ସରକାରଙ୍କ ନରମ ମନୋଭାବ ଦେଖି ଟାଟା ପାୱାର ଗ୍ରାହକମାନଙ୍କୁ ଖାତିର କରୁନଥିବା କୁହାଯାଉଛି ।




ଟାଟା ପାୱାରର ମନମାନି

ଲୋକ ପ୍ରତିନିଧିଙ୍କ ଅଭିଯୋଗକୁ ବେଖାତିର

ହିତାଧିକାରୀଙ୍କ ଘରେ ଲାଗିଥିବା ଭଲ ମିଟରକୁ ଜୋର ଜବରଦସ୍ତ କାଢି ଡିଜିଟାଲ ମିଟର ଲଗାଇବାର ଫଳ ଏବେ କମ୍ପାନୀ କର୍ତ୍ତୃପକ୍ଷ ଭୋଗୁଛନ୍ତି । ବରଗଡ ଜିଲ୍ଲାରେ ଶହ ଶହ ଚାଷୀ ନିଜ ନିଜ ଘରେ ଓ କ୍ଷେତରେ ଲାଗିଥିବା ଡିଜିଟାଲ ମିଟରକୁ ଓପାଡି ଆଣି କମ୍ପାନୀ ଅଫିସ୍‌ରେ ଫୋପାଡି ଦେଇଛନ୍ତି । ଏହି ଘଟଣାରେ ଶକ୍ତିମନ୍ତ୍ରୀ ଏଭଳି ନକରିବାପାଇଁ ପରୋଧରେ ହିତାଧିକାରୀଙ୍କୁ ଚେତାବନୀ ଦେଇଥିବାବେଳେ ଡିଜିଟାଲ ମିଟର ବିରୁଦ୍ଧରେ ଆସିଥିବା ଅଭିଯୋଗର କୌଣସି ତଦନ୍ତ ନିର୍ଦ୍ଦେଶ ଦେଇ ନାହାନ୍ତି । ଟାଟା କମ୍ପାନୀ କେବଳ ଘରୋଇ ହିତାଧିକାରୀଙ୍କୁ ହଲାପଟା କରୁନାହିଁ, ଶିଳ୍ପସଂସ୍ଥାକୁ ବି ଲୁଟିବା ଆରମ୍ଭ ନେଇ ଅଭିଯୋଗ ଆସିଲାଣି । ରାଜ୍ୟର ଚିଙ୍ଗୁଡି ପ୍ରକ୍ରିୟାକରଣ ଶିଳ୍ପଗୁଡିକ ଟାଟା କମ୍ପାନୀ କାରବାରରେ ଅତିଷ୍ଠ ହୋଇ ଶକ୍ତିମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଓଇଆରସିର ଦ୍ୱାରସ୍ଥ ହେବାପରେ ବାଲେଶ୍ୱରରେ ମିଳିତ ଭାବେ ପ୍ରତିବାଦ କରିଛନ୍ତି । ଆଗାମୀ ଦିନରେ ଏହି ପ୍ରତିବାଦ ଜୋରଦାର ହେବ ବୋଲି କୁହାଯାଉଛି ।

ଟାଟା ପାୱାର ବିତରଣ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ବି ଏବେ ପ୍ରତିଦିନ ମରାମତି ନାଁରେ ବିଭିନ୍ନ ଅଞ୍ଚଳରେ ବିଜୁଳି କାଟିବାରେ ଲାଗିଛି । ଲୋକଙ୍କ ମୋବାଇଲ୍‌କୁ ମେସେଜଟିଏ ଦେଇ କାମ ସାରି ଦେଉଛି । ଗାଁ ଗହଳରେ ବଜ୍ରପାତରେ ବିଜୁଳି ଗଲେ ଦୀର୍ଘସମୟ ଧରି ଆସୁନାହିଁ । ଏହା ଫଳରେ ଲୋକେ କିଭଳି ହଇରାଣ ହେଉଛନ୍ତି ତାହା କେନ୍ଦ୍ରାପଡା ବିଧାୟକ ଖୋଲାଖୋଲି ଭାବେ ଗୃହରେ ଅବତାରଣା କରିଛନ୍ତି । ସମଗ୍ର ରାଜ୍ୟରେ ଘରୋଇ ହିତାଧିକାରୀଙ୍କ ଠାରୁ ଆରମ୍ଭ କରି ଶିଳ୍ପଜଗତ ପର୍ଯ୍ୟନ୍ତ ଯେଭଳି ସମସ୍ତେ ଟାଟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେଣି ତାହା ଆଗାମୀ ଦିନରେ କେଉଁ ରୂପ ନେବ ତାହାକୁ ଆକଳନ କରାଯାଇ ପାରୁନାହିଁ । ସେବାରେ ଉନ୍ନତି ଆଣିବା ପରିବର୍ତ୍ତେ ନିଜର ପ୍ରଚାରକୁ ଗୁରୁତ୍ୱ ଦେଉଥିବା ଏହି ସଂସ୍ଥା ଆଗାମୀ ଦିନରେ ରିଲାୟନ୍ସ ଭଳି ଓଡିଶାରୁ ବିଦା ହେବ ବୋଲି କିଛି ହିତାଧିକାରୀ ମତଦେବା ଆରମ୍ଭ କଲେଣି ।

# ଜିଲ୍ଲା ଉଦ୍ୟାନ ବିଭାଗ ଦୁର୍ନୀତିର ଗନ୍ତାଘର

## ଅଦା ବିହନ ଯୋଗାଣରେ ମହାଘୋଟାଲା ● ପାଇଲେନି ଚାଷୀ, ଅଣଚାଷୀଙ୍କୁ ଯାହାକୁ ଯେତେ

**ଜଗତସିଂହପୁର, ୨।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଅଦା ବିହନ ବଣ୍ଟନରେ ମହାଘୋଟଲାର ଗନ୍ଧ ବାରିହେଉଛି। ଅଦାଚାଷ କରି ଚାଷୀକୁଳ ସ୍ୱାବଲମ୍ବୀ ହେବା ନିମନ୍ତେ ସରକାର ଅଦା ବିହନ ବଣ୍ଟନ କରିବାର ବ୍ୟବସ୍ଥା କରିଛନ୍ତି। ସରକାର ଏବବାଦରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିଲେ ସୁଦ୍ଧା ଏହି ଯୋଜନାର ସୁଫଳ ଚାଷୀମାନଙ୍କ ଭାଗ୍ୟରେ ଜୁଟୁନାହିଁ। ଯେହେତୁ ଚାଷୀ ତୁଳନାରେ ଅଣଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ଅଦା ବିହନ ପ୍ରଦାନ କରାଯାଇଥିବା ନେଇ ଚାଷୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଗୋଟିଏ ପଟେ ସରକାର ଅଦା ବିହନ ଚାଷ ପାଇଁ ଉଦିଷ୍ଟ ଚାଷୀଙ୍କୁ ଯୋଗାଇ ପ୍ରୋତ୍ସାହିତ କରୁଥିବା ବେଳେ ଆର ପଟେ ଉଦ୍ୟାନ କୃଷି ବିଭାଗ ଅଣଚାଷୀଙ୍କୁ ଯାହାକୁ ଯେତେ ଅଦା ବିହନ ପ୍ରଦାନ କରିଥିବା ଏବଂ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଅଧିକାରୀମାନେ ଏକଛାତ୍ରବାଦୀ ଶାସନ ଚଳାଉଥିବାବେଳେ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମି କମି ଯାଉଥିବା ସଂକ୍ରାନ୍ତୀୟ ଅଭିଯୋଗ ସାମ୍ନାକୁ ଆସିଛି।



ଜଗତସିଂହପୁର ଜିଲ୍ଲାରେ ଅଦା ପ୍ରତି ଆକୃଷ୍ଟ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଇଥିଲା। ତେବେ ଅଦା ବିହନ ସରିଯାଇଥିବା ବେଳେ ହଳଦୀ ଏବେ ମଧ୍ୟ ମଜବୁତ ଥିବା ଜଣାପଡିଛି। ତେବେ ଏହି ଅଦା ବିହନ କେଉଁ କେଉଁ ଚାଷୀଙ୍କୁ ଦିଆଯାଇଛି ତାହାର ସଠିକ ତଥ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ବାସ୍ତବରେ ଚାଷ କରିବା ପାଇଁ ଯେଉଁ ଚାଷୀ ଆଗ୍ରହୀ ସେମାନଙ୍କୁ ଏହା ମିଳିପାରି ନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠୁଛି ହଳଦୀ ବିହନ ଗଚ୍ଛିତ ରହିଥିଲା ବେଳେ କେମିତି ଅଦା ବିହନ ସରିଗଲା, କଣ ଏତେ ପରିମାଣରେ ଅଦା ଚାଷପ୍ରତି ଚାଷୀଙ୍କର ଆଗ୍ରହ ରହିଥିଲା କି ନାଁ ଅଦା ବିହନରେ କେଳେଙ୍କାରୀ ହୋଇଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବଜାରରେ ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁଁ ଏହା ପରିବା ଦୋକାନୀକୁ ବିକ୍ରି କରିଥିବା ଜଣେ ଦୋକାନୀ ନାମ ଗୋପନ କରି କହିଛନ୍ତି।

ଜିଲ୍ଲା ଉଦ୍ୟାନ ବିଭାଗପକ୍ଷରୁ ସୂଚନା ଯେ ଜଣେ ଚାଷୀ ଗୋଟେ ହେକ୍ଟରକୁ ୧୦ କୁଇଣ୍ଟାଲ, ସେହିପରି ୨ ହେକ୍ଟରକୁ ୨୦ କୁଇଣ୍ଟାଲ ଅଦା ବିହନ ଚାଷୀକୁ ଯୋଗାଇ ଦିଆଯାଉଛି। ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ ପାଇଁ ମୌଟ ୧୦୦ କୁଇଣ୍ଟାଲ ଚାଷୀଙ୍କ ପାଇଁ ଆସିଥିଲା। ପ୍ରତ୍ୟେକ ବ୍ଲକକୁ ୨୦ଜଣ ଲେଖାଏଁ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକକୁ ଆସିଥିବା ଅଦା ବିହନ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ତଥ୍ୟ ଅନୁସାରେ ୧୦୦ କୁଇଣ୍ଟାଲ। ସେଥିମଧ୍ୟରୁ ଜଗତସିଂହପୁର ବ୍ଲକକୁ ଆସିଛି ଅଦା ବିହନ -୧୪କୁଇଣ୍ଟାଲ, ବିରିଡ଼ି ବ୍ଲକକୁ ୧୪ କୁଇଣ୍ଟାଲ, ବାଲିକୁଦା ବ୍ଲକକୁ ୯ କୁଇଣ୍ଟାଲ, ନାଉଗାଁ ବ୍ଲକକୁ୧୪, ରଘୁନାଥପୁରକୁ୧୪ କୁଇଣ୍ଟାଲ, ତିର୍ତ୍ତୋଲ ବ୍ଲକକୁ୧୪ କୁଇଣ୍ଟାଲ, କୁଜଙ୍ଗ ବ୍ଲକକୁ ୧୪ କୁଇଣ୍ଟାଲ, ଏରସମା ବ୍ଲକକୁ ୭ କୁଇଣ୍ଟାଲ। ସମୁଦାୟ ୧୦୦ କୁଇଣ୍ଟାଲ ବିହନ ଆସିଥିଲେ ମଧ୍ୟ ଅଦା ବିହନ କେଉଁ କେଉଁ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି, ଚାଷୀ ଚାଷ କରିଛନ୍ତି କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଏହି ଜିଲ୍ଲାରେ କେତେଜଣ ଚାଷୀଙ୍କୁ ଅଦା ବିହନ ପ୍ରଦାନ କରାଯାଇଛି ଗଣମାଧ୍ୟମ ପ୍ରତିନିଧି ତଥ୍ୟ ମାଗିଲେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ କୁହନ୍ତି ସାରେ ମନା କରିଛନ୍ତି ତଥ୍ୟ ଦେବାକୁ। ତେବେ ଏହି ଅଧିକାରିଣୀ ମାଡାମ ଜଣଙ୍କ କାହିଁକି ଚାଷୀଙ୍କ ତାଲିକା ଦେବାକୁ କୁଣ୍ଠାବୋଧ ହେଉଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀମାନେ ଦାବୀ କରିଛନ୍ତି।

## ଚିକିଟି ମଦ ମୃତ୍ୟୁ: ୫ ଛୁଇଁଲା

**ବ୍ରହ୍ମପୁର, ୨।୯ (ସଂଚାର ବ୍ୟୁରୋ):** ଚିକିଟି ବିଷାକ୍ତ ମଦ ପିଇବା ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି । ପୂର୍ବର ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏବେ ପୁଣି ଆଉଜଣେ ତଥା ୫ଜଣଙ୍କ ମୃତ୍ୟୁ ଘଟିଛି । ମେଡ଼ିକାଲ ଆଇ ସି ୟୁ ରେ ଥିବା ପ୍ରଦୀପ ବେହେରାର ମୃତ୍ୟୁ ଘଟିଥିବା ପୋଲିସ୍ କହିଛି । ଆଉ ୨ ଜଣ ମେଡ଼ିକାଲ ରେ ଚିକିତ୍ସା ଅବସ୍ଥାରେ ଅଛନ୍ତି । ମୋଟ ୧୬ ଜଣ ବିଷାକ୍ତ ମଦ ପିଇ ଆହତ ହୋଇଥିଲେ । ୧୪ଜଣ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା କୁହାଯାଇଛି।

## ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ




**ମାଲକାନଗିରି, ୨।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ଥିତ ଏର୍ସଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ କମ୍ପାନୀ ତରଫରୁ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବିଶାଖାପାଟଣା ସ୍ଥିତ ଶଙ୍କର ଫାଉଣ୍ଡେସନ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞତ ଚକ୍ଷୁ ଚିକିତ୍ସକଙ୍କ ସହଯୋଗରେ ପ୍ରତି ବର୍ଷ ଏହି ଶିବିରର ଆୟୋଜନ କରାଯାଉଛି। ଏହି ଶିବିରରେ ଚିତ୍ରକୋଣ୍ଡା ବ୍ଲକ ତଥା ନିକଟ ପଂଚାୟତ ଓ ଗ୍ରାମାଞ୍ଚଳର ବାସିନ୍ଦା ବହୁ ସଂଖ୍ୟାରେ ଯୋଗ ଦେଇ ନିଜର ଚକ୍ଷୁ ପରୀକ୍ଷଣ କରାଇଥିଲେ। ପ୍ରଥମେ ନିଜ ନିଜର ପରିଚୟ ପତ୍ର ଦେଇ ପଞ୍ଜିକରଣ କରାଇବା ପରେ ଚକ୍ଷୁ ପରୀକ୍ଷଣ କରାଇଥିଲେ । ପରୀକ୍ଷା କରିବା ସହ ଚକ୍ଷୁ ଉପଯୁକ୍ତ ଚଷମା ଚୟନ କରି ନିର୍ଦ୍ଧାରିତ ସମୟରେ ପ୍ରଦାନ କରାଯିବା ନେଇ ସମସ୍ତଙ୍କୁ ସୂଚନା ଦିଆଯାଇଛି । ଏହି ଶିବିର ଗତ ୨୭ ଅଗଷ୍ଟ ରୁ ଆରମ୍ଭ ହୋଇ କ୍ରମାଗତ ଭାବେ ଏମଭି-୧୫, ମର୍କେଲଗୁଡା, ନୂଆଗୁଡା, ସାରକୁବନ୍ଧ ଓ ଚିତ୍ରକୋଣ୍ଡା ଠାରେ ସମାପ୍ତ ହୋଇଛି । ଏହି ଶିବିର ଯୋଗୁଁ ଅଞ୍ଚଳର ବହୁତ ଲୋକ ଉପକୃତ ହୋଇ ପାରୁଛନ୍ତି ।

## ଇସ୍ତ୍ରି କରୁଥିବା ବେଳେ ଚାଲିଗଲା ଜୀବନ

**ମାଲକାନଗିରି, ୨।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରେ ଥିବା ଯୋଗାଣ ଅଧିକାରୀଙ୍କ ସରକାରୀ କ୍ୱାର୍ଟରରେ ଘଟିଛି ଅଭାବନୀୟ ଘଟଣା। ଖାଲି ଦେହରେ ଇସ୍ତ୍ରି କରୁଥିବା ବେଳେ ଚାଲିଗଲା ପଡିଆ ବ୍ଲକ ଯୋଗାଣ ଅଧିକାରୀ କୁମୁଦମୟ ଗମାଙ୍ଗଙ୍କ ଜୀବନ। ଆଜି ସକାଳେ ଘଟିଛି ଏହିଭଳି ଅଭାବନୀୟ ଘଟଣା। କିଛି ମାସ ତଳେ କାଲିମେଳା ବ୍ଲକରୁ ପଡିଆ ବ୍ଲକକୁ ବଦଳି ହୋଇଥିବା ବେଳେ କାଲିମେଳାରେ ଥିବା ସରକାରୀ କ୍ୱାର୍ଟର ଛାଡି ନ ଥିଲେ ବ୍ଲକ ଯୋଗାଣ ଅଧିକାରୀ। ଆଜି ପଡିଆ ବ୍ଲକରେ ନବରଙ୍ଗପୁର ସାଂସଦଙ୍କ ସମୀକ୍ଷା ଥିବାରୁ ତରତର ହୋଇ ଖାଲି ଦେହରେ ନିଜ ପ୍ୟାଣ୍ଟ ସାର୍ଟ ଆଇରନ କରୁଥିବା ବେଳେ ଶରୀରରେ କରେଣ୍ଟ ଲାଗି ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଶରୀର ଉପରେ ଆଇରନ ପଡ଼ି ଲାଗି ରହିଥିବା ବେଳେ କାଲିମେଳା ପୁଲିସ କ୍ୱାର୍ଟର ଭିତରକୁ ଯାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାଲିମେଳା ମେଡିକାଲକୁ ପଠାଇଛି। ତେବେ ସେ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଲକ୍ଷ୍ମନଗୁଡା ଗ୍ରାମର ବୋଲି ଜଣାଯାଇଛି ।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି



**ଖୋର୍ଦ୍ଧା, ୨।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୋଟ ୧୩୩ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୧ ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୬ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ଯରୁ ସ୍ଥଳବିଶେଷରେ ୦୨ଟି ଅଭିଯୋଗର ତତକ୍ଷାଳ ସମାଧାନ କରାଯାଇଥିଲା । ଦୁଇ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ୭,୦୦୦/- ଏବଂ ୬,୦୦୦ ଲେଖାଏ ପ୍ରଦାନ କରାଯାଇଥିଲା । ସେହିପରି ୦୨ ଜଣଙ୍କୁ ୧୦,୦୦୦/- ଏବଂ ୪,୦୦୦/- ଟଙ୍କା ରେଡକ୍ରସ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ଯକ୍ଷତା କରିଥିବାବେଳେ ଆରକ୍ଷୀ ଅଧିକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ )ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅକାରୀ କସ୍ତୁରୀ ବାଳା ଜେନା, ଉପ-ଜିଲ୍ଲାପାଳ ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବି.ଡି.ଓ. ଖୋର୍ଦ୍ଧା ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ଯୋଜନାରେ ୫ ଲକ୍ଷ ଫର୍ମ ବିତରଣ

**ଖୋର୍ଦ୍ଧା, ୨।୯ (ସଂଚାର ବ୍ୟୁରୋ):** ସରକାରଙ୍କର ବହୁ ପ୍ରତିକ୍ଷୀତ ଯୋଜନା " ସୁଭଦ୍ରା " ପାଇଁ ଖୋର୍ଦ୍ଧା ଜିଲ୍ଲାରେ ୫ ଲକ୍ଷ ଫର୍ମ ବିତରଣ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାର ୨୧୭୬ ଅଙ୍ଗନୱାଡି କେନ୍ଦ୍ର ,୨୮୦ ମୋ ସେବା କେନ୍ଦ୍ର ସମେତ ୧୮୦ ଗୋଟି ପିଓ ସେଣ୍ଟର ଗୁଡିକରେ ଏହି ଫର୍ମ ମାଗଣାରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ଗତ ମାସ ୩୦ ତାରିଖ ଠାରୁ ଏହି ସୁଭଦ୍ରା ଯୋଜନା ଫର୍ମ ବିତରଣ କରାଗଲାଣି। ଯାହାକି ଜିଲ୍ଲାର ବିଭିନ୍ନ ପଞ୍ଚାୟତ , ସଦର ମହକୁମାରେ ଏହି ଫର୍ମ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ପ୍ରଦାନ କରାଯାଉଛି ବୋଲି ଏଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲ୍ଲାର ବାଣପୁର, ବାଲୁଗାଁ , ଜଟଣୀ ଏବଂ ଖୋର୍ଦ୍ଧା ଅଞ୍ଚଳର ଜନସାଧାରଣଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି। ୨୧ ବର୍ଷରୁ ଅଧିକ ୬୦ ବର୍ଷରୁ କମ୍ ମହିଳା ଏଥିପାଇଁ ଆବେଦନ କରିପାରିବେ । ଆବେଦନକାରୀ ମହିଳାଙ୍କର ଯେପରି ଆଧାରକାର୍ଡ ସହିତ ବ୍ୟାଙ୍କ୍ ଲିଙ୍କ ସଠିକ୍ ରହିବ ସେଥିପାଇଁ ଧ୍ୟାନ ଦେବାକୁ କୁହାଯାଇଥିବା ବେଳେ ଜନସେବା କେନ୍ଦ୍ର ଗୁଡିକରେ ଫର୍ମ ପୁରଣ ପରେ ଲିଙ୍କ କରିବାକୁ କୁହାଯାଇଛି ।




### ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖୋଲିଲା ବିଜ୍ଞାନ ଓ ବାଣିଜ୍ୟ ବିଭାଗ

## ୬ରୁ ନାମ ଲେଖା

**କେନ୍ଦ୍ରାପଡ଼ା, ୨।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ କଲେଜଛକ ନିକଟରେ ଥିବା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଚଳିତ ବର୍ଷ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିଛି । ଏହି ବିଦ୍ୟାଳୟରେ ଆସନ୍ତା ୬ ତାରିଖରୁ +୨ ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖା ଆରମ୍ଭ ହେବା ନେଇ ସୂଚନା ଦେଉଛନ୍ତି ପ୍ରିନ୍ସିପାଲ ଦିଲ୍ଲୀପ ମହାନ୍ତି। ୧୯୮୮ ମସିହାରୁ ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ଆରମ୍ଭ ହୋଇଥିଲା । ପରେ ୧୯୯୭ ମସିହାରେ +୩ କଳା ଖୋଲାଯାଇ ଥିଲା । ଦୀର୍ଘଦିନ ଧରି ଏଠାରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲାଯିବାକୁ ସାଧାରଣରେ ଦାବି ହେଉଥିଲା । କିନ୍ତୁ ଏଥିପ୍ରତି ଯେଉଁ ଭଳି ଭାବେ ଉଦ୍ୟମ ହେବା କଥା ତାହା ହୋଇ ନଥିଲା । ଗତବର୍ଷ ଏପ୍ରିଲ ୧ ତାରିଖରେ ପ୍ରିନ୍ସିପାଲ ଭାବେ ଦାୟିତ୍ୱ ନେଲେ ଶ୍ରୀଯୁକ୍ତ ଦୀଲ୍ଲିପ କୁମାର ମହାନ୍ତି। ସେ ଦାୟିତ୍ୱ ନେବା ପରେ ଗତ ନଭେମ୍ବର ୨୦୨୩ରେ ବିଧିବଦ୍ଧ ଭାବେ +୨ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲାଯିବା ପାଇଁ ସରକାରଙ୍କୁ ଆବେଦନ କରିଥିଲେ । ଗତ ଜୁନ୍ ୨୪ ତାରିଖରେ ସରକାରଙ୍କ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଉଚ୍ଚ କ୍ଷମତା ସଂପନ୍ନ କମିଟି କଲେଜ ପକ୍ଷରୁ ହୋଇଥିବା ଆବେଦନକୁ ମଞ୍ଜୁର କରିଥିଲେ । ଫଳରେ +୨ ବିଜ୍ଞାନରେ ୧୨୮ ଓ +୨ ବାଣିଜ୍ୟରେ ୬୪ ସଂଖ୍ୟା ଆସନକୁ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଶିକ୍ଷାବର୍ଷର ପ୍ରଥମ ପର୍ଯ୍ୟାୟ ପାଇଁ ଏହା ବିଳମ୍ବିତ ହୋଇଥିବାରୁ ସରକାର ନିର୍ଦ୍ଧାରିତ କରିଥିବା ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ୧୩ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନରେ ନାମ ଲେଖା ପାଇଁ ଆବେଦନ କରାଯିବ ବୋଲି ଅଦକ୍ଷ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଏହି ସମ୍ବାଦ ଛାତ୍ରଛାତୀ ଓ ସ୍ଥାନୀୟ ଅଭିଭାବକଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବାବେଳେ ବୁଦ୍ଧିଜୀବୀମାନେ ଏହାକୁ ସ୍ୱାଗତ କରିଛନ୍ତି ।ଏହି ବିଦ୍ୟାଳୟରେ ପାଠପଢା ବେଶ ଉଚ୍ଚ କୋଟିର । ୫ଟି ଅଧୀନରେ କାମ ହୋଇ ସ୍ମାର୍ଟ କ୍ଲାସରୁମ ସହ ଉନ୍ନତ ଇନ୍ଫ୍ରା ଷ୍ଟ୍ରକ୍ଚର ରହିଛି। ଯାହାକି ଛାତ୍ରଛାତ୍ରୀଙ୍କ ପାଇଁ ବେଶ ଆଦୃତ ହେବ ବୋଲି ଅଧକ୍ଷ ଶ୍ରୀ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



### ଜଣେ ଡାକ୍ତରରେ ଚାଲିଛି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ରୋଗୀଙ୍କ ଅବସ୍ଥା କହିଲେ ନ ସରେ

**କଣାସ, ୨।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚକରି ଚାଲିଥିବା ବେଳେ ପୁରୀ ଜିଲ୍ଲାର କଣାସ ବ୍ଲକରେ କଣାସ ଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ରୋଗୀମାନଙ୍କ ଅବସ୍ଥା କହିଲେ ନ ସରେ । ଖବର ନେବାରେ ଜଣାପଡିଛି ୩ଜଣ ମାତ୍ର ଡାକ୍ତର ଓ ଜଣେ ଆୟୁଶ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ପାଳିକରି ଦିନକୁ ଜଣେ ଡାକ୍ତର ୨୪ଘଣ୍ଟା ଡିୟୁଟି କରୁଥିବାରୁ ରୋଗୀମାନେ ଡାକ୍ତରଙ୍କୁ ଦେଖାକରିବା ପାଇଁ ଖରାବର୍ଷା ସହି ଦୀର୍ଘ ଦୁଇଘଣ୍ଟାରୁ ଉର୍ଦ୍ଧ ଲମ୍ବାଲାଇନ୍‌ରେ ଠିଆ ହେଉରହୁଥିବାରୁ ରୋଗୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଖବର ନେବାରେ ଜଣାପଡିଛି ଜଣେ ସୁପରିଟେଣ୍ଡେଣ୍ଟ , ଜଣେ ବ୍ଲକ ଜନ ସ୍ୱାସ୍ଥ୍ୟାକାରୀ ଅଧିକାରୀ, ଜଣେ ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ, ଜଣେ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶୌଲ୍ୟ ବିଶେଷଜ୍ଞ, ଆସିଷ୍ଟାଣ୍ଟ ସରଜନ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଛି । ପଦବୀ ଗୁଡିକ ପୂରଣ କରିବା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ବାରମ୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ଦିନକୁ ଦିନ ଜନ ଆସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଦୈନଦିନ ୩ଶହରୁ ଉର୍ଦ୍ଧ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବାରୁ ଜଣେ ମାତ୍ର ଡାକ୍ତର ରୋଗୀମାନଙ୍କୁ ଦେଖିବା ପାଇଁ ଦୀର୍ଘ ସମୟ ନେଉଥିବା ଜଣାପଡିଛି । ଏ ସଂପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ୩ଜଣ ଡାକ୍ତର ଓ ଆୟୁଶ ଡାକ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚଳାଇବାକୁ ପଡୁଛି । ବାରମ୍ବାର ଖାଲିପଡି ଥିବା ଡାକ୍ତର ପଦବୀ ପୂରଣ କରିବାକୁ ଉଚ୍ଚ ଅଧିକାରୀଙ୍କୁ ମୁଁ ପତ୍ର ଲେଖିଛି ।




## କଣ୍ଟେନରରୁ ବୋହି ନେଲେ ଘରକରଣା ସାମଗ୍ରୀ

**ରାଜନଗର, ୨।୯ (ସଂଚାର ବ୍ୟୁରୋ):** ବଂଗୋପସାଗର ତଟବର୍ତ୍ତୀ ଜନଗହଳିଶୂନ୍ୟ ସାତଭାୟା ବେଳାଭୂମିରେ ଆଜି ସକାଳ ଶହ ଶହ ଲୋକଙ୍କ ଗହଳ ଚହଳ, ଗାଡିମୋଟର ଶବ୍ଦ ଭିତରେ ଲୋକଙ୍କ କୋଳାହଳ ଲାଗି ରହିଥିଲା। ଏହାରି ଭିତରେ ଲୋକେ ବୋହିଚାଲିଥିଲେ ଘରକରଣା ସାମଗ୍ରୀ। ଗଭୀର ସମୁଦ୍ରରୁ ଭାସି ଆସିଥିବା ଦୁଇଟି କଣ୍ଟେନର ବେଳାଭୂମିରେ ଲାଗିବା ପରେ ଲୋକମାନଙ୍କର ଗହଳି ଚହଳି ଲାଗି ରହିଥିଲା। ଦୁଇଟି କଣ୍ଟେନର ଭିତରେ ରହିଥିବା ପ୍ରଶାଧାନ ସାମଗ୍ରୀ ଠୁଁ ଆରମ୍ଭ କରି ଘରକରଣା, ରୋଷେଇ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ଥିଲା। ସାତଭାୟାର ମା'ପଂଚୁବରାହୀଙ୍କ ପୁରୁଣା ମନ୍ଦିର ନିକଟରେ ଏହି ଦୁଇଟି କଣ୍ଟେନର ଲାଗିଥିଲା। ଆଜି ସକାଳୁ ଖବରପାଇ ଗୁପ୍ତି, ଓକିଲପାଳ, ଦେବେନ୍ଦ୍ରନାରାୟଣପୁର, ବଗପାଟିଆ, ସାତଭାୟା ଅଂଚଳର ଶହ ଶହ ଲୋକେ ବାଉଁଶଗଡ ନଦୀ ପାର ହୋଇ ସାତଭାୟା ସମୁଦ୍ର କୂଳରେ ପହଁଚିଥିଲେ। ବନବିଭାଗ ପକ୍ଷରୁ ବାଉଁଶଗଡ ନଦୀରେ ପକାଯାଇଥିବା ଘାଟରେ ଏହି ନିଷିଦ୍ଧାଂଚଳକୁ ଲୋକଙ୍କୁ ପାର କରାଯାଇଥିଲା। ଲୋକେ ମୋଟରସାଇକେଲ ଓ ବସ୍ତା ଧରି ଘାଟ ପାର ହୋଇ ୭କିମି ଦୂରରେ ଲାଗିଥିବା ସମୁଦ୍ର କୂଳରେ କଂଟେନର ପାଖରେ ପହଁଚିଥିଲେ। କଂଟେନରର ତାଲାକୁ ତାଡି ଦୁଇଟି କଣ୍ଟେନରରେ ଥିବା ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀକୁ ବୋହି ଆଣିଥିଲେ। ଏହି କଣ୍ଟେନରରେ କପ ପ୍ଲେଟ, ମ୍ୟୁଜିକ ବକ୍ସ, ଫ୍ରିଜ, ଗଜରେଜ, ଶାଢୀ, ଜୋତା, ସାର୍ଟପ୍ୟାଂଟ, ଛତା, କବାଟ ତିଆରି ସାମଗ୍ରୀ, ଗଛ କଟା ସାମଗ୍ରୀ, ସୋରିଷ ତେଲ ଠୁଁ ଆରମ୍ଭ କରି ରୋଷେଇ ସାମଗ୍ରୀ, ଶୁଖିଲା ଖାଦ୍ୟ, ଏୟାର ବ୍ୟାଗ ଯାଏଁ ସମସ୍ତ ସାମଗ୍ରୀକୁ ଶହ ଶହ ଲୋକେ ନିଜ ନିଜ ଭିତରେ ବାଣ୍ଟି ନେଇଥିଲେ। ଯିଏ ଯାଉଥିଲା, ସିଏ ମୋଟର ସାଇକେଲରେ ବସ୍ତାରେ ବାନ୍ଧି ସାମଗ୍ରୀ ବୋହି ଆଣୁଥିଲା। ସବୁଠୁ ବଡକଥା ହେଲା ଏହି କଣ୍ଟେନର କେଉଁଠୁ ଆସିଲା ? କୌଣସି ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ପରେ ଜାହାଜରେ ଥିବା କଣ୍ଟେନର ଗୁଡିକ ଭାସି ଭାସି ଆସି ସାତଭାୟା ସମୁଦ୍ର କୂଳରେ ଲାଗିଥିବା କୁହାଯାଉଛି। ସାତଭାୟା ଅଂଚଳରେ ଥିବା ସମସ୍ତ ଅଧିବାସୀଙ୍କୁ ବଗପାଟିଆ ଠାରେ ଥଇଥାନ କରାଯାଇଛି। ଥଇଥାନ କରାଯିବା ପରେ ସାତଭାୟା ଜନଶୂନ୍ୟ ଅଂଚଳ ହୋଇଛି। ଏହି ଅଂଚଳ ବନବିଭାଗ କବଜାରେ ରହିଛି। ସାତଭାୟାରେ ବନବିଭାଗର ବିଟ ହାଉସ ରହିଛି। ଏ ସଂପର୍କରେ ରେଂଜ ଅଫିସର ଚିତ ରଂଜନ ବେହୁରାଙ୍କୁ ପଚାରିବାରୁ କଣ୍ଟେନର ଦୁଇଟି ଖାଲିଥିଲା, ଅଳ୍ପ କିଛି କୁରକୁରି ଓ ଅନ୍ୟ ସାମଗ୍ରୀ ଥିଲା। ଆଜି ଦିନ ୨/୩ଟା ବେଳେ ସାତଭାୟାର କର୍ମଚାରୀମାନେ ଏ ସଂପର୍କରେ ଜଣାଇଲେ ବୋଲି କହିଛନ୍ତି।



### ମହାନଦୀ ପୋଲ ଉପରୁ ବାଇକ୍ ଉଦ୍ଧାର

## ଅଗ୍ନିଶମ ବିଭାଗର ସର୍ଚ୍ଚ ଅପରେସନ

**ସୁବର୍ଣ୍ଣପୁର, ୨।୯ (ସଂଚାର ବ୍ୟୁରୋ):** ଗତକାଲି ରବିବାର ୧ ସେପ୍ଟେମ୍ବର ରାତିରେ ସୋନପୁର ସଦର ପୋଲିସ ଟିମ୍ ନାଇଟ ପେଟ୍ରୋଲିଂ କରୁଥିବା ବେଳେ ସୋନପୁର ମହାନଦୀ ପୋଲ ଉପରୁ ଏକ ଅଜଣା ବାଇକ୍ ଉଦ୍ଧାର କରିଛି। ପୋଲ ଉପରେ ଏକ ଟିଭିଏସ ଆପାଚି ବାଇକ ସହ ଗୋଟେ ମନି ପର୍ସ ଓ ଏକ ପେୟାର ଚପଲ ରଖାଯାଇଥିବା ବେଳେ ପାଖରେ କେହି ନ ଥିବା ଦେଖିଥିଲେ ପୋଲିସ ଟିମ। ବାଇକ ନମ୍ବରଟି ହେଲା ବଲାଙ୍ଗୀର ରେଜିଷ୍ଟ୍ରେସନ ଥିବା ଓଡିଠ୩ଏଚ- ୨୮୨୪ ଓ ନମ୍ବର ପ୍ଲେଟ ତଳକୁ ଓ ଟିଭି ଲଗୋ ରହିଥିବା ଦେଖିବାକୁ ମିଳିଛି। ଏ ନେଇ ପୋଲ ଉପରେ ବାଇକ୍ ରଖି କେହି ନଦୀକୁ ଡେଇଁଥିବା ସନ୍ଦେହ କରାଯାଇଛି । ସୋନପୁର ପୋଲିସ ପୋଲ ଉପରେ ଥିବା ବାଇକଟିକୁ ଉଦ୍ଧାର କରି ଥାନାରେ ରଖିଛି। ଯୁବକ ଜଣକ କିଏ ଓ ପୋଲ ଉପରୁ ଡେଇଁଛନ୍ତି ନା କେଉଁ ଆଡ଼େ ଚାଲିଯାଇଛନ୍ତି ତାହା ସ୍ପଷ୍ଟ ଜଣା ପଡ଼ି ନ ଥିବାବେଳେ ଲିଖିତ ଅଭିଯୋଗ ପରେ ଆଜି ପୂର୍ବାହ୍ନ ପରେ ସୋନପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ସେପଟେ ଆଜି ଅପରାହ୍ନ ୩ ଟା ବେଳେ ସୋନପୁର ଓ ବୀର ମହାରାଜ ପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛନ୍ତି। ଆଜି ଓଡ୍ରାପ୍ ଟିମ୍ ମଧ୍ୟ ଏ ସର୍ଚ୍ଚ ଅପରେସନ ରେ ସାମିଲ୍ ହେବେ ବୋଲି ସନ୍ଧ୍ୟା ରେ ସୁଚନା ମିଳିଛି ।



### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ଜଣେ ମହିଳା ସମେତ ୩ ଅଟକ

**ପିପିଲି, ୨।୯ (ସଂଚାର ବ୍ୟୁରୋ):** ପିପିଲି ବ୍ଲକର କଣ୍ଟି ଗ୍ରାମପଞ୍ଚାୟତ ର ସାନକଣ୍ଟି ଗ୍ରାମରେ ଗତକାଲି ରାତିରେ ଜଣେ ଯୁବକର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି। କେନାଲ ବନ୍ଧ ଉପରୁ ମିଳିଛି ଯୁବକର ମୃତ ଦେହ। ଯୁବକ ଜଣକ ହେଉଛନ୍ତି ସେହି ଗ୍ରାମର ବବୁଲ ଓରଫ ନୀଳକଣ୍ଠ ପାଇକରାୟ ବୟସ ୨୬ବର୍ଷ। ତେବେ ଯୁବକ ଙ୍କୁ ହତ୍ୟା କରାଯାଇଥିବାର ଯୁବକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କ ରେ ବବୁଲଙ୍କ ବାପା ବିବେକା ନନ୍ଦ ପାଇକରାୟ ପିପିଲି ଥାନାରେ ଅଭିଯୋଗ କରିବା ପରେ ପିପିଲି ପୋଲିସ ୩୮୪/୨୪ରେ ଏକ ମାମଲା ରୁଜୁ କରି ତପନ କୁମାର ଦାସ, ଅନାଦି ଦାସ, ଏବଂ ସବିତା ମଳିକ ତିନି ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ପିପିଲି ପୋଲିସ ଠାରୁ ପ୍ରକାଶ ସାନ କଣ୍ଟି ଗ୍ରାମର ବିବେକ ନନ୍ଦ ପାଇକରାୟ ଙ୍କ ପୁଅ ବବୁଲ ସେହି ଗ୍ରାମର ତପନ କୁମାର ଦାସ ଙ୍କ ସ୍ତ୍ରୀ ସବିତା ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବବୁଲର ବୟସ ୨୬ହୋଇଥିବାବେଳେ ସବିତାର ବୟସ ୪୬ବର୍ଷ। ଏହି ପ୍ରେମ ସମ୍ପର୍କକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପାଞ୍ଚ/ସାତ ଥର ଉଭୟ ପରିବାର ଅଭିଯୋଗ ନେଇ ପିପିଲି ଥାନାକୁ ଆସିଛନ୍ତି। ଭଦ୍ରଲୋକଙ୍କ ହସ୍ତକ୍ଷେପରେ ଆପୋଷ ସମାଧାନ ହୋଇଛି। ଏପରିକି ବବୁଲ ସବିତାକୁ ନେଇ ମଝିରେ ତିନିମାସ ଫେରାର ହୋଇଯାଇଥିଲା। ତେବେ ଗତକାଲି ରାତି ଏଗାରଟା ସମୟରେ ଫୋନ ଆସିବାରୁ ବବୁଲ ସାଙ୍ଗେ ସାଙ୍ଗେ ଘରୁ ବାହାରି ଗଲା। ସ୍ତ୍ରୀ ଖାଇବାକୁ ଡାକୁଛି ତା କଥା ନଶୁଣୀ ଆସିଲେ ଖାଇବ ବୋଲି କହି ଚାଲି ଗଲା। ଏହାପରେ ବବୁଲ ସବିତା ଘରଠାରେ ପହଞ୍ଚି ସେଠାରୁ ଲାଇନ କାଟିବା ପରେ ବାବୁଲର ହାଇଡ୍ରୁସକୁ ଆକ୍ରମଣ କରି ମାରିଦେଇଥିବାର ପିପିଲି ପୋଲିସ ସନ୍ଦେହ କରୁଛି। ପୋଷ୍ଟ ମଟମ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣା ପଡିବ।



## ପୁରୁଷୋତ୍ତମପୁର ଏନ୍‌ଏସିରେ ଅନାସ୍ଥା ଦାବି

**ବ୍ରହ୍ମପୁର, ୨।୯ (ସଂଚାର ବ୍ୟୁରୋ):** ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୯ ଜଣ କାଉନସିଲର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟନେଇ ଅନାସ୍ଥା ପ୍ରସ୍ତାବ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି । ୬ ଦଫା ଦାବି ନେଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ନିୟମ ଅନୁଯାୟୀ ଅଧକ୍ଷା ନିୟମିତ ବୈଠକ କରୁନଥିବା ଅଭିଯୋଗ ହେଉଛି। ସେହିଭଳି ବୈଠକରେ ଗୃହିତ ଖସଡ଼ା ପଠନ ହେଉନାହିଁ । ଟେଣ୍ଡର ନହୋଇ ଅର୍ଥ ହରିଲୁଟ ହେଉଥିବା କୁହାଯାଇଛି । ଏଭଳି ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଛି । ଉପାଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୯ ଜଣ କାଉନସିଲର ଜିଲ୍ଲାପାଳଙ୍କ ନିକଟରେ ଦାବି ଉଠାଇଛନ୍ତି । ଅନ୍ୟପଟେ ଅଧ୍ୟକ୍ଷା କହିଛନ୍ତି ଯେ ସମସ୍ତ ଅଂଚଳରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଅଧ୍ୟକ୍ଷା କହିଛନ୍ତି ।

### ଜବରଦଖଲକାରୀଙ୍କ କବ୍‌ଜାରେ ଗରଢିଅ ଗ୍ରାମ୍ୟରାସ୍ତା

## ଉଛେଦ ପାଇଁ ତହସିଲଦାରଙ୍କ ନିକଟରେ ଦାବି

**ଦଶରଥପୁର, ୨।୯ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତସ୍ଥ ମଲ୍ଲୀକାପୁର ରାଜସ୍ୱ ନିରୀକ୍ଷକଙ୍କ ଅଧିନସ୍ଥ ଗରଢିଅ ଗ୍ରାମର ସର୍ବସାଧାରଣ ଗ୍ରାମ୍ୟ ରାସ୍ତାଟିକୁ ଗ୍ରାମର କିଛି ଲୋକ ଦୀର୍ଘଦିନ ହେବ ଜୋର ଜବରଦସ୍ତ ଜବର ଦଖଲ କରି ରଖିଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହାଫଳରେ ରାସ୍ତାଟି ଅଣଓସାରିଆ ହୋଇଯିବା ସହ ଏକା ସଙ୍ଗେ ଦୁଇଟି ବାଇକ କିମ୍ବା ଦୁଇଟି ସାଇକେଲ ପାସ କରିବା ସମ୍ଭବପର ହେଉନଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ରାସ୍ତାଦେଇ ଜରୁରୀ କାଳୀନ ଆମ୍ବୁଲାନ୍ସ, ଦମକଳ ଗାଡି ସହ ସ୍କୁଲ କଲେଜ ଗାଡିଗୁଡିକ ଯାତାୟତ କରିପାରୁନଥିବାରୁ ଅନେକ ସମୟରେ ଏଥିପାଇଁ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏଥିନେଇ ଗ୍ରାମବାସୀମାନେ ୨ ବର୍ଷ ପୂର୍ବେ ତତ୍କାଳୀନ ଦଶରଥପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀମାନଙ୍କ ଅଭିଯୋଗକୁ ଭିତ୍ତି କରି ସର୍ବସାଧାରଣ ରାସ୍ତା ମାପ ଚୁପ କରିବା ପାଇଁ ଦଶରଥପୁର ତହସିଲଦାରଙ୍କ ନିର୍ଦ୍ଦେଶନାମା ଥାଇ ମଲ୍ଲୀକାପୁର ରାଜସ୍ୱ ନିରୀକ୍ଷକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମାପ ତାରିଖ ଉଲ୍ଲେଖ ଥାଇ ଦୁଇ ଦୁଇ ଥର ନୋଟିସ କରିବା ସହ ଗ୍ରାମବାସୀମାନଙ୍କୁ ମଧ୍ୟ ନୋଟିସ ଦେଇଥିଲେ। ହେଲେ ମାପ କରିବା ପାଇଁ ନିର୍ଦ୍ଧାରିତ ତାରିଖରେ ତହସିଲରୁ କୌଣସି ଅଧିକାରୀ ଆସିନଥିଲେ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ବେଆଇନ ଜବରଦଖଲକୁ ଉଛେଦ କରିବା ପାଇଁ ଗରଢିଅ ଗ୍ରାମର ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ନାୟକ, କେଦାର ପଣ୍ଡା, ବିରଞ୍ଚି ନାରାୟଣ ସାହୁ, ରାଜନାରାୟଣ ପଣ୍ଡାଙ୍କ ସମେତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦଶରଥପୁର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବା ପାଇଁ ଯାଇଥିଲେ। ତହସିଲଦାର ଅନୁପସ୍ଥିତି ଥିବାରୁ ଅତିରିକ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଶୀଘ୍ର ଜବରଦଖଲକାରୀଙ୍କ କବ୍‌ଜାରୁ ସର୍ବସାଧାରଣ ରାସ୍ତାଟିକୁ ଅବରୋଧ ମୁକ୍ତ କରିବା ପାଇଁ ଦାବି କରିଥିଲେ।



# ବାର୍ଡ ଫ୍ଲୁ ଆତଙ୍କ: ଆସିବେ କେନ୍ଦ୍ରୀୟ ଟିମ୍




**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ବାର୍ଡ ଫ୍ଲୁ ରୋଗ ଜନିତ ବର୍ତ୍ତମାନର ସ୍ଥିତି ଏବଂ ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଜି ଅପରାହ୍ନରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା, ମନୋଜ ଅହୁଜା, ଭାରତ ସରକାରଙ୍କ ପଶୁପାଳନ ଏବଂ ଦୁଗ୍ଧ ବିଭାଗର ସଚିବ ଅଳକା ଉପାଧ୍ୟାୟ, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶଏବଂଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ପୁରୀ, କେନ୍ଦ୍ରାପଡା ଏବଂ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଯୋଗଦେଇଥିଲେ।

ବର୍ତ୍ତମାନ ପର୍ଯ୍ୟନ୍ତ ଆମ ରାଜ୍ୟର କେବଳ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡା ଏବଂ ଡେଲାଙ୍ଗ ବ୍ଲକର ଚାରିଟି ଗ୍ରାମରେ ବାର୍ଡ ଫ୍ଲୁ ରୋଗ ଚିହ୍ନଟ କରାଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ଯୋଜନା ଅନୁଯାୟୀ ଏହି ରୋଗର ନିୟନ୍ତ୍ରଣ ଏବଂ ନିରାକରଣ କାର୍ଯ୍ୟକ୍ରମ ଚାଲୁଅଛି। ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ସଂକ୍ରମିତ କୁକୁଡ଼ାଗୁଡିକୁ ମରାଯାଇସାରିଥିବା ସ୍ଥଳେ ଡେଲାଙ୍ଗ ଏବଂ ନିମାପଡା ବ୍ଲକରେ ଏହି ପ୍ରକ୍ରିୟା ଜାରି ରହିଛି । ରୋଗ ସଂକ୍ରମଣ ରୋକିବା ପାଇଁ ୫୧ଟି ରାପିଡ୍ରେସପନ୍ସ ଟିମ୍ (ଆରଆରଟି) ପକ୍ଷୀମାନଙ୍କୁ ମାରିବା ଏବଂ କୁକୁଡ଼ା ଫାର୍ମଗୁଡ଼ିକର ବିଶୋଧନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୩୫,୩୨୯ଟି କୁକୁଡ଼ା ମରାଯାଇଛି, ୮୪ଗୋଟି ଅଣ୍ଡା ଏବଂ ୧୫,୩୮୦ କିଲୋଗ୍ରାମ କୁକୁଡ଼ା ଦାନା ନଷ୍ଟ କରାଯାଇଅଛି । ଏପର୍ଯ୍ୟନ୍ତ ୧୦,୯୪,୫୭୨ ଟଙ୍କା କ୍ଷତିପୂରଣ ଅର୍ଥ ଭାବରେ କୃଷକମାନଙ୍କୁ ପ୍ରଦାନ କରାଯାଇଛି।

ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ଥିବା ପ୍ରମୁଖ ଜଳ ଉତ୍ସ ଏବଂ ପୂର୍ବରୁ ବାର୍ଡ ଫ୍ଲୁ ହୋଇଥିବା ଜିଲ୍ଲାମାନଙ୍କରେ ନମୁନା ସଂଗ୍ରହ ପ୍ରକ୍ରିୟା ତଥା ରୋଗର ଅନୁସନ୍ଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଜନସଚେତନତା କାର୍ଯ୍ୟକ୍ରମ ଜାରିରହିଛି। ରୋଗ ଚିହ୍ନଟ ପାଇଁ ଅଧିକ ନମୂନା ପଠାଇବା ସହିତ କୁକୁଡ଼ା ତଥା କୁକୁଡ଼ା ଚାଷ ସହ ଜଡିତ ଦାନା ଏବଂ ଅନ୍ୟାନ୍ୟ ସାମଗ୍ରୀ, ସଂକ୍ରମିତ ଅଞ୍ଚଳକୁ ନେବା ଆଣିବାକୁ ନିୟନ୍ତ୍ରଣ କରାଯିବ । ଜନସାଧାରଣ ଏଥିପାଇଁ ଭୟଭୀତ ନହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ଏ ଦିଗରେ ସଚେତନତା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ।

### ଜିଲ୍ଲାପାଳଙ୍କୁ ଯୁବ କଂଗ୍ରେସର ଦାବିପତ୍ର

## ଆଇନ ଶୃଙ୍ଖଳା ସ୍ଥିତି ସୁଧାର

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ବିଗତ ଦିନରେ ଖୋର୍ଦ୍ଧା ଜିଲ୍ଲାର ଛଣଗିରି, କୁହୁଡ଼ି ଏବଂ ଗତ କିଛି ଦିନ ତଳେ ମକୁନ୍ଦପ୍ରସାଦ ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ଜଘନ୍ୟ ହତ୍ୟାଭଳି ଅପରାଧିକ ମାମଲା ସୃଷ୍ଟି ହୋଇଛି। ପାଇକମାଟି ଖୋର୍ଦ୍ଧା ଭଳି ଏକ ପବିତ୍ର ମାଟିରେ ଏଭଳି ଅପରାଧିକ କାର୍ଯ୍ୟପାଇଁ ସାରା ଖୋର୍ଦ୍ଧା ତଥା ଓଡ଼ିଶାବାସୀ ଭୟଭିତ ଅଛନ୍ତି। ଖୋର୍ଦ୍ଧା ଏକ ସ୍ୱାଭିମାନୀ ମାଟି ହୋଇଥିବା ବେଳେ ଏଭଳି ଅପରାଧିକ କାର୍ଯ୍ୟପାଇଁ ସାରା ଖୋର୍ଦ୍ଧାବାସୀ ଏବେ ଶାନ୍ତି ଏବଂ ଭାଇଚାରାର ବାର୍ତା ଦେବାପାଇଁ ଚାହୁଁଛନ୍ତି। ଆଜି ସଂଧ୍ୟାରେ ରାଜ୍ୟ ଯୁବ କଂଗ୍ରେସ ନେତା ଶ୍ରୀ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟି ଖୋର୍ଦ୍ଧା ଜିଲ୍ଲାରେ କିପରି ଭାବରେ ଶାନ୍ତି, ଭାଇଚାରା ପୂନଃ ଫେରିଆସିବ ସେ ନେଇ ଆଲୋଚନା କରିଛନ୍ତି। ଶ୍ରୀ ପାତ୍ର ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ଖୋର୍ଦ୍ଧା ଜିଲ୍ଲାପାଳ ତାଙ୍କ ଦାବି ଶୁଣିବା ସହ ଯେଉଁମାନେ ଅପରାଧିକ କାର୍ଯ୍ୟରେ ସଂପୃକ୍ତ ଅଛନ୍ତି ଏବଂ ଖୋର୍ଦ୍ଧାରେ ହିଂସା ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛନ୍ତି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯୁବ କଂଗ୍ରେସର ପ୍ରତିନିଧି ମଣ୍ଡଳୀରେ ସୁଦୀପ ସାମଲ, ଗୋପନ ମାର୍ଥା, ନିହାର ବେହେରା, ମହମ୍ମଦ ପରଭେଜ, ବଟକୃଷ୍ଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପଗଡ଼ବିଲି ଗ୍ରାମକୁ ରାସ୍ତା ନିର୍ମାଣ ଦାବି



**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶିରିଝିଲି ପଞ୍ଚାୟତ ଅନ୍ତର୍ଗତ ପଗଡ଼ିବିଲି ଗ୍ରାମକୁ ପକ୍କା ରାସ୍ତା ଟିଏ ନିର୍ମାଣ ହୋଇପାରିଲା ନାହିଁ । ଏହା କୌଣସି ଉପାନ୍ତ ଅଞ୍ଚଳ ନୁହେଁ । ବ୍ଲକ୍ ଠାରୁ ମାତ୍ର ୮ କି.ମି. ଦୂରରେ ଥିବା ଗ୍ରାମ। ଦୀପ ତଳ ଅନ୍ଧାର ଭଳି ଆଜି ପର୍ଯ୍ୟନ୍ତ ପ୍ରଶାସନର ଶୁଭ ଦୃଷ୍ଟି ପଡ଼ିନାହିଁ। ଦୁର୍ଗମ ଗ୍ରାମ ଗୁଡ଼ିକର ରାସ୍ତା ଚକାଚକ କରୁଥିବା ବେଳେ ନିକଟସ୍ଥ ଗାଁକୁ ରାସ୍ତା ନ ଥିବା କ୍ଷୋଭର ବିଷୟ। ବର୍ଷାଦିନେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡେ । ଗର୍ଭବତୀ ମହିଳାମାନଙ୍କ ନିକଟକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ । ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଯିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଗ୍ରାମର ଅନେକ ଲୋକ ଏଠି ବ୍ୟବସାୟ ଓ କାମଧନ୍ଦା କରି ବଞ୍ଚନ୍ତି । ସେମାନେ ମଧ୍ୟ ବହୁତ ଅସୁବିଧା ଭୋଗ କରନ୍ତି। ଗୁଣୁପୁର ନିର୍ବାଚନ ସମୟରେ ଶ୍ରୀମାନ୍ ଶିବ ଗୌଡ଼ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଏବେ କିନ୍ତୁ ସବୁ ଚୁପ୍...। ନିର୍ବାଚନ ଆସିଲେ ରାଜନେତା ଆସନ୍ତି ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ନିର୍ବାଚନ ସରିଗଲେ ପ୍ରତିଶ୍ରୁତି ସେମିତି ପ୍ରତିଶ୍ରୁତିରେ ରହିଯାଏ । ତେଣୁ ଆଗାମୀ ଦିନରେ ସେମାନଙ୍କୁ ଉଚିତ୍ ଶିକ୍ଷା ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମର ଜି.ଏମ୍. ମୋହନ ରାଓ, କୃଷ୍ଣଚନ୍ଦ୍ର ଗୌଡ଼, ଶ୍ୟାମସୁନ୍ଦର ଗୌଡ଼, ଭଗବାନ ଗୌଡ଼, ବଗା ଗୌଡ଼, ଜି.ଏମ୍. ରାମକୃଷ୍ଣ ପ୍ରମୁଖ ତୁରନ୍ତ ସରକାର ଏହି ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଦାବି କରିଛନ୍ତି।

### ପାରଳାଖେମୁଣ୍ଡି ପୌରାଞ୍ଚଳରେ ଯୋଗାଣ ବିଭାଗର ମିଳିତ ଚଢ଼ଉ

## ୫ ଗ୍ୟାସ ସିଲିଣ୍ଡର ଜବତ: ୩୧,୦୦୦ ଟଙ୍କା ଜୋରିମାନା ଆଦାୟ

**ପାରଳାଖେମୁଣ୍ଡି, ୨।୯ (ସଂଚାର ବ୍ୟୁରୋ):** ପାରଳାଖେମୁଣ୍ଡି ପୌରାଞ୍ଚଳରେ ଆଜି ଜିଲ୍ଲା ଯୋଗାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଚଢାଉ ହୋଇଥିଲା । ଜିଲ୍ଲାପାଳ ବିଜୟ କୁମାର ଦାସ, ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢଉରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା, ଫୁଡ୍ ଇନ୍ସପେକ୍ଟର ତପସ୍ୱିନୀ ବେହେରା, ଏମ୍ଆଇ ଲଳିତା ପ୍ରଧନ, ସାନିଟାରୀ ଇନ୍ସପେକ୍ଟର ଭି. ଭେଙ୍କଟରାଓ ଓ ମାପ ଓଜନ ବିଭାଗର ଘନଶ୍ୟାମ ମୁଣ୍ଡା ପ୍ରମୁଖ ସାମିଲ ଥିଲେ। ପୌରାଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଖାଇବା ଦୋକାନ ଆଦିରେ ଚଢଉ ସମୟରେ ବେଆଇନ୍ ରନ୍ଧନଗ୍ୟାସ କାରବାର ସହିତ ମାପ ଓଜନରେ ଠକେଇ ଏବଂ ନିମ୍ନମାନର ଖାଦ୍ୟ ବିକ୍ରି ନଜରକୁ ଆସିଥିଲା । ଚଢଉ ସମୟରେ ୫ଟି ସିଲିଣ୍ଡର ଜବତ ହେବା ସହିତ ଆଇନ୍ ଉଲ୍ଲଙ୍ଘନ କରୁଥିବା ବ୍ୟବସାୟୀମାନଙ୍କ ଠାରୁ



୩୧,୦୦୦ ଟଙ୍କାର ଜୋରିମାନା ଆଦାୟ ହୋଇଛି । ଆଗାମୀ ଦିନରେ ଏହି ଚଢଉ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ

## ପ୍ରସ୍ତାବକୁ ସ୍ୱାଗତ ଜଣାଇଲା ପାଇକ ମହାସଂଘ

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ପ୍ରସ୍ତାବ ପ୍ରଦାନ କରିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନର ଆବଶ୍ୟକତା ରହିଛି ତାହାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ସ୍ୱାଗତ କରିଛି। ଯେଉଁ ରେଭେନ୍ସା ସାହେବଙ୍କ ସମୟରେ ତାଙ୍କର ଭୁଲ୍ ପାଇଁ ନଅଙ୍କ ଦୁର୍ଭିକ୍ଷ, ଅନାହାର ମୃତ୍ୟୁ ଘଟିଥିଲା, ହଜାର ହଜାର ଲୋକ ଭୋକରେ ମରିଗଲେ, ତାଙ୍କ ନାମରେ ଏକ ଗୁଣାତ୍ମକ ବିଶ୍ୱବିଦ୍ୟାଳୟ ରହିବା ସାମ୍ପ୍ରତିକ ସମୟରେ ଠିକ୍ ମନେ ହେଉନାହିଁ। ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ମାନ୍ୟବର କେନ୍ଦ୍ରମନ୍ତ୍ରୀଙ୍କୁ ସମର୍ଥନ କରିବା ସହିତ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେବାକୁ ସେ ନିବେଦନ କରିଛନ୍ତି। କଟକ ଜିଲ୍ଲା ପାଇକ ମହାସଂଘ ସଭାପତି ରାଜକିଶୋର ବେହେରା କୌଣସି ସ୍ୱାଧୀନତା ସଂଗ୍ରାମୀ, ବାଇମୁଣ୍ଡି କିମ୍ବା ମର୍କତ କେଶରୀ ଅବା ବାରବାଟୀ ଦୁର୍ଗ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସଂଯୋଜକ କେଦାର ଦାସ, ସମ୍ପାଦକ ପ୍ରଫେସର ଡଃ ଗାୟନ ସାମଲ, ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, କେଦାର ମହାରଣା, ମୁଖପାତ୍ର ରାଜୀବ ନୟନ ରଥ, ଉପଦେଷ୍ଟା ବିଭୂତି ସ୍ୱାଇଁ, ଭୀମସେନ ବିଶ୍ୱାଳ, ବିଜୟ କୁମାର ଆଇଜ ପ୍ରମୁଖ ମତପ୍ରକାଶ କରିଛନ୍ତି।

# ଡାଇବେଟିସ୍ ଗବେଷଣା ସନ୍ଦର୍ଭ ନିମନ୍ତେ ସମ୍ ହସ୍ପିଟାଲ ସମ୍ମାନିତ

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ ର ଡାଇବେଟିସ୍ ଓ ଏଣ୍ଡୋକ୍ରିନୋଲଜି ବିଭାଗକୁ ଅଭିନବ ଗବେଷଣା ନିମନ୍ତେ ନିକଟରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଆମେରିକାନ୍ କଲେଜ ଅଫ୍ ଫିଜିସିଆନସ୍‌ର ଇଣ୍ଡିଆ ଚ୍ୟାପ୍ଟର ସମ୍ମିଳନୀରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।

'ଆସେସମେଂଟ ଅଫ୍ ହାଇପୋଗୋନାଡିଜମ ଆଣ୍ଡ ଇଟସ ଡିଟରମିନାଂଟସ୍ ଆମଙ୍ଗ ଆଡଲଟ ମେନ ଉଇଥ ଟାଇପ- ୨ ଡାଇବେଟିସ୍ ମେଲିଟସ' ଶୀର୍ଷକ ଏହି ଗବେଷଣା ପ୍ରସୂତ ସନ୍ଦର୍ଭକୁ ଏହି ସମ୍ମାନ ମିଳିଛି। ବିଭାଗର ପ୍ରଫେସର ଜୟଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଡିଏମ୍ ଏଣ୍ଡୋକ୍ରିନୋଲଜି ରେସିଡେଂଟ ଡାକ୍ତର ଜସ୍‌ପ୍ରୀତ ସିଂହ ଏହି ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ଏହି ବିଭାଗ ଗତବର୍ଷ ମଧ୍ୟ ସବୁଠାରୁ ଶ୍ରେଷ୍ଠ ସନ୍ଦର୍ଭ ନିମନ୍ତେ ଏହି ସମ୍ମିଳନୀରେ ସମ୍ମାନିତ ହୋଇଥିଲା ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।




ବିଭାଗ ପକ୍ଷରୁ ଡାଇବେଟିସ ସଂକ୍ରାନ୍ତିୟ ଅନେକ ଗୁଡିଏ ଗବେଷଣା ପ୍ରସୂତ ସନ୍ଦର୍ଭ ପ୍ରସ୍ତୁତ କରାଯାଇଥିଲା ଯାହା ସ୍ୱାସ୍ଥ୍ୟସେବା ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହା ମଧ୍ୟ ୨୦୨୩ରେ ଇଣ୍ଟରନ୍ୟାସନାଲ ଡାଇବେଟିସ୍ ଫେଡେରେସନ୍ ସମ୍ମିଳନୀରେ ପ୍ରଥମ ପୁରସ୍କାର ଲାଭ କରିଥିଲା। ଏହି ବିଭାଗରେ ଡାଇବେଟିସ୍ ଉପରେ ହେଉଥିବା ଗବେଷଣା ତଥା ଜଟିଳ ଚିକିତ୍ସା ନିମନ୍ତେ ଅଭିନବ ଉପାୟ ଅବଲମ୍ବନ ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।

# ଆଉ ଏକ ସେମିକଣ୍ଡକ୍ଟର ୟୁନିଟ୍‌କୁ କ୍ୟାବିନେଟ ମଞ୍ଜୁରି

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ଏକ ଗତିଶୀଳ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକଶିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଗୁଜରାଟର ସାନନ୍ଦ ଠାରେ ଏକ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ କାଏନ୍ସ ସେମିକନ୍ ପ୍ରାଇଭେଟ୍ ଲିମିଟେଡ୍ ର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ପ୍ରସ୍ତାବିତ ୟୁନିଟ୍ ୩,୩୦୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ହେବ। ଏହି ୟୁନିଟରେ ଦୈନିକ ୬୦ ଲକ୍ଷ ଚିପ୍ସ ନିର୍ମାଣ କରାଯିବ । ଏଠାରେ ଉତ୍ପାଦିତ ଚିପ୍ ଗୁଡ଼ିକ ଶିଳ୍ପ, ଅଟୋମୋଟିଭ୍, ବିଦ୍ୟୁତ ଚାଳିତ ଯାନ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଦୂରସଞ୍ଚାର, ମୋବାଇଲ୍ ଫୋନ୍ ଇତ୍ୟାଦି ବିଭାଗ ଭଳି ବିଭିନ୍ନ ପ୍ରକାର ସାମଗ୍ରୀରେ ପ୍ରୟୋଗ କରାଯିବ। ଭାରତରେ ସେମିକଣ୍ଡକ୍ଟରଏବଂ ଡିସପ୍ଲେ ମ୍ୟାନୁଫାକ୍ଚରିଂ ଇକୋସିଷ୍ଟମର ବିକାଶ ପାଇଁ ବିଶେଷ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ୨୧.୧୨.୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଏବଂ ମୋଟ ୭୬,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଜୁନ୍ ୨୦୨୩ରେ କେନ୍ଦ୍ର କ୍ୟାବିନେଟ୍ ଗୁଜରାଟର ସାନନ୍ଦରେ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ପ୍ରଥମ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ୨୦୨୪ ଫେବ୍ରୁଆରିରେ ଆଉ ୩ଟି ସେମିକଣ୍ଡକ୍ଟର ୟୁନିଟ୍ କୁ ମଞ୍ଜୁରୀ ମିଳିଥିଲା। ଟାଟା ଇଲେକ୍ଟ୍ରୋନିକ୍ସ ଗୁଜରାଟର ଧୋଲେରାରେ ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଆସାମର ମୋରିଗାଓଁରେ ଗୋଟିଏ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ କରୁଛି। ଗୁଜରାଟର ସାନନ୍ଦଠାରେ ସିଜି ପାୱାର ଗୋଟିଏ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ କରୁଅଛନ୍ତି। ସମସ୍ତ ୪ଟି ସେମିକଣ୍ଡକ୍ଟର ୟୁନିଟ୍ ର ନିର୍ମାଣ ଦ୍ରୁତ ଗତିରେ ଚାଲିଛି ଏବଂ ୟୁନିଟ୍ ଗୁଡ଼ିକ ନିକଟରେ ଏକ ଦୃଢ଼ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଉଭା ହେଉଛି। ଏହି ୪ଟି ୟୁନିଟ୍ ରେ ପାଖାପାଖି ଦେଢ଼ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହି ୟୁନିଟ୍ ଗୁଡ଼ିକର ସମୁଦାୟ କ୍ଷମତା କାର୍ଯ୍ୟକ୍ଷମ ହେଲେ ଦୈନିକ ପ୍ରାୟ ୭ କୋଟି ଚିପ୍ସ ନିର୍ମାଣ କରାଯିବ ।

# ସାମ୍ବାଦିକଙ୍କ ପାଇଁ ଖୁବ୍ ଶୀଘ୍ର ପେନସନ ବ୍ୟବସ୍ଥା

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ଓଡ଼ିଶାରେ ସର୍ବପ୍ରଥମଥର ପାଇଁ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରୁଥିବା ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ ଆଲୋଚନା ସମୟରେ ଶ୍ରୀ ମାଝୀ ମତ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ହରିୟାନା ଓ ଝାଡ଼ଖଣ୍ଡ ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଚାଲୁରହିଛି ଏବଂ ବହୁବର୍ଷ ଧରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ବର୍ତ୍ତମାନ ରାଜ୍ୟରେ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପରି·ଳିତ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବାରୁ ଓଡ଼ିଶା ପ୍ରେସ୍ ଏକାଡ଼େମୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଓଡ଼ିଶାରେ ପେନସନ ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରେସ୍ ଏକାଡ଼େମୀକୁ ନୋଡ଼ାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ହେଉଛି। ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଚିହ୍ନଟ ଓ ପଞ୍ଜିକରଣ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା କରାଯାଇ ଆଗାମୀ ଜାନୁଆରୀ ୧ ତାରିଖ ଠାରୁ ୬୫ ବର୍ଷରେ ପଦାର୍ପଣ କରୁଥିବା ସାମ୍ବାଦିକମାନଙ୍କୁ ମାସିକ ୧୦ ହଜାର ଟଙ୍କା ମିଳିବ। ବରିଷ୍ଠ ସାମ୍ବାଦିକମାନଙ୍କ ସଂଖ୍ୟା ଅତି ବେଶିରେ ୫୦ଜଣ ଥିବା ସର୍ଭେରୁ ଜଣାପଡ଼ିଛି।



ରାଜ୍ୟ ସରକାର ଏ ଦିଗରେ ବିଚାର କରିବେ ବୋଲି ଶ୍ରୀ ମାଝୀ କହିଥିଲେ। ଏହି ପ୍ରତିନିଧି ଦଳରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଶ୍ରୀ ସୁଜ୍ଞାନ ଚୌଧୁରୀ, ଓଡ଼ିଶା ପ୍ରେସ୍ ଏକାଡ଼େମୀର ଅଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ଓଡ଼ିଶା ଗଣମାଧ୍ୟମ ପରିଷଦର ସମ୍ପାଦିକା ରୂପାଲି ରଉତ୍ପର୍ଣ୍ଣା, ନ୍ୟୁଜ ବ୍ୟାଙ୍କର ସମ୍ପାଦିକା ଆଲ୍ଲା ରାୟ, ଓଡ଼ିଶା ନ୍ୟୁଜ୍ ଆଲଏନ୍ସର ସମ୍ପାଦକ ଶ୍ରୀ ବଳରାମ କାନୁନଗୋ ଓ ଡେଭଲପମେଣ୍ଟ ନ୍ୟୁଜ୍ ନେଟୱାର୍କର ବାର୍ତ୍ତା ସମ୍ପାଦକ ଶ୍ରୀ ନାରାୟଣ କରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ ସମସ୍ତ ସାମ୍ବାଦିକମାନଙ୍କର ପରିଚୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ଡିଜିଟାଲ ଫସଲ ସର୍ବେକ୍ଷଣ ସମୀକ୍ଷା

**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଡିଜିଟାଲ ଫସଲ ସର୍ବେକ୍ଷଣର ସମୀକ୍ଷା ବୈଠକ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲାପାଳମାନେ ଭିଡ଼ିଓ କନଫରେନ୍ସ ଜରିଆରେ ଯୋଗଦେଇଥିଲେ ।

ଇ- ଚାଷ ଆପ୍ ଜରିଆରେ ଡିଜିଟାଲ ଫସଲର ସର୍ବେକ୍ଷଣ କରାଯାଉଛି, ଯେଉଁଥିରେ କୃଷକଙ୍କ ଫସଲ ଓ ଚାଷଜମିର ତଥ୍ୟ ସରକାରଙ୍କ ପାଖରେ ପହଂଚି ପାରୁଛି। ଏହି ସର୍ବେକ୍ଷଣ ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

ସର୍ବେକ୍ଷଣ ଆଧାରରେ ଚାଷୀମାନେ ସିଏମ୍- କିଷାନ ତଥା ଅନେକ ଅନ୍ଯ ଯୋଜନା ଅନ୍ତର୍ଗତ ଆର୍ଥିକ ସୁବିଧା ପାଇ ପାରିବେ । ଏବଂ ଏହାର ପ୍ରଥମ କିସ୍ତି ଆସନ୍ତା ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଦିନ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ବାଦ ପଡିଥିବା ସମସ୍ତ ଯୋଗ୍ୟ ଚାଷୀ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ । କୃଷକଙ୍କ ତଥ୍ୟ ଏକ ରେଜିଷ୍ଟ୍ରିରେ ଆଇଡି ସହ ରହିବ। ଏଥିପାଇଁ ପ୍ରତିଜିଲ୍ଲାରେ ନୋଡାଲ ଅଧିକାରୀ ମାନେ ରହିବେ ଓ ସେମାନେ ପ୍ରତ୍ୟକ୍ଷ ଭାବେ କ୍ଷେତ୍ର ପରିଦର୍ଶନରେ ଯାଇ ସର୍ବେକ୍ଷଣର ଅନୁଧ୍ୟାନ କରିବେ । ବାଦ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ସଂଗ୍ରହ କରି ବିଭାଗକୁ ଜଣାଇବେ । ଏ ନେଇ ଏକ ମାର୍ଗଦର୍ଶିକା ତିଆରି ହେବ ଓ ସିଏମ୍ କିଷାନ ପୋର୍ଟାଲ ବର୍ଷ ତମାମ ଖୋଲା ରହିବ ବୋଲି ପ୍ରମୁଖ ଶାସନ ସଚିବ ଡ.



ପାଢ଼ୀ କହିଛନ୍ତି । ଚାଷୀମାନେ ନୂଆ ପୋର୍ଟାଲ ଜରିଆରେ ଆବେଦନ କିମ୍ବା ତଥ୍ୟ ଅପଡେଟ କରିବା ପାଇଁ କୌଣସି ପ୍ରକାର ଦେୟ ପ୍ରଦାନ କରିବେ ନାହିଁ । ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ।

ଶେଷରେ ଜିଲ୍ଲାପାଳମାନେ ନିଜ ନିଜର ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ଡିଜିଟାଲ୍ ପ୍ରଯୁକ୍ତି ବ୍ୟବହାର କ୍ଷେତ୍ରରେ ଓଡିଶା ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଅଗ୍ରସର ହେଉଛି।

### ଭଦ୍ରକ-ବିଜୟନଗରମ୍ ତୃତୀୟ ଲାଇନ

## ପରିବହନ ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ



**ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ):** ରେଳ ମନ୍ତ୍ରଣାଳୟ ଗର୍ବର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଘୋଷଣା କରିଛି ଯାହା ପୂର୍ବ ଭାରତରେ ରେଳ ସଂଯୋଗ ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଭଦ୍ରକ-ବିଜୟନଗରମ ରେଳ ସେକ୍ସନ (୩୮୫କିଲୋମିଟର) ମଧ୍ୟରେ ରଣନୀତିକ ତୃତୀୟ ଲାଇନ ବିସ୍ତାରର ଏକ ଅଂଶ ଭାବରେ ନିର୍ଗୁଣ୍ଡି ଏବଂ ବାରଙ୍ଗ ରେଳ ସେକ୍ସନ ମଧ୍ୟରେ ମହାନଦୀ, ବିରୁପା, କାଠଯୋଡ଼ି ଏବଂ କୁଆଖାଇ ନଦୀ ଉପରେ ଚାରିଟି ଗୁରୁତ୍ୱପୂର୍ଣ୍ଣ ରେଳ ବ୍ରିଜ ନିର୍ମାଣ ଆରମ୍ଭ ହେବାକୁ ଯାଉଛି। ନିର୍ଗୁଣ୍ଡି ଏବଂ ବାରଙ୍ଗ ମଧ୍ୟରେ ୨୨ କିଲୋମିଟର ଦୈର୍ଘ୍ୟ ରେଳ ସେକ୍ସନ ମଧ୍ୟରେ ୦୪ଟି ଗୁରୁତ୍ୱପୂର୍ଣ୍ଣ ନଦୀ ସେତୁ ନିର୍ମାଣ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଏହି ପ୍ରକଳ୍ପଟି ଏକ ଇପିସି (ଇଞ୍ଜିନିୟରିଂ, ପ୍ରୋକ୍ୟୁରିମେଣ୍ଟ, ଏବଂ କନଷ୍ଟ୍ରକସନ) ମୋଡରେ ଜଟିଳ ସେତୁ ନିର୍ମାଣ ସହିତ ଜଡିତ ରହିଛି ଯାହା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମ୍ପତ୍ତିକୁ ବିତରଣ କରିବା ପାଇଁ ସର୍ବୋତ୍ତମ ଇଞ୍ଜିନିୟରିଂ ଅଭ୍ୟାସ ଅନୁସରଣ କରାଯିବାକୁ ସୁନିଶ୍ଚିତ କରେ। ଏହି ପ୍ରକଳ୍ପ ଅଧୀନରେ ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ନଦୀ ସେତୁଗୁଡ଼ିକ ହେଉଛିଃ ବ୍ରିଜ୍ ନମ୍ବର ୫୩୯ଃ ବିରୁପା ନଦୀ, ବ୍ରିଜ୍ ନମ୍ବର ୫୪୪ଃ ମହାନଦୀ ନଦୀ, ବ୍ରିଜ୍ ନମ୍ବର ୫୫୩ଃ କାଠଯୋଡ଼ି ଏବଂ ବ୍ରିଜ୍ ନମ୍ବର ୫୫୭ଃ କୁଆଖାଇ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ କରାଯିବ। ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ରେଳ ନଦୀ ବ୍ରିଜ୍ ନିର୍ମାଣ ପାଇଁ ଇପିସି ଟେଣ୍ଡରର ଆନୁମାନିକ ମୂଲ୍ୟ୯୯୯.୬୦ କୋଟି ଅଟେ ଯାହା ଏହି ଭିତ୍ତିଭୂମି ବିକାଶର ମାପ ଏବଂ ଗୁରୁତ୍ୱକୁ ପ୍ରତିଫଳିତ କରିଥାଏ। ମହାନଦୀ, ବିରୁପା, କାଠଯୋଡ଼ି ଏବଂ କୁଆଖାଇ ନଦୀ ଉପରେ ତୃତୀୟ ରେଳ ସେତୁ ନିର୍ମାଣ ଓଡିଶାର ପରିବହନ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।

# ୨ ଲକ୍ଷ ଚାକିରି ଖାଲି: ପୂରଣ ଦାବି

**ଭୁବନେଶ୍ୱର,୨।୯ (ତଥ୍ୟ):** ଓଡ଼ିଶା ସରକାରଙ୍କ ବିଭିନ୍ନ ଦପ୍ତର ଲାଗି ବିଭିନ୍ନ ପାହ୍ୟାର ୫,୯୬,୬୪୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ସେଥିରୁ ୨,୦୫,୨୨୮ଟି ଖାଲି ପଡିଛି। ରାଜ୍ୟରେ ବେକାରୀ ଓ ବେରୋଜଗାରୀ ସହିତ ଦାଦନ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ୨ଲକ୍ଷରୁ ଅଧିକ କର୍ମନିଯୁକ୍ତିର ସୁଯୋଗ ଥାଇ ବି ସରକାର ଅଗ୍ରାଧିକାର ଭିତ୍ତିରେ ଏହି ପଦବୀ ସବୁ ପୂରଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି।

ସରକାରୀ ତଥ୍ୟ ମୁତାବକ କେବଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୬୩ ହଜାରରୁ ଅଧିକ ପଦବୀ ଖାଲି ପଡିଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପାଖାପାଖି ୪୦ ହଜାର ପଦବୀ ଖାଲି ରହିଛି। ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଥିବା ଗୃହ ବିଭାଗରେ ପାଖାପାଖି ୨୦ ହଜାର ପଦୀବ ଖାଲି ପଡିଥିବା ବେଳେ ରାଜସ୍ୱ ବିଭାଗରେ ବି ପ୍ରାୟ ୧୨ ହଜାର ପଦବୀ ପୂରଣ ହୋଇପାରୁ ନାହିଁ। ସେହିଭଳି ପଞ୍ଚାୟତିରାଜ ବିଭାଗରେ ପ୍ରାୟ ୭ ହଜାର ପଦବୀ ଖାଲି ପଡିରହିଥିବା ବେଳେ ଜଳସଂପଦ ବିଭାଗରେ ମଧ୍ୟ ୭୫୦୦ରୁ ଅଧିକ ପଦବୀ ଖାଲି। କୃଷି ବିଭାଗରେ ବି ୭ ହଜାରରୁ ଅଧିକ ପଦବୀ ଖାଲି ରହିଛି।

ପ୍ରାପ୍ତ ସୂଚନା ମୁତାବକ ଉଚ୍ଚଶିକ୍ଷା ବିଭାଗରେ ପାଖାପାଖି ୪ ହଜାର ପଦବୀ ଖାଲି ପଡିଥିବା ବେଳ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗରେ ବି ୩ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ପୂର୍ତ୍ତ ବିଭାଗରେ ପାଖାପାଖି ୪୫୦୦ ଓ ଅର୍ଥ ବିଭାଗରେ ମଧ୍ୟ ୩ ହଜାରରୁ ଅଧିକ ପଦବୀ ଖାଲି ପଡିଥିବା



ଜଣାପଡିଛି। ମୋଟାମୋଟି ଭାବେ ରାଜ୍ୟରେ ପ୍ରଥମ ଶ୍ରେଣୀ ପାହ୍ୟାର ପାଖାପାଖି ୨୦ ହଜାର ସରକାରୀ ପଦବୀ ଖାଲି ରହିଥିବା ବେଳେ ଦ୍ୱିତୀୟ ଶ୍ରେଣୀ ପାହ୍ୟାରେ ପାଖାପାଖି ୪୫ ହଜାର ପଦବୀ ଖାଲି। ଏହାଛଡ଼ା ତୃତୀୟ ଶ୍ରେଣୀ ପାହ୍ୟାର ଲକ୍ଷାଧିକ ପଦବୀ ଖାଲି ପଡିଥିବା ବେଳେ ଚତୁର୍ଥ ଶ୍ରେଣୀ ପାହ୍ୟାରେ ବି ପ୍ରାୟ ୩୭ ହଜାର ପଦବୀ ଖାଲି ରହିଛି। ରାଜ୍ୟର ୧୭ଟି ସରକାରୀ ମେଡିକାଲ୍ କଲେଜ୍‌ରେ ୮୩ଟି ପ୍ରଫେସର, ୧୮୫ଟି ସହଯୋଗୀ ପ୍ରଫେସର, ୧୪୮ଟି ସହକାରୀ ପ୍ରଫେସର, ୬୮ଟି ଟ୍ୟୁଟର୍, ୪୨୯ଟି ସିନିଅର ରେସିଡେଣ୍ଟ ଓ ୬୦ଟି ଜୁନିଅର ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ରହିଛି। ଏହାଛଡ଼ା ସରକାରୀ ମେଡିକାଲ୍ କଲେଜ୍‌ଗୁଡ଼ିକରେ ବହୁ ସଂଖ୍ୟକ ଅଣ ଡାକ୍ତରୀ ପଦବୀ ମଧ୍ୟ ଖାଲି ପଡିଛି।

ରାଜ୍ୟରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକରେ ଏବେ ବି ବହୁ ସଂଖ୍ୟକ ସ୍ପେଶାଲିଷ୍ଟ, ଡାକ୍ତର ଓ ଅନ୍ୟାନ୍ୟ ପଦବୀ ଖାଲି ପଡିଛି। ରାଜ୍ୟରେ ଥିବା ୭ଟି ହୋମିଓପ୍ୟାଥିକ ଓ ଆୟୁର୍ବେର୍ଦ୍ଦିକ କଲେଜ୍‌ଗୁଡ଼ିକରେ ପାଖାପାଖି ଅଧା ପଦବୀ ଖାଲି ପଡିଥିବା ବେଳେ ହୋମିଓପ୍ୟାଥିକ ଓ ଆୟୁର୍ବେର୍ଦ୍ଦିକ ସରକାରୀ ଚିକିତ୍ସାଳୟରେ ବି ଡାକ୍ତର ଓ ଅଣ–ଡାକ୍ତର ପଦବୀ ମରୁଡ଼ି ବାରି ହୋଇଯାଉଛି।

ଓଡ଼ିଶାରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏବେ ପ୍ରାୟ ୧୪୦୦ ଶିକ୍ଷକ ଏବଂ ଅଢ଼େଇ ହଜାରରୁ ଅଧିକ ଅଣ ଶିକ୍ଷକ ପଦବୀ ଖାଲି ପଡିଛି। ଡିଗ୍ରୀ କଲେଜ୍‌ଗୁଡ଼ିକର ଅବସ୍ଥା ଅତି ସାଙ୍ଘାତିକ। ପ୍ରାୟତଃ କୌଣସି ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ୍ ଏବଂ ଯୁକ୍ତଦୁଇ ଶିକ୍ଷାନୁଷ୍ଠାନରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ପାଖାପାଖି ଏକ ତୃତୀୟାଂଶ ହାଇସ୍କୁଲ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ନିୟମିତ ପ୍ରଧାନଶିକ୍ଷକ ନଥିବା ଶିକ୍ଷକ ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ ହେଉଛି। ଉନ୍ନତମାନର ତାଲିମପ୍ରାପ୍ତ ଶିକ୍ଷକ ପ୍ରସ୍ତୁତି ପାଇଁ ଥିବା ସରକାରୀ ବିଏଡ୍ କଲେଜ୍ ଓ ସିଟି ସ୍କୁଲଗୁଡ଼ିକରେ ଶିକ୍ଷକ ମରୁଡ଼ି ସମସ୍ୟା ଅତ୍ୟନ୍ତ ଗୁରୁତର।

ସରକାରୀ ଇଞ୍ଜିନିୟରିଂ କଲେଜ୍, ପଲିଟେକ୍‌ନିକ୍, ଇଞ୍ଜିନିୟରିଂ ସ୍କୁଲ, ଆଇଟିଆଇ ଆଦିରେ ବି ଶିକ୍ଷକ ମରୁଡ଼ି ସମସ୍ୟା ସୁଧୁରୁ ନାହିଁ। ଯୋଗ୍ୟ ବେକାରୀ ଯୁବକ ଯୁବତୀଙ୍କୁ କର୍ମ ନିଯୁକ୍ତି ସହ ବିଭିନ୍ନ ସରକାରୀ ସଂସ୍ଥାନ ବିଶେଷକରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକୁ ଚଳଚଞ୍ଚଳ କରିବା ପାଇଁ ସୀମିତ ସମୟ ମଧ୍ୟରେ ଯଦି ପଦୋନ୍ନତି ଓ ପ୍ରତ୍ୟକ୍ଷ ନିୟମିତ ନିଯୁକ୍ତି ଭିତ୍ତିରେ ଖାଲି ପଡିଥିବା ୨ଲକ୍ଷରୁ ଅଧିକ ପଦବୀ ପୂରଣ କରାଗଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ତେବେ ଏହିସବୁ ପଦବୀ ପୂରଣ କରାଗଲେ ସରକାରୀ କର୍ମଚାରୀମାନଙ୍କ ବେତନ ଓ ଭତ୍ତା ବାବଦରେ ବର୍ଷକୁ ଯେତେ ଅର୍ଥ ଖର୍ଚ୍ଚ ହେଉଛି ତା'ର ପରିମାଣ ପାଖାପାଖି ୩୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି।

## ଜୀବନ ଅମୃତ ଅନୁଚିନ୍ତା

ଜଗତର ସମ୍ରାଟ-ଥରେ ଈଶ୍ୱରଙ୍କୁ ନିଜର ହୃଦୟ ସିଂହାସନରେ ସମ୍ରାଟ କରି ବସେଇ ଦେଲେ ଦେଖିବ ,ଦିନେ ସେ ତୁମକୁ ତାଙ୍କରି ହୃଦୟରେ ବସାଇ ଜଗତର ସମ୍ରାଟ କରିଦେବେ।

LORD OF UNIVERSE-ONCE YOU ESTABILISH THE GOD ON THE THROENE OF YOUR HEART AS THE LORD, ONE DAY HE WILL ESTABLISH YOU ON THE HEART AND MAKE YOU THE LORD OF THE UNIVERSE.



SANCHAR
# ସଂଚାର

୪ ମଙ୍ଗଳବାର ୩ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର

Monday 3 September 2024 Bhubaneswar


## ଆନ୍ଦୋଳନ ପାଇଁ ସଜବାଜ

ସଂରକ୍ଷଣ ପ୍ରସଙ୍ଗରେ ନିକଟରେ ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। କିନ୍ତୁ ଏଥିପ୍ରତି ଜନସମର୍ଥନ ମିଳିଲା ନାହିଁ। କାରଣ ସାଧାରଣ ଜନତା ଆଉ ଆନ୍ଦୋଳନ ନାମରେ ଜନଜୀବନ ବ୍ୟାହତ କରିବା ଉଦ୍ୟମକୁ ଆଉ ପସନ୍ଦ କରୁନାହାଁନ୍ତି। ଗଣତନ୍ତ୍ରରେ ପ୍ରତିବାଦ, ବିକ୍ଷୋଭ ଏବଂ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ରହିଛି। ସରକାରଙ୍କ ନିଷ୍ପତ୍ତି ଏବଂ କାର୍ଯ୍ୟକ୍ରମକୁ ବିରୋଧ କରିବାର ଅଧିକାର ପ୍ରତ୍ୟେକ ନାଗରିକର ରହିଛି। କିନ୍ତୁ ଆନ୍ଦୋଳନ ନାମରେ ଅରାଜକତା ବା ବିଶୃଙ୍ଖଳା ସୃଷ୍ଟି କରିବା ଅଧିକାର ନୁହେଁ, ଏକ ଅପରାଧ। ଆଇନକୁ ହାତକୁ ନେବାର ଅଧିକାର କାହାର ନାହିଁ। ସମ୍ବିଧାନ ଏଥିପାଇଁ ସୁଯୋଗ ଦେଇନାହିଁ। ପୁଣି ଆନ୍ଦୋଳନ ନାମରେ ହିଂସା ଆହୁରି ବଡ଼ ଅପରାଧ। ଦୁର୍ଭାଗ୍ୟର ବିଷୟ ହେଲା ଗତ କିଛି ବର୍ଷ ହେବ ଭାରତରେ ଜନ ଆନ୍ଦୋଳନ ନାମରେ ଅରାଜକତା ଓ ହିଂସା, ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଏକ ନିୟମିତ ପ୍ରକ୍ରିୟା ଏବଂ କିଛି ଲୋକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। କିଛି ଲୋକ ଏଭଳି ସୁଯୋଗକୁ ଅପେକ୍ଷା କରି ରହୁଛନ୍ତି। ଯେ କୌଣସି ଆନ୍ଦୋଳନ ହେଉ ନା କାହିଁକି ସେମାନେ ଏଥିରେ ଘିଅ ଢାଳୁଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟି କରୁଛନ୍ତି। ସେମାନଙ୍କର ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ। ପ୍ରଥମତଃ କେନ୍ଦ୍ରରେ କ୍ଷମତାସୀନ ସରକାର ବା ଶାସକ ଦଳକୁ ବଦନାମ କରିବା ଏବଂ ଦେଶର ବିକାଶ ତଥା ଶାନ୍ତି ପୂର୍ଣ୍ଣ ବାତାବରଣରେ ବ୍ୟାଘାତ ସୃଷ୍ଟି କରିବା। ଦ୍ୱିତୀୟରେ କିଛି ଲୋକ ବିଶ୍ୱ ଦରବାରରେ ଭାରତକୁ ବଦନାମ ଏବଂ କଳଙ୍କିତ କରିବାକୁ ଲକ୍ଷ୍ୟ ରଖି ଜନଆନ୍ଦୋଳନକୁ ତେଜୁଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟି କରୁଛନ୍ତି। ଗଣତାନ୍ତ୍ରିକ ଅଧିକାରକୁ ସେମାନେ ନିଜର ଢାଲ ଭାବେ ବ୍ୟବହାର କରୁଛନ୍ତି। ବିଗତ ବର୍ଷ ହେବ ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। କିଛି ଲୋକ ଜାଣିଶୁଣି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। 2019ରେ ପ୍ରଥମେ ଆରମ୍ଭ ହେଲା ସିଏଏ ବିରୋଧୀ ଆନ୍ଦୋଳନ। ଏହାକୁ ନେଇ କିଛି ଲୋକ ବିଭ୍ରାନ୍ତି ସୃଷ୍ଟି କଲେ, ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଭୟ, ଆତଙ୍କ ଏବଂ ଅସୁରକ୍ଷିତ ମନୋଭାବ ସୃଷ୍ଟି କଲେ। ଭାରତର କିଛି ପଡ଼ୋଶୀ ଦେଶର ଧାର୍ମିକ ସଂଖ୍ୟାଲଘୁ ବର୍ଗର ଯେଉଁମାନେ ସଂଖ୍ୟାଗରିଷ୍ଠଙ୍କ ଦ୍ୱାରା ନିର୍ଯାତିତ ହୋଇ ଭାରତରେ ଆଶ୍ରୟ ନେଇଥିବେ ସେମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ ଲାଗି ଏହି ଆଇନ ଉଦ୍ଦିଷ୍ଟ। ଏଥିରେ କାହାର ନାଗରିକତ୍ୱ ଛଡ଼ାଇନେବାର ବ୍ୟବସ୍ଥା ନାହିଁ। ଏହା କିଛି ଲୋକଙ୍କୁ ନାଗରିକତ୍ୱ ପ୍ରଦାନ କରିବାକୁ ଉଦ୍ଦିଷ୍ଟ। ଅନ୍ୟ ଦେଶରୁ ଆସିଥିବା ମୁସଲିମ ଧର୍ମାବଲମ୍ବୀଙ୍କୁ ଭାରତର ନାଗରିକତ୍ୱ ମିଳିବ ନାହିଁ ଏଭଳି କିଛି ବ୍ୟବସ୍ଥା ସିଏଏରେ ନାହିଁ। ଭାରତର ମୁସଲିମ ସମ୍ପ୍ରଦାୟ ଏଥିରେ ଭୟଭୀତ ବା ଆତଙ୍କିତ ହେବାର କିଛି କାରଣ ନଥିଲା। କିନ୍ତୁ କିଛି ଲୋକ ସେମାନଙ୍କୁ ଭୟଭୀତ କରିବା ସହ ସିଏଏ ବିରୋଧରେ ଅପପ୍ରଚାର ଚଳାଇଲେ। ଫଳରେ ସିଏଏ ବିରୋଧୀ ଆନ୍ଦୋଳନ ଅରାଜକତାରେ ପରିଣତ ହେଲା। ଏହାର ସୁଯୋଗ ନେଇ କିଛି ଦେଶ ବିରୋଧୀ ଶକ୍ତି ଦେଶରେ ହିଂସାର ବାତାବରଣ ସୃଷ୍ଟି କଲେ ଏବଂ ଭାରତର ଛବି ମଳିନ ପଡ଼ିଲା। ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଲା। କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଦିଲ୍ଲୀରେ ଏକ ପ୍ରମୁଖ ରାସ୍ତାକୁ ଆନ୍ଦୋଳନକାରୀମାନେ ଦୀର୍ଘଦିନ ଧରି ଅବରୋଧ କରି ରଖିଲେ। ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏବଂ କରୋନା ମହାମାରୀ ଆସିବା ପରେ କୌଣସି ପ୍ରକାରେ ଏହା ଥମିଲା। ଏବେ ସିଏଏ କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ରାଜ୍ୟରେ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି। ସିଏଏ ନେଇ ବିଭ୍ରାନ୍ତି ଦୂର ହୋଇଛି। ସେହିପରି 2020 ଏବଂ 2021ରେ କୃଷକ ଆନ୍ଦୋଳନ ଯୋଗୁ ସାରା ବିଶ୍ୱରେ ଭାରତର ଛବି ମଳିନ ପକାଇବାକୁ ପ୍ରୟାସ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ତିନିଟି କୃଷି ଆଇନରେ ସେଭଳି କିଛି ଆପତ୍ତିଜନକ ବ୍ୟବସ୍ଥା ନଥିଲା ଯେଉଁଥିରେ କୃଷକମାନେ ଆନ୍ଦୋଳନ କରିବାର ଆବଶ୍ୟକତା ପଡ଼ିଲା। ଏହା ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ ଏକ ବଡ଼ ପଦକ୍ଷେପ ଥିଲା। କୃଷକମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଏହି ଆଇନର ଉଦ୍ଦେଶ୍ୟ ଥିଲା। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି ବଡ଼ ଚାଷୀ ବା ଦଲାଲ ଏହାକୁ ନେଇ ଏଭଳି ବିଭ୍ରାନ୍ତିକର ପ୍ରଚାର କଲେ ଯେ, ସେଥିରେ ସମଗ୍ର ଉତ୍ତର ଭାରତରେ ଚରମ ବିଶୃଙ୍ଖଳା ଏବଂ ହିଂସାକାଣ୍ଡ ସୃଷ୍ଟି ହେଲା। ସଡ଼କ ଓ ରେଳପଥ ଦୀର୍ଘଦିନ ହେବ ଅବରୁଦ୍ଧ ହୋଇ ରହିଲା। ପଞ୍ଜାବ, ହରିୟାନା ଓ ୟୁପିର କେତେକ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦେଶର ଅବଶିଷ୍ଟ ଭାଗରେ ଚାଷୀମାନେ ଏହାକୁ ସମର୍ଥନ କରିଥିଲେ। କିନ୍ତୁ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାର ପଞ୍ଜାବ ଚାଷୀଙ୍କ ଆଗରେ ମୁଣ୍ଡ ନୁଆଁଇଲେ ଏବଂ କୃଷି ଆଇନ ପ୍ରତ୍ୟାହାର କଲେ। ଆହନ୍ଦୋଳନର ଅବସାନ ହେଲା। ଏବେ ପୁଣି କୃଷକମାନେ ଆନ୍ଦୋଳନ ଲାଗି ସଜବାଜ ହେଉଛନ୍ତି। ଆସନ୍ତା ଅକ୍ଟୋବର 3ରେ କୃଷକମାନେ ରେଳ ରୋକ ଡାକରା ଦେଇଛନ୍ତି। କୃଷକମାନଙ୍କ ଦାବି ହେଲା ଏମଏସପିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରାଯାଉ। ଏହା ବ୍ୟତିତ ବିଜୁଳି ବିଲ ଛାଡ଼ କରାଯାଉ। ଏଭଳି ଅନେକ ଦାବି ରହିଛି ଯାହା କାର୍ଯ୍ୟକାରୀ କରିବା ସହଜ ନୁହେଁ। କୃଷକଭ୍କ ଦାବି ପ୍ରତି ସମସ୍ତଙ୍କର ସମର୍ଥନ ରହିଛି। କିନ୍ତୁ କେନ୍ଦ୍ର ସରକାର ନିଜ ଆର୍ଥିକ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବେ। ଏଥିପାଇଁ ସଂସଦରେ ବିରୋଧୀ ଦଳ ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି। କିନ୍ତୁ ଭାରତର କୃଷକ କହିଲେ କେବଳ ପଞ୍ଜାବ ବା ହରିୟାନାକୁ ବୁଝାଏ ନାହିଁବ ଦେଶର ଅନ୍ୟଭାଗରେ ବି କୃଷକ ଅଛନ୍ତି। ସରକାର ସମସ୍ତଙ୍କ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। କୃଷିବୀମାଠାରୁ ଆରମ୍ଭ କରି ପିଏମ କିଷାନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଏଭଳି ପରିସ୍ଥିତିରେ ଆନ୍ଦୋଳନ କରି ଜନଜୀବନକୁ ପ୍ରତିହତ କରିବା ଅନୁଚିତ। ସବୁଠାରୁ ବଡ଼ କଥା ହେଲା ଆନ୍ଦୋଳନ, ଗଣତାନ୍ତ୍ରିକ ଅଧିକାର ନାମରେ ହିଂସା, ବିଶୃଙ୍ଖଳା , ଅରାଜକତା ଏବଂ ଦେଶର ସମ୍ପତ୍ତିକୁ ନଷ୍ଟ କରିବା ନିନ୍ଦନୀୟ, ଦୁର୍ଭାଗ୍ୟଜନକ ଏବଂ ଅଶୋଭନୀୟ। ଏହା ଗଣତାନ୍ତ୍ରିକ ଅଧିକାର ନାମରେ ଏକ ଅପରାଧ। ଏହାକୁ ବରଦାସ୍ତ କରାଯିବା ଅନୁଚିତ। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଲୋକଙ୍କ ଝାଳବୁହା ଧନରେ ଯେଉଁ ଭିତ୍ତିଭୂମି ପ୍ରସ୍ତୁତି ହୋଇଛି ତାହାକୁ ନଷ୍ଟ କରିବା, ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି କରିବା କଦାପି ସ୍ୱାଗତଯୋଗ୍ୟ ନୁହେଁ। ବିରୋଧୀ ଦଳ ଏହାକୁ ଉସୁକାଇବା ଦେଶର ସ୍ୱାର୍ଥ ବିରୋଧୀ।

## ସମ୍ପାଦକଙ୍କୁ ପତ୍ର

### ଅଳଙ୍କାର ଗଣତି ଶୀଘ୍ର ହେଉ

**ମହାଶୟ,**

ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିବା ପରେ ପ୍ରତିଶ୍ରୁତି ମୁତାବକ ରତ୍ନଭଣ୍ଡାର କୋଲାଯାଇଛି। ଏହା ଭିତରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ସମୂହକୁ ନିରାପଦରେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ଏହା ସ୍ୱାଗଯୋଗ୍ୟ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀ ତଥା ଆଇନମନ୍ତ୍ରୀଙ୍କୁ ଧନ୍ୟବାଦ। କିନ୍ତୁ ମହାପ୍ରଭୁଙ୍କ ଅମୂଲ୍ୟ ସମ୍ପଦ ବାସ୍ତବରେ ସୁରକ୍ଷିତ ଅଛି କି ନାହିଁ ତାହା ଜଣାପଡ଼ିନି। ତେଣୁ ଏବେ ବି ଜଗନ୍ନାଥପ୍ରେମୀ ମାନେ ଦ୍ୱନ୍ଦ୍ୱ ଏବଂ ଆଶଙ୍କାରେ ଅଛନ୍ତି। ମହାପ୍ରଭୁଙ୍କ ସମ୍ପତ୍ତି ବାସ୍ତବରେ ସୁରକ୍ଷିତ ଅଛି କିମ୍ବା ଏହାକୁ କେହି ଲୁଟ୍ କରିଛି ତାହା ଶୀଘ୍ର ସ୍ପଷ୍ଟ ହେବା ଉଚିତ। ନଚେତ ରତ୍ନଭଣ୍ଡାର ଖୋଲିବାର କିଛି ମାନେ ନାହିଁ। ମହାପ୍ରଭୁଙ୍କ ଅଳଙ୍କାରକୁ ଗଣତି ମଣତି କରିବାରେ କ'ଣ ଅସୁବିଧା ଅଛି ତାହା ଜଣାପଡୁନି। ଯେଉଁଠି ମହାପ୍ରଭୁଙ୍କ ରତ୍ନ ରହିଛି ସେଠାରେ କାହିଁକି ଗଣତି କରାନଯିବ? ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ। ମରାମତି କାର୍ଯ୍ୟ ପରେ ହେଲେ ଚଳିବ।

**ପ୍ରଫୁଲ୍ଲ କୁମାର ସ୍ୱାଇଁ**
ଚତୁର୍ଥ ଶହ, କପିଳେଶ୍ୱରପୁର, ପୁରୀ

# ଓଏସ୍‌ଟିଏଫ୍ ବ୍ୟବସ୍ଥା ବଦଳୁ




**ସତୀଶ ବିଶ୍ୱାଳ**


ଭାତ ହାଣ୍ଡିରୁ ଗୋଟିଏ ଚିପିବା ଗୋଟିଏ ଦୃଷ୍ଟାନ୍ତ ପ୍ରସଙ୍ଗକୁ ଅଧିକ ଜୀବନ୍ତ କରିଥାଏ। ସରକାରଙ୍କ ପାଇଁ ମଧ୍ୟ ଗୋଟିଏ ବଡ ଫିଡବ୍ୟାକ ହୁଏ। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଦେଓଦା ପଂଚାୟତ ଚଇନହୁଡା ଗ୍ରାମର ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ ତରାଇ। ବଟକୃଷ୍ଣ ଜଣେ ଦିନ ମଜୁରିଆ ଏବଂ ନିହାତି ଗରୀବ ଲୋକ। ତାଙ୍କର ପାଠ ପଢୁଆ ଯୁବକ ପୁଅ ମନୋଜଙ୍କ ମୁଣ୍ଡରେ ବଜ୍ରପାତ ହେଲା। ସୌଭାଗ୍ୟକୁ ବଂଚିଗଲେ ସିନା ତାଙ୍କ ମୁଣ୍ଡରେ ଗୁରୁତର ଅସ୍ତ୍ରୋପଚାର ଆବଶ୍ୟକ ହେଲା। କଟକ ଅଶ୍ୱନୀ ମେଡିକାଲରେ ଚିକିସାରେ ମନୋଜଙ୍କ ସ୍ୱାସ୍ଥ୍ୟକାର୍ଡରେ ଥିବା ସମସ୍ତ ଟଙ୍କା ଖର୍ଚ୍ଚ ହୋଇଗଲା। ଏହାପରେ ପରିବାର ଲୋକେ ଧାର କରଜ କରି ଦୀର୍ଘଦିନ ଚିକିସା କଲେ। ହେଲେ ଏହାପରେ ଆଉ ପରିବାର ଲୋକେ ଅର୍ଥାଭାବରୁ ଚିକିସା କରିପାରିଲେ ନାହିଁ। ଯନ୍ତ୍ରଣାରେ ଛଟପଟ ହେଉଥିବା ମନୋଜଙ୍କୁ ଘରକୁ ନେଇ ଆସିଲେ।

ମନୋଜଙ୍କ ବାପା ଏହି ପ୍ରସଙ୍ଗରେ ମୋର ସହାୟତା ଲୋଡିବା ପରେ ଏଥିନେଇ ଗଣମାଧ୍ୟମରେ ଖବର ପ୍ରକାଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କଲି। ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଠାରୁ ଜିଲ୍ଲାପାଳ ଯାଜପୁରଙ୍କ ପର୍ଯ୍ୟନ୍ତ ବାରମ୍ବାର ଦୃଷ୍ଟି ଆକର୍ଷଣ କଲି। ଓଡିଶା ରାଜ୍ୟ ଚିକିସା ପାଣ୍ଠି (ଓଏସଟିଏଫ) ରୁ ମନୋଜଙ୍କ ମୁଣ୍ଡରେ ଗୁରୁତର ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ହେଉଥିବା ସହାୟତା ରାଶି ପ୍ରଦାନ ପାଇଁ ନିବେଦନ କରିଥିଲି। ମୋର ନିବେଦନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିସା ଅଧିକାରୀ ପତ୍ର ନମ୍ବର-୮୧୮୮ ତା ୯.୧୧.୨୩ ପ୍ରଦନ କରି ଘଟଣାର ଗୁରୁତ୍ୱକୁ ସ୍ୱୀକାର କଲେ। ଏହାପରେ ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ (ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ) କୁ ଯାଜପୁର ଜିଲ୍ଲାପାଳ ପତ୍ର ନମ୍ବର-୩୦୬୩ ତା ୧୧.୦୩.୨୩ ପ୍ରଦାନ କରି ମନୋଜଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ପ୍ରଦାନ ପାଇଁ ସୁପାରିଶ କରିଥିଲେ। ଏହାପରେ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଉପସଚିବ ଶ୍ରୀ ଦେବ ପ୍ରସାଦ ମିଶ ପତ୍ର ନଂବର-9607 ତା21.03.24 ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଏସଟିଏଫର ଅତିରିକ୍ତ ସଚିବଙ୍କୁ ପ୍ରଦାନ କରିଥିଲେ। ଏହି ପତ୍ରରେ ମନୋଜଙ୍କ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଅର୍ଥ ଓଏସଟିଏଫରୁ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ଏହି ପତ୍ରର ନକଲ ବିଧି ଅନୁସାରେ ମୋତେ ପ୍ରଦାନ କରାଗଲା ନାହିଁ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ଥିବାର ସୂଚନା ଦିଆଗଲା ନାହିଁ।

ଏହାପରେ ବି ଦୀର୍ଘଦିନ ଧରି କୌଣସି ସୁଫଳ ମିଳିଲା ନାହିଁ। ପୁନଶ୍ଚ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ 23 ଜୁଲାଇ 2024 ରିଖରେ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ତରଫରୁ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ନଂବର-3349 ପ୍ରଦାନ କରାଗଲା। ଏଥିରେ ମନୋଜଙ୍କ ଚିକିସା ପାଇଁ ଆବଶ୍ୟକ ହେଉଥିବା ଆର୍ଥିକ ସହଯୋଗ ନେଇ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇ ଥିଲା। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନାହିଁ। ବଜ୍ରପାତ ପରି ଗୁରୁତର ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ଜୀବନ କେତେବେଳ କଣ ହେବ ତାର କୌଣସି ହିସାବ ନାହିଁ। ମୁଣ୍ଡରେ ଗୁରୁତର ଅସ୍ତ୍ରୋପଚାର ନହେବାରୁ ଅକଥନୀୟ ଯନ୍ତ୍ରଣା ମଧ୍ୟ ଅବର୍ଣ୍ଣନୀୟ। ଗରୀବ ଅନୁସୂଚିତ ଜାତିରେ ଜନ୍ମ ହୋଇଥିଲେ ବି ଉଚ୍ଚଶିକ୍ଷା ହାସଲ କରୁଥିବା ମନୋଜ ଜୀବନକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ସବୁ ସ୍ୱପ୍ନ ବିଜୁଳିର ଗୋଟିଏ ଝଟକାରେ ଚୁରମାର ହେଇଗଲା। ବାପା ବଟକୃଷ୍ଣଙ୍କ ପାଖରେ କିଛି ବି ବାଟ ନଥିଲା। ସରକାରଙ୍କ ଠାରୁ ସହାୟତାର ବାର୍ତ୍ତାକୁ ଚାତକ ପରି ଚାହିଁ ବସିଛି। ସକାଳେ ସଂଜେ ଗ୍ରାମ ଦେବତୀଙ୍କ ପାଖରେ ମୁଣ୍ଡ ପିଟୁଛି। ବଟକୃଷ୍ଣଙ୍କ ଦୁଃଖ ମୋତେ ବିଚଳିତ କରୁଥିଲା।ଯେତେ ଚେଷ୍ଟା କଲେ ବି ସରକାରଙ୍କ ନାଲିଫିତା ଶିକୁଳିରୁ ତା ପୁଅର ଓଏସଟିଏଫରୁ ସହାୟତା ରାଶି ମୁକୁଳି ପାରୁନଥିଲା। ଏହାର ଅନ୍ତରାଳରେ ବ୍ରିଟିଶ ସରକାରର ଅଫିସରରାଜ ମାନସିକତା ଏବେ ବି ଆମ ପ୍ରଶାସନରେ ରାଜୁତି କରୁଥିବାର ସ୍ପଷ୍ଟ ବାରି ହୋଇ ପଡୁଥିଲା।

ଏବେ ବଜ୍ରପାତ ଗୋଟିଏ ବଡ ସମସ୍ୟା ଭାବେ ଉଭା ହୋଇଛି। କେତେବେଳେ କାହା ଉପରେ ବଜ୍ରପାତ ହେବ ଏହାର କୌଣସି ପୂର୍ବାନୁମାନ ମଧ୍ୟ କରାଯାଇ ନପାରେ। ଏହି ବଜ୍ରପାତ ଠାରୁ ବଡ ଦୁଃଖ କିଛି ନାହିଁ। ଦୁଇ ଓଳି ପେଟକୁ ଦାନା ଯୋଗାଡରେ ବ୍ୟସ୍ତ ରହୁଥିବା ଗରୀବ ଲୋକ ମାନଙ୍କ ପାଇଁ ବଜ୍ରପାତ ଅଧିକ ବିପଦର କାରଣ ହେଉଛି। କାରଣ ଏହି ଗରୀବ ଲୋକେ ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନକୁ ଯାଇ ପାରୁ ନାହାନ୍ତି। ବଜ୍ରପାତର ଶୀକାର ହେବା ପରେ ଅନେକ ମୃତ୍ୟୁ ବରଣ କରୁଛନ୍ତି। ଯେଉଁ ଗରୀବ ଲୋକଟିଏ ବଜ୍ରପାତରେ ଶୀକାର ହେବା ପରେ ଦରମରା ହୋଇ ବଂଚି ଯାଉଛନ୍ତି ସେମାନଙ୍କ ଦୁର୍ଦ୍ଦଶା କହିଲେ ନସରେ। ଦଣ୍ଡେ ବଂଚିବା ପାଇଁ ଗଣ୍ଡେ ଖାଇବାକୁ ଯୋଗାଡ କରିବା କାଠିକର ପାଠ ହେଉଥିବା ଗରୀବ ଲୋକଟିଏ ବଜ୍ରପାତରେ ଗୁରୁତର ହେବା ପରେ ଆବଶ୍ୟକ ହେଉଥିବା ଚିକିସା ଖର୍ଚ୍ଚ ଯୋଗାଡ କରିପାରୁ ନାହିଁ। ଏହା ମରଣ ଠାରୁ ଘୋଷରା ବଳି ପଡିବା ଭଳି ଅବସ୍ଥା ସୃଷ୍ଟି କରୁଛି।

ସରକାରଙ୍କ ଯୋଜନାର ସଫଳ ରୂପାୟନ କ୍ଷେତ୍ରର ପ୍ରଚାର ଏବଂ ବାସ୍ତବତା ମଧ୍ୟରେ ଅନେକ ଦୂରତା ରହିଛି। ରାଜତନ୍ତ୍ରରେ ଅନେକ ପ୍ରଜା ବସଳ ରାଜା ମାନେ ଶାସନର ବାସ୍ତବ ସଫଳତାକୁ ଉପଲବ୍ଧ କରିବା ପାଇଁ ଛଦ୍ମ ବେଶରେ ରାଜ୍ୟ ପରିକ୍ରମା କରିବାର ନଜିର ରହଛି। ହେଲେ ଏବେ ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ସରକାର ଚାଲିଛି ବୋଲି କୁହାଯାଉଛି। ଏଥିନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ନଜର ନପଡିଲେ ବି ତାଙ୍କର ପାରିଷଦ ତଥା କାର୍ଯ୍ୟାଳୟର ପ୍ରଶାସକ ମାନଙ୍କ ନଜରକୁ ଆସିଛି। ଲୋକ ମାନଙ୍କ ସମସ୍ୟା ବୁଝିବା ପାଇଁ ଏହି ଅଧିକାରୀ ମାନେ ମୋଟା ଅଙ୍କର ଦରମା ଠାରୁ ଯାବତୀୟ ସୁବିଧା ସୁଯୋଗ ନେଇଥାନ୍ତି। ତାହା ମଧ୍ୟ ଏହି ଲୋକଙ୍କ ଅର୍ଥରୁ ପ୍ରଦାନ କରାଯାଇ ଥାଏ। ଏହାପରେ ବି ଏହି ଅଧିକାରୀମାନେ ସେହି ଦୁଃଖୀ ଲୋକଙ୍କ ପ୍ରତି ଏଭଳି ନିଷ୍ଠୁରତା ନିଶ୍ଚିନ୍ତ ଭାବେ ମାନବିକତା ବିରୋଧୀ ବିଲକ୍ଷଣ।

## ଆମେ ସାମ୍ବାଦିକ



ଏଭଳି ଘଟଣାରେ ଗୁରୁତର ଆକ୍ରାନ୍ତ, ଦୁର୍ଘଟଣାଗ୍ରସ୍ତ କିମ୍ବା ରୋଗଗ୍ରସ୍ତଙ୍କ ଜୀବନ ରକ୍ଷା ପାଇଁ ଗୋଟିଏ ଗୋଟିଏ ମୁହୂର୍ତ୍ତ ମୂଲ୍ୟବାନ। ଏ ମୁହୂର୍ତ୍ତର ଜୀବନ ପର ମୁହୂର୍ତ୍ତକୁ ଥିବା ନେଇ ଆଶା ଓ ଆଶଙ୍କାରେ ପରିବାର ଲୋକେ ଘୋର ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ପରେ ପ୍ରାୟ 1 ବର୍ଷ ହେଲା ପ୍ରଶାସନିକ ସ୍ତରରେ ପତ୍ର ଦିଆନିଆ ଚାଲିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କଠାରୁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିସା ଅଧିକାରୀଙ୍କ ପର୍ଯ୍ୟନ୍ତ ପତ୍ର ଆସୁଛି। ପନଶ୍ଚ ଜିଲ୍ଲା ମୁଖ୍ୟ ଚିକିସା ଅଧିକାରୀଙ୍କ ଠାରୁ ଜିଲ୍ଲାପାଳ ଦେଇ ରାଜ୍ୟର ବିଭାଗୀୟ ମୁଖ୍ୟ, ସ୍ୱତନ୍ତ୍ର ରିଲିଫ କମିଶନଙ୍କ ପର୍ଯ୍ୟନ୍ତ ଚିଠି ଦିଆନିଆ ଚାଲିଛି। ଏଥିପାଇଁ ପ୍ରଶାସନର ଯେତିକି ସମୟ ନଷ୍ଟ ହୋଇଛି, ଏହା ବାବଦରେ ସରକାରଙ୍କ ଦରମା ବାବଦରେ ମଧ୍ୟ ବହୁ ଅର୍ଥ ବ୍ୟୟ ହୋଇଛି। ହେଲେ ଫଳ ଶୂନ। ଏହା କେବଳ ମନୋଜ ତରାଇଙ୍କ ଯନ୍ତ୍ରଣା ପ୍ରତି ପ୍ରଶାସନିକ ଅବହେଳା ନୁହେଁ। ବରଂ ଶତାଧିକ ଗରୀବ ରୋଗାକ୍ରାନ୍ତ ଏଭଳି ଅଫିସରରାଜର ଶୀକାର ହୋଇ ନିରୁପାୟ ହେବା ପରେ ଜୀବନ ଯୁଦ୍ଧରେ ହାରି ଯାଉଛନ୍ତି। ଜୀବ ଥାଉ ଥାଉ ମରଣକୁ ବରଣ କରୁଛନ୍ତି।

ଆମେ ସମସ୍ତେ ଲୋକାଭିମୁଖୀ ପ୍ରଶାସନର କଥା କହୁଛେ। ଲୋକଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ପହଂଚାଇବା ଲୋକାଭିମୁଖୀ ପ୍ରଶାସନ କିମ୍ବା ଲୋକାଭିମୁଖୀ ସରକାରକୁ ବୁଝାଏ। ଏଠି ଜିଲ୍ଲାପାଳଙ୍କ ଠାରୁ ଶାସନର ସର୍ବୋଚ୍ଚ ସ୍ତରରେ ଥିବା ସଚିବ ମାନେ, କିଏ ଲୋକାଭିମଖୀ? କିଏ ଲୋକଙ୍କ ପାଇଁ କାମ କରୁଥିବାର କୌଣସି ଦୃଶ୍ୟ ଆଖିକୁ ଦେଖାଯାଉ ନାହିଁ। ମାନବିକତାର ମୂଳ ଆୟୁଧ ହେଉଛି ଆବେଗ। ପଶୁ ପାଖରେ ବି ଆବେଗ ରହିଛି। ଏହି ମାନବିକତା ଏବଂ ଆବେଗକୁ ଆୟୁଧ କରି ବ୍ୟକ୍ତି, ରାଷ୍ଟ୍ର, ସରକାର ଏବଂ ସମାଜ ଗତିଶୀଳ ହୁଏ। ପ୍ରଶାସନ ଆବେଗ ଶୂନ୍ୟ ହେଲେ ବ୍ୟବସ୍ଥା ବିପଥଗାମୀ ହୋଇ ସରକାର ଜନବିରୋଧୀ ହୋଇଥାଏ। ଏଭଳି ଘଟଣା ଏହାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର।

ଅର୍ଥାଭାବରୁ କେହି ଖାଇବାକୁ ନପାଇ ଅନାହାରରେ ରହିବା , ଚିକିସାସେବା ନପାଇ ଯନ୍ତଣାରେ ଛଟପଟ ହେବା ଭଳି ଅବସ୍ଥା ସୃଷ୍ଟି ହେବା ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ସରକାରର ପାରିବା ପଣିଆ ନେଇ ବଡ ପ୍ରଶ୍ନବାଚୀ। ଏହି ଟଙ୍କା କୌଣସି ପ୍ରଶାସନିକ ଅଧିକାରୀଙ୍କ ବାପା ଧନ ବି ନୁହେଁ। ସରକାରଙ୍କ ଏହି ଧନ ଉପରେ ସାଧାରଣ ଲୋକଙ୍କ ପୂର୍ଣ୍ଣ ଅଧିକାର ରହିଛି। ଏଭଳି କ୍ଷେତ୍ରରେ ଠିକ ସମୟରେ ସହାୟତା ନପହଂଚିବା ପାଇଁ ପ୍ରଶାସନକୁ ଉତ୍ତରଦାୟୀ କରାଯାଉ। ଏହାକୁ ପ୍ରଦାନ କରାଯିବାର ବିଧି ବ୍ୟବସ୍ଥା ରହିଛି। ଏହି ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ଲୋକଙ୍କ ଟଙ୍କା ଲୋକଙ୍କୁ ଏଭଳି ଅତ୍ୟାବଶୀକ ସମ୍ବେଦନଶୀଳ ପ୍ରସଙ୍ଗରେ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସରକାର ଓଏସଟିଏଫ ସହାୟତା ପ୍ରଦାନ ବ୍ୟବସ୍ଥାର ଆହୁରି ସରଳିକରଣ କରନ୍ତୁ। ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ରୋଗୀ ସିଧା ସଳଖ ଗୋଟିଏ ଦରଖାସ୍ତରେ ଆବେଦନ କରିବା ପରେ ତାଙ୍କୁ ସହାୟତା ମିଳୁ। ଏ କ୍ଷେତ୍ରରେ କାହାର ଅନୁମୋଦନ ପାଇଁ ରୋଗୀଟିକୁ ଅପେକ୍ଷା କରିବାକୁ ନପଡୁ। କେବଳ ଚିକିସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆବଶ୍ୟକ ଅର୍ଥର ଗୋଟିଏ ସୂଚନା ମଗାଯାଉ। ଏଥିପାଇଁ ଉକ୍ତ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ପ୍ରକିୟା ଶେଷ କରିବାକୁ ଉତ୍ତରଦାୟୀ କରାଯାଉ। ନଚେତ 'ଓଏସଟିଏଫ' କାହା ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇ ବ୍ୟବସ୍ଥାକୁ ଜନବିରୋଧୀ କରିବା ସହ ଉପହାସ କରିବ।


**ମୋବାଇଲ: ୯୪୩୭୦୧୯୧୧୭**


# ସର୍ବପଲ୍ଲି ରାଧାକୃଷ୍ଣନ୍-ଜଣେ ଦାର୍ଶନିକ ଗୁରୁ




**ଉମା ଶଙ୍କର ପ୍ରସାଦ**


ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଏହା ସ୍ପଷ୍ଟ ଅନୂମେୟ ହୁଏ ଯେ ବିଶ୍ୱର ସର୍ବଶ୍ରେଷ୍ଠ ଦାର୍ଶନିକ ଏବଂ ଗୁରୁଣାଂ ଗୁରୁ ରାଧାକୃଷ୍ଣନ ସର୍ବପଲ୍ଲୀ ଗ୍ରାମର ବାସିନ୍ଦା ଥିଲେ। ଦକ୍ଷିଣ ଭାରତର କେତେକ କୁଳାର ଅନୂସାରେ ଗ୍ରାମର ନାମ ବା ଗୋତ୍ର ଜନ୍ମିତ ସନ୍ତାନମାନଙ୍କର ନାମର ପ୍ରାରମ୍ଭରେ ରହେ। ଉକ୍ତ ନିୟମରୁ ରାଧାକୃଷ୍ଣନଙ୍କ ନାମ ସର୍ବପଲ୍ଲୀ ରାଧାକୃଷ୍ଣନ ହେଲା। ଆଜି ସମଗ୍ର ବିଶ୍ୱ ଯେଉଁ ମହାନ୍ ବିଭୁତୀଙ୍କର ଜନ୍ମ ଦିବସ ପାଳନ କରୁଛି, ସେହି କିମ୍ବଦନ୍ତୀ ପୁରୁଷ ଏକ ଗରିବ ବ୍ରାହ୍ମଣ କୂଳରେ ବିରସ୍ୱାମୀଙ୍କର କୋଳ ମଣ୍ଡନ କରିଥିଲେ। ଏହି ପୁଣ୍ୟ ମାଟି ଭାରତ ଯାହା ହେଉଛି ଗୁରୁମାଟି। ଏହି ଗୁରୁମାଟିରେ ଗୁରୁ ରାଧାକ୍ରିଷ୍ଣନ୍‌ଙ୍କୁ ଦାରିଦ୍ର୍ୟର କଷାଘାତ ବିଶ୍ୱବିଦୀତ ହେବାରେ କୌଣସି ବାଧା ସୃଷ୍ଟି କରିପାରି ନଥିଲା। ବାଲ୍ୟାବସ୍ଥାରୁ ପ୍ରଭୁ ଭେଙ୍କେଟେଶ୍ୱରଙ୍କ ସେ ଥିଲେ ପରମଭକ୍ତ। ପ୍ରଚଣ୍ଡ ସ୍ମୃତି ଶକ୍ତିର ରାଧାକୃଷ୍ଣ ଥିଲେ ଗନ୍ତାଘର। ପିଲାଟି ଦିନୁ ସେ ଥିଲେ ମେଧାବୀ, ଶ୍ରଦ୍ଧାଶୀଳ ଓ ଅଧ୍ୟୟନରତ ବିଦ୍ୟାର୍ଥୀ। ଅତି କମ ବୟସରେ ସେ The Ethics of Vedanta ନିବନ୍ଧ ଲେଖି ଡକ୍ଟରେଟ୍ ଉପାଧି ପାଇଥିଲେ ତାଙ୍କର ସେହି ନିବନ୍ଧଟି ବିଶିଷ୍ଟ ଦାର୍ଶନିକ H.G. Hoggeଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିଲାପରି ରାଧାକ୍ରିଷ୍ଣନ୍ ପିଲାଦିନରୁ ତାଙ୍କର ସହପାଠୀ ଶିକ୍ଷକ ଓ ଅଧ୍ୟାପକମାନଙ୍କର ପ୍ରିୟଭାଜନ ହୋଇଥିଲେ। ସ୍ନାତକ ପରୀକ୍ଷାରେ ସେ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଥିଲେ। ଦର୍ଶନ ଶାସ୍ତ୍ରରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା। ଶୈଶବାବସ୍ଥାରେ ଯେଉଁ ରାଧାକ୍ରିଷ୍ଣନ୍ ପାଠ ପଢ଼ିବାର ରାହା ପାଉନଥିଲେ ଭବିଷ୍ୟତରେ ଯେ ସେ ପିଲାମାନଙ୍କୁ ପାଠ ପଢ଼ାଇବାର ରାହା ପାଲଟି ଯିବେ, ସେ କଥା କେହି ବିଶ୍ୱାସ କରିପାରୁନଥିଲେ। ଯେଉଁ ମାନ୍ଦ୍ରାଜ୍ ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରର ସେ ଏମ୍.ଏ. 1909 ମସିହାରେ ପାଶ୍ କରିଥିଲେ ସେହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରେସିଡେନ୍ସି ମହାବିଦ୍ୟାଳୟ, ମାନ୍ଦ୍ରାଜ ବର୍ତ୍ତମାନର ଚେନ୍ନାଇରେ ଅଧ୍ୟାପକ ଭାବେ କାମ କରିଥିଲେ। 1910 ମସିହାରେ ସୌଦପେଟାସ୍ଥ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ H.G. Hogge (ଶିକ୍ଷାଦାନର ସନନ୍ଦ) ଲାଭ କରିଥିଲେ। ମହୀଶୂର ରାଜ୍ୟର ଦେୱାନ ଭାରତରନ ବିଶ୍ୱଶେରାୟଙ୍କ ଅନୁରୋଧ କ୍ରମେ ସେ ମହୀଶୂର ବିଶ୍ୱବିଦ୍ୟାଳୟରେ ଯୋଗଦେଲେ। ତାଙ୍କର ଅନେକ ରଚନା ଥିଲା ସମଗ୍ର ବିଶ୍ୱରେ ଧର୍ମ, ସାମ୍ରାଜ୍ୟ, ସଂସ୍କୃତିର ଅନନ୍ୟ ନିଦର୍ଶନ। ତାଙ୍କର Philosophy of R.N. Tagore", "The Region of Religious in contemporary Philosophy", "The Region of Religious on Absolute idealism" ଏହି ଦୁଇଖଣ୍ଡ ପୁସ୍ତକ ତାଙ୍କର ଅତିବ ମୂଲ୍ୟବାନ ରଚନା ଥିଲା। ତାଙ୍କର ବାଗ୍ମିତାରେ ମୁଗ୍ଧ ହୋଇ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କୁ ସେଇ ବିଶ୍ୱ ବିଦ୍ୟାଳୟର ଏକ ବିଶିଷ୍ଟ ଆସନ ଯାହା King George V Chair of Mental & Moral Scienceର ପଦରେ ଅଳଙ୍କୃତ କରିଥିଲେ। ତାଙ୍କର ସେହି କଲିକତା ରହଣି ଅର୍ଥାତ 1921 ରୁ 1941 ମଧ୍ୟରେ ସେ ଅଧ୍ୟୟନ, ଅଧ୍ୟାପନା, ପୁସ୍ତକ ପ୍ରଣୟନ, ବିଦେଶର ବକ୍ତୃତା ପ୍ରଦାନର ସୁଯୋଗ ପାଇ ନିଜ ମାତୃଭୂମିର ମର୍ଯ୍ୟାଦାକୁ ବିଦେଶ ମାଟିରେ ଉତ୍ଫୁଲିତ କରି ଗୌରବାନ୍ୱିତ କରିଥିଲେ। ଇଂଲଣ୍ଡର ମାଂଚେଷ୍ଟର କଲେଜ୍‌ରେ ସେ ଅପଟନ୍ ବକ୍ତୃତା ମାଳା ପ୍ରଦାନ କରିଥିଲେ ଏବଂ ତାଙ୍କର ସେହି କଥାବସ୍ତୁ ଉପରେ ଆଧାରିତ ପୁସ୍ତକ ହେଲା, "Hindu view of Life" ଯାହା1927ରେ ଆମପ୍ରକାଶ ପାଇଥିଲା। ଯେଉଁଗ୍ରନ୍ଥ ଆଜି ପୃଥିବୀର ଅନେକ ଭାଷାରେ ଅନୁଦିତ ହୋଇଛି। ତାଙ୍କର ଇଂଲଣ୍ଡେର ଅନ୍ୟବକ୍ତୃତା ଥିଲା। East and West in Religion" ଏବଂ ତାଙ୍କର ଅନ୍ୟଏକ ରଚନା ଥିଲା। An idealistic View of Life" ଏହିପରି ଭାବରେ ତାଙ୍କର ପ୍ରଜ୍ଞାର ମହକ ଦିନକୁ ଦିନ ପରିବ୍ୟାପ୍ତ ହୋଇଥିଲା। ଜଣେ ଭାରତୀୟ ହିସାବରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୂଳପତି ପଦ ତ୍ୟାଗ କରି Oxford Splading Professorship of Eastern Religion and Ethics ପଦବୀକୁ ଗ୍ରହଣ କରିଥିଲେ। ତାଙ୍କର ବାଗ୍ମୀତା ଓ ଧିଶକ୍ତି ଏତେ ପ୍ରବଳ ଥିଲା ଯେ ଯାହା ବଳରେ ସେ ପାହାଚ ଉପରେ ପାହାଚ ଅତିକ୍ରମ କରି ଲିଥିଲେ। ମହାମନିଷୀ ମାଲବ୍ୟଙ୍କ ଅନୁରୋଧ କ୍ରମେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ। ସେହି ସମୟରେ ତାଙ୍କର ଏକ ମୂଲ୍ୟବାନ ରଚନା ଥିଲା Eastern Religion & Western thought ଅକ୍ସଫୋର୍ଡ଼ରେ ତାଙ୍କର ବକ୍ତୃତା ଥିଲା Master Mind" । ସେ "ଗୌତମ ବୁଦ୍ଧ ଓ ବୌଦ୍ଧମତ" ବିଷୟର ଅବତାରଣା କରି ସେଠାରେ ଗଣମାଧ୍ୟମଙ୍କର ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହ ସେମାନେ ମତ ଦେଇଥିଲେ ଯେ ସେ ହେଉଛନ୍ତି - Mastermind, by a Master mind". ସେ ମଧ୍ୟ ବ୍ରିଟିଶ୍ ଏକାଡେମୀ ଦ୍ୱାରା ଫେଲୋସିପି ପାଇଥିଲେ। ତାଙ୍କର ଚୀନ୍ ଯାତ୍ରାକାଳରେ ଚୀନ୍‌ର ବିଭିନ୍ନ ସ୍ଥାନରେ ଦୁଇ ସପ୍ତାହ ରହଣି କାଳ ମଧ୍ୟରେ ଭାରତ ଓ ଚୀନ ଶୀର୍ଷକ ଭାଷଣ ପ୍ରଦାନ କରି ସମସ୍ତିଙ୍କର ପ୍ରୀୟ ହୋଇଥିଲେ। 1946 ମସିହାରେ ତାଙ୍କ ଆମେରିକା ଗସ୍ତ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେଇ ଅବସରରେ ସେ ଆମେରିକାର ବିଭିନ୍ନ ସ୍ଥାନରେ ତାଙ୍କର ଗରୁ ମନ୍ତବ୍ୟ ପ୍ରଦାନ କରିଥିଲେ। ଭାରତର ପ୍ରତିନିଧିତ୍ୱ କରି ସେ On a Mastermind, by a Master mind"ର ତିନିଗୋଟି ଅଧିବେଶନରେ ଯୋଗ ଦେଇଥିଲେ। ଭାରତୀୟ ଦର୍ଶନ କଂଗ୍ରେସର ପ୍ରତିଷ୍ଠାରେ ତାଙ୍କର ଭୂମିକା ଓ ଦାନ ଥିଲା ଅତୀବ ଅତୁଳନୀୟ ଓ ଗୁରୁତ୍ୱପୂର୍ଣ୍ଣ। ସେହି ଗୁରୁଣାଂ ଗୁରୁ କେବଳ ଗୁରୁଭାବରେ ସମଗ୍ର ଶିଷ୍ୟମାନଙ୍କୁ ଅନ୍ଧକାରରୁ ଆଲୋକ ଦେଖାଇ ନଥିଲେ, ସେ ମଧ୍ୟ ରାଜନୀତି କ୍ଷେତ୍ରରେ ସଂସ୍କୃତି ସମ୍ପର୍ଣ୍ଣ ଗୁରୁ ଗରୀୟାନ୍ ମାଟିରେ ଦୁଇ ଦୁଇ ଥର ଅର୍ଥାତ୍ 1952-62 ଯାଏ ଉପରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ। ଯେତେବେଳେ ଦେଶର ଜନସଂଖ୍ୟା ଥିଲା 48 କୋଟି। ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଗଭୀର ପାରଦର୍ଶିତା ଥିଲା। ସାହିତ୍ୟ ଏକାଡେମୀର (1966 ମସିହା)ର ସେ ଥିଲେ ପ୍ରଥମ ଫେଲୋ। ଆନ୍ତର୍ଜାତିକ ଚରଘ (PEN (Playwriters, Poets, Essayists & Novelist))ର ଭାରତ ଶାଖାର ସେ ଥିଲେ ପ୍ରଥମ ସଭାପତି। ଏତଦ୍‌ବ୍ୟତୀତ ଇଂଲଣ୍ଡ ମହାରାଣୀଙ୍କଠାରୁ ସେ "The order of Merit", ପେନସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟରୁ "Doctor of Law" ମାଙ୍ଗୋଲିଆ ସରକାରଙ୍କଠାରୁ ଜ୍ଞାନଗୁରୁ ଉପାଧି ପାଇଥିଲେ। ସେହି ମହାନ୍ ଗୁରୁ ଶ୍ରୀମଦ୍‌ଭଗବତ୍ ଗୀତାର ଜ୍ଞାନ, କର୍ମ, ଭକ୍ତିତତ୍ତ୍ୱ ସହ ବୌଦ୍ଧମତର ମୈତ୍ରିବାଣୀ ପ୍ରଖ୍ୟାପନ ରାଧାକ୍ରିଷ୍ଣନ୍‌ଙ୍କ ବାଗ୍ମୀ ଜୀବନକୁ ପ୍ରତିଭାତ କରିଥିଲା ଯଥାନାମେ ତଥାଗୁଣେ। ନାମ ଯେପରି ଗୁଣମଧ୍ୟ ସେପରି ରାଧା+କ୍ରିଷ୍ଣ ଆରାଧନାର ଅନ୍ୟ ନାମ ମନ୍ଦାକିନୀ ରାଧା ଓ ଆକର୍ଷଣର କେନ୍ଦ୍ର ବିନ୍ଦୁ କୃଷ୍ଣଙ୍କର ଆଶିର୍ବାଦରୁ ସେହି ପ୍ରଜ୍ଞାପୁରୁଷ 1962 ରୁ 1967 ଯାଏଁ ଭାରତର ରାଷ୍ଟ୍ରପତି ଓ ପ୍ରଥମ ନାଗରିକ ଓ ସମାଜର ପ୍ରଥମ ଗୁରୁ ହୋଇଥିଲେ। ଭାରତୀୟ ସଂସ୍କୃତି ମହାନ ସଂସ୍କୃତି ଏକମାତ୍ର ଲକ୍ଷ ବିଭିନ୍ନତା ମଧ୍ୟରେ ଏକତା "University in Diversity" ପୂର୍ବ, ପଶ୍ଚିମର ମିଳନର ସେତୁବନ୍ଧ ଥିଲେ ସେ ଦିନର ସର୍ବପଲ୍ଲୀ ଗ୍ରାମର ରାଧାକ୍ରିଷ୍ଣନ। ପ୍ରାଚୀର ଗୁରୁ ପାଶ୍ଚାତ୍ୟର ଗୁରୁ ହେଲେ ଗୁ- ଅର୍ଥ ଅନ୍ଧାର, ରୁ-ଅର୍ଥ ଦୂର କରିବା। ଅନ୍ଧାରରୁ ଯିଏ ଆଲୋକକୁ ନେଇଯାଇଥାନ୍ତି ସେ ହେଲେ ସଦ୍‌ଗୁରୁ। ରାମାୟଣରେ ତୁଳସୀ ଦାସ ଗୁରୁବନ୍ଦନାରେ ଗୁରୁଙ୍କୁ ଶଙ୍କରଙ୍କ ସହ ତୁଳନା କରିଛନ୍ତି। ଯଥା- "ବନ୍ଦେ ବୋଧମୟ ନିତ୍ୟମ୍ ଗୁରୁ ଶଙ୍କର ରୂପିଣମ୍"। ଆଜି ସେହି ମହାନ୍ ଗୁରୁଙ୍କର ମହାର୍ଘ ଜୟନ୍ତୀ। ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ସେହି ପୂଣ୍ୟାମା ଆମ୍ଭମାନଙ୍କ ଉପରେ ତାଙ୍କର ଆଶିର୍ବାଦ ବର୍ଷା କରନ୍ତୁ। ତାଙ୍କ ଆଦର୍ଶ ହେଉ ଆମର ଧ୍ୟେୟ ଏବଂ ତାଙ୍କର ପ୍ରଦର୍ଶୀତ ଶିକ୍ଷା ଓ ଆଦର୍ଶରେ ଆମେ ଅନୁପ୍ରାଣିତ ହୋଇ ଆମର ପୂଣ୍ୟଭୂମି ଭାରତକୁ ସ୍ୱର୍ଗାଦପି କରିବା ପାଇଁ ସଦାସର୍ବଦା ଚେଷ୍ଟା କରିବା।



**ଶ୍ରୀମଦ୍‌ଭଗବତ୍ ଗୀତାର ଜ୍ଞାନ, କର୍ମ, ଭକ୍ତିତତ୍ତ୍ୱ ସହ ବୌଦ୍ଧମତର ମୈତ୍ରିବାଣୀ ପ୍ରଖ୍ୟାପନ ରାଧାକ୍ରିଷ୍ଣନ୍‌ଙ୍କ ବାଗ୍ମୀ ଜୀବନକୁ ପ୍ରତିଭାତ କରିଥିଲା ଯଥାନାମେ ତଥାଗୁଣେ। ନାମ ଯେପରି ଗୁଣମଧ୍ୟ ସେପରି ରାଧା+କ୍ରିଷ୍ଣ ଆରାଧନାର ଅନ୍ୟ ନାମ ମନ୍ଦାକିନୀ ରାଧା ଓ ଆକର୍ଷଣର କେନ୍ଦ୍ର ବିନ୍ଦୁ କୃଷ୍ଣଙ୍କର ଆଶିର୍ବାଦରୁ ସେହି ପ୍ରଜ୍ଞାପୁରୁଷ 1962 ରୁ 1967 ଯାଏଁ ଭାରତର ରାଷ୍ଟ୍ରପତି ଓ ପ୍ରଥମ ନାଗରିକ ଓ ସମାଜର ପ୍ରଥମ ଗୁରୁ ହୋଇଥିଲେ।**


**ଭଗତ ଲେନ୍, ମେନ୍ ରୋଡ଼, ଖୋର୍ଦ୍ଧା**

# କୃଷି କ୍ଷେତ୍ର ଲାଗି ୧୪ ହଜାର କୋଟି

ନୂଆଦିଲ୍ଲୀ ୨।୯: କୃଷି ବିକାଶ, କୃଷକ କଲ୍ୟାଣ, କୃଷି ସମ୍ବନ୍ଧିତ ଶିକ୍ଷା, ଗବେଷଣା ଏବଂ ଆଧୁନୀକୀକରଣ ପାଇଁ କେନ୍ଦ୍ର ସରକାର ୧୪ ହଜାର କୋଟି ଟଙ୍କା ବ୍ୟୟ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ଏକାଧିକ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ମୁଖ୍ୟତଃ ଡିଜିଟାଲ କୃଷି, ଖାଦ୍ୟ ସୁରକ୍ଷା, ଶିକ୍ଷା ଏବଂ ସଷ୍ଟେନେବଲ କୃଷି ସମ୍ପର୍କରେ ୭ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଡିଜିଟାଲ କୃଷି ମିଶନ ଲାଗି ୨୮୧୭ କୋଟି ଟଙ୍କାର ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଛି। ଏହା ଦ୍ୱାରା କୃଷି କ୍ଷେତ୍ରର ଆଧୁନୀକୀକରଣ ସହ ଉତ୍ପାଦନ ବୃଦ୍ଧି

**କ୍ୟାବିନେଟ ନିଷ୍ପତ୍ତି**

ହୋଇପାରିବ। ସେହିପରି ଶସ୍ୟ ବିଜ୍ଞାନ ଖାଦ୍ୟ ଏବଂ ପୌଷ୍ଟିକ ସୁରକ୍ଷା ନିମନ୍ତେ କ୍ୟାବିନେଟ ୩୯୭୯ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁର କରିଛି। ଏହା ଦ୍ୱାରା ଶସ୍ୟ ବିଜ୍ଞାନରେ ଉଚ୍ଚତର ଗବେଷଣା କରାଯାଇ ଅଧିକ ଉତ୍ପାଦନ, ସଂରକ୍ଷଣ ଏବଂ ଖାଦ୍ୟର ପୌଷ୍ଟିକତା ବୃଦ୍ଧି ପାଇପାରିବ। ସେହିପରି କୃଷି ଶିକ୍ଷା, ପରିଚାଳନା ଏବଂ ସାମାଜିକ ସେବା ଲାଗି କ୍ୟାବିନେଟ ୨୨୯୧ କୋଟି, ପଶୁସମ୍ପଦର ସୁରକ୍ଷା ଏବଂ ଉତ୍ପାଦନ ପାଇଁ ୧୭୦୨ କୋଟି, ଉଦ୍ୟାନ କୃଷି ବିକାଶ ନିମନ୍ତେ ୮୬୦ କୋଟି ଟଙ୍କା ବ୍ୟୟ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଗୁଡ଼ିକର ସଶକ୍ତିକରଣ ଲାଗି ୧୨୦୨ କୋଟି ଟଙ୍କା, ନ୍ୟାଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟ ପାଇଁ ୧୧୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।



# ଆନ୍ଧ୍ର-ତେଲେଙ୍ଗାନା ବର୍ଷା ବିପ୍ୱାତ, ୨୭ ମୃତ

ହାଇଦ୍ରାବାଦ, ୨।୯: ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଆନ୍ଧ୍ର ଉପକୂଳ କଳିଙ୍ଗପଟନମ ନିକଟାର ସ୍ଥଳ ଭାବେ ଅତିକ୍ରମ କରିଛି। ଏହା ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବା ସହିତ ଉତ୍ତର ପଶ୍ଚିମ ଦିଗକୁ ଗତି କରିଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ଭିତରେ ଆନ୍ଧ୍ର ଏବଂ ତେଲେଙ୍ଗାନା ତଥା ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଏଥିରେ ୨୭ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ଲକ୍ଷେ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ତେଲେଙ୍ଗାନାରେ ୧୫ ଓ ଆନ୍ଧ୍ରପ୍ରଦେଶରେ ୧୨ ଜଣ ପ୍ରାଣ ହରାଇଛନ୍ତି। ୧୪୦ଟି ଟ୍ରେନ ବାତିଲ ହୋଇଛି। ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଫଳରେ ସଡ଼କ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଦ୍ୟୁତ ଏବଂ ଟେଲି ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ହଜାର ହଜାର ଏକର ଚାଷ ଜମି ଜଳାର୍ଣ୍ଣବ ହେବା ଫଳରେ ବ୍ୟାପକ ଫସଲ ହାନି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିତି ସମୀକ୍ଷା କରିବା ପରେ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ସେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

## ଆପ ବିଧାୟକ ଅମାନତୁଲ୍ଲା ଗିରଫ

ନୂଆଦିଲ୍ଲୀ, ୨।୯: ଦିଲ୍ଲୀ ୱାକଫ ବୋର୍ଡରେ ଅନିୟମିତତା ଅଭିଯୋଗରେ ଦିଲ୍ଲୀର ଆପ ବିଧାୟକ ଅମାନତୁଲ୍ଲା ଖାନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ୱାକଫ ବୋର୍ଡରେ ପ୍ରାୟ ୧୦୦ କୋଟି ଟଙ୍କାର ସମ୍ପତ୍ତିକୁ ସେ ବେଆଇନ ଭାବେ ଲିଜ ଦେଇଥିବା ଅଭିଯୋଗ ହୋଇଛି। ଏହା ସହିତ ୱାକଫ ବୋର୍ଡରେ ନିଯୁକ୍ତି ଅନିୟମିତତାରେ ମଧ୍ୟ ସେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଗତ ଦୁଇ ବର୍ଷ ହେବ ଇଡି ଏ ସମ୍ପର୍କରେ ତଦନ୍ତ କରୁଥିଲା। ଆଜି ସକାଳେ ଇଡି ତାଙ୍କ ଘରେ ଚଢ଼ଉ କରିଥିଲା। ଏହା ପରେ ତାଙ୍କୁ କିଛି ସମୟ ଜେରା କରାଯିବା ପରେ ଗିରଫ କରାଯାଇଥିଲା। ଏ ସମ୍ପର୍କରେ ଅମାନତୁଲ୍ଲା ଏକ୍ସରେ କହିଛନ୍ତି ଯେ, ତାଙ୍କୁ ଦୁଇ ବର୍ଷ ହେବ ଇଡି ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରିଆସୁଛି। ତାଙ୍କ ବିରୋଧରେ ଅଭିଯୋଗ ସମ୍ପୂର୍ଣ୍ଣ ମିଛ ଏବଂ ମନଗଢ଼ା। ତାଙ୍କ ଶାଶୁ ଜଣେ କର୍କଟ ରୋଗୀ ଏବଂ ୪ ଦିନ ତଳେ ତାଙ୍କର ଅପରେସନ ହୋଇଛି। ତାଙ୍କ ଘରେ ସେ ରହୁଛନ୍ତି। ଏ ସମ୍ପର୍କରେ ସେ ଇଡିକୁ ଅବଗତ କରାଇଥିଲେ। କିନ୍ତୁ ଏହା ସତ୍ତ୍ୱେ ତାଙ୍କ ଘରେ ରେଡ କରିଛି ଏବଂ ତାଙ୍କୁ ଗିରଫ କରିଛି। ଏହା ତାଙ୍କ ବିରୋଧରେ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି।

## ଧରିଦେଲା କ୍ୟାମେରା କେନ୍ଦ୍ର ମନ୍ତ୍ରୀଙ୍କ କଟିଲା ଚାଲାଣ

ପାଟନା, ୨।୯: ପ୍ରାୟ ୧୫ ଦିନ ପୂର୍ବେ ବିହାରରେ ଲାଗୁ ହୋଇଛି ନୂଆ ନିୟମ। ଗାଡ଼ି ଅଧିକ ସ୍ପିଡରେ ଥିଲେ ତଥା ଏହାର କାଗଜପତ୍ର ଠିକ୍ ନ ଥିଲେ ଅଟୋମେଟିକ ଭାବେ ଗାଡ଼ି ମାଲିକଙ୍କ ନାଁରେ କଟିବ ଚାଲାଣ। ଏହି ନିୟମ ସମଗ୍ର ବିହାରରେ ଲାଗୁ ହୋଇଥିବା ବେଳେ ଆରମ୍ଭରୁ ଏଥିରେ ଫସିଗଲେ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ। ବିହାରରେ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ ହାଜିପୁରରୁ ଚମ୍ପାରନ ଯାଉଥିବା ବେଳେ ପରିବହନ ବିଭାଗ କ୍ୟାମେରାରେ ଧରାପଡ଼ିଛନ୍ତି। ତାଙ୍କ ଗାଡ଼ି ଅଧିକ ସ୍ପିଡରେ ଥିବାରୁ ଆପେଆପେ ୨ ହଜାର ଟଙ୍କାର କଟି ଯାଇଛି ଚାଲାଣ। ଏନେଇ ଚିରାଗ କହିଛନ୍ତି, ଜୋରିମାନା ଦିଆଯିବ। ପରିବହନ ବିଭାଗ ପକ୍ଷରୁ କୁହାଯାଇଛି, ଗତ ୧୮ ତାରିଖରୁ ଏହି ନୂଆ ବ୍ୟବସ୍ଥା ଲାଗୁ ହୋଇଛି। ଗାଡ଼ିର କାଗଜପତ୍ର ଯେପରି ଇନସ୍ୟୁରାନ୍ସ, ପଲିସି, ଫିଟନେସ୍ ଠିକ୍ ନ ଥିଲେ ତଥା ଗାଡ଼ି ଓଭର ସ୍ପିଡ ଥିଲେ କିମ୍ବା ଚାଳକ ସିଟ୍ ବେଲ୍ଟ ପିନ୍ଧି ନ ଥିଲେ ଆପେଆପେ ଚାଲାଣ କଟିଯିବ। ଏହି ଯୋଜନାରେ ବିହାରର ଜାତୀୟ ରାଜପଥ ପାର୍ଶ୍ୱରେ ଅତ୍ୟାଧୁନିକ କ୍ୟାମେରା ଲଗାଯାଇଛି। ଏହା ଉକ୍ତ ବାଟ ଦେଇ ଯାଉଥିବା ଗାଡ଼ିର ନମ୍ବର ପ୍ଲେଟର ଫଟୋ ଉଠାଇ ତାହାର କାଗଜପତ୍ର ଠିକ୍ ଅଛି କି ନାହିଁ ଯାଞ୍ଚ କରିବ।

# ଜାତି ଜନଗଣନାକୁ ଆରଏସଏସର ସମର୍ଥନ



ନୂଆଦିଲ୍ଲୀ୨।୯: ଜାତି ଭିତ୍ତିକ ଜଗନଗଣନାକୁ ନେଇ ରାଜନୈତିକ ବିବାଦ ଚାଲିଥିବା ବେଳେ ଆରଏସଏସ ଏହାକୁ ସର୍ତ୍ତ ଭିତ୍ତିକ ସମର୍ଥନ କରିଛି। ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଜାତି ଗଣନା କରାଗଲେ ଆପତ୍ତି ନାହିଁ। କିନ୍ତୁ ଏହାର ସାମାଜିକ ପ୍ରଭାବ ଉପରେ ମଧ୍ୟ ଦୃଷ୍ଟି ରଖିବାକୁ ପଡ଼ିବ ବୋଲି ସଂଘ ପରିବାର ସତର୍କ କରାଇ ଦେଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏହା କରାଗଲେ ଏହାର କୁପ୍ରଭାବ ପଡ଼ିବ ଏବଂ ଜାତିଜନଗଣନାର ଅସଲ ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ ବୋଲି ଆରଏସଏସ କହିଛି। କେବଳ ନିର୍ବାଚନରେ ଭୋଟ ବ୍ୟାଙ୍କ ସୃଷ୍ଟି ଲାଗି ଯଦି ଏହା କରାଯାଏ ତେବେ ଏହା ସ୍ୱାଗତଯୋଗ୍ୟ ନୁହେଁ ବୋଲି ସଂଘ ପରିବାରର ମୁଖପାତ୍ର ସୁନିଲ ଆମ୍ବେଦକର କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କଂଗ୍ରେସ ସମେତ ଇଣ୍ଡିମେଣ୍ଟର ଅଧିକାଂଶ ଅଂଶୀଦାର ଦଳ ଜାତିଜଗଣନା ଲାଗି ଦାବି କରୁଥିବା ବେଳେ ବିଜେପି ଏହା ସପକ୍ଷରେ ନାହିଁ। ଅନ୍ୟ ପକ୍ଷରେ ଶରସକ ଏନଡିଏର କିଛି ଅଂଶୀଦାର ଦଳ ବିଶେଷ କରି ଜେଡିୟୁ, ଏଲଜେପି ଏବଂ ହାମ ଭଳି କେତେକ ଦଳ ଜାତିଜନଗଣନାକୁ ସମର୍ଥନ କରୁଛନ୍ତି।

# ଦିଲ୍ଲୀ ଅବକାରୀ ନୀତି ଆଉ ଜଣଙ୍କୁ ଜାମିନ

ନୂଆଦିଲ୍ଲୀ, ୨।୯: ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆଜି ସୁପ୍ରିମକୋର୍ଟ ଆଉ ଜଣେ ଅଭିଯୁକ୍ତଙ୍କୁ ଜାମିନ ଦେଇଛନ୍ତି। ଆପର ପୂର୍ବତନ କମ୍ୟୁନିକେସନ ଇନଚାର୍ଜ ବିଜୟ ନାଏର ଦୀର୍ଘ ୨୩ ମାସ ପରେ ସୁପ୍ରିମକୋର୍ଟରୁ ଜାମିନ ପାଇଛନ୍ତି। ସେ ଦୀର୍ଘ ମାସ ହେଲା ଜେଲରେ ରହିଛନ୍ତି ଓ ଏଯାଏ ମାମଲାର ଶୁଣାଣି ହେଉ ନଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଥିବା କହିଛନ୍ତି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆପ୍ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବେ ଜେଲରେ ରହିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ପ୍ରଥମେ ଏହି ମାମଲାରେ ଆପ ନେତା ସଞ୍ଜୟ ସିଂହ, ପରେ ମନୀଷ ସିସୋଦିଆ ଓ ନିକଟରେ ବିଆରଏସ୍ ନେତ୍ରୀ କେ କବିତାଙ୍କୁ ଜାମିନ ଦେଇଥିଲେ। ଆଜି ବିଜୟ ନାଏର ଜାମିନ ପାଇଛନ୍ତି।

ଆଜି ବିଜୟଙ୍କୁ ଜାମିନ ଦେବା ବେଳେ ସର୍ବୋଚ୍ଚ ଅଦାଲତ ମନୀଷ ସିସୋଦିଆ ଓ କବିତାଙ୍କ ବେଲ୍ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ସମ୍ବିଧାନର ଧାରା ୨୧ରେ ଥିବା ସ୍ୱତନ୍ତ୍ରତାର ଅଧିକାର ଗୋଟିଏ ପବିତ୍ର ଅଧିକାର। ଏହାର ସମ୍ମାନ କଠୋର ପ୍ରାବଧାନ ଥିବା ସ୍ୱତନ୍ତ୍ର ଆଇନରେ ମଧ୍ୟ ମିଳିବା ଦରକାର। ଜଷ୍ଟିସ ଋଷିକେଶ ରାୟ ଓ ଜଷ୍ଟିସ ଏସବିଏନ ଭାଟ୍ଟୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆବେଦକାରୀ ବିଜୟ ନାଏର ୨୩ ମାସ ହେଲା ଜେଲରେ ରହିଛନ୍ତି। ଏହାର ଟ୍ରାଏଲ ଆରମ୍ଭ ହୋଇନାହିଁ ଓ ଅଣ୍ଡର ଟ୍ରାଏଲ ଭାବେ ତାଙ୍କୁ ଦଣ୍ଡ ବିଧାନ କରାଯାଇ ପାରିବ ନାହିଁ। ଟ୍ରାଏଲ ଆରମ୍ଭ ହେବା ଯାଏ ଯଦି ବିଜୟ ନାଏରଙ୍କୁ ଜେଲରେ ରଖାଯିବ, ତା'ହେଲେ ଜେଲ ବ୍ୟତୀକ୍ରମ ଓ ଜାମିନ ନିୟମର ଉଲ୍ଲଘଂନ ହେବ। ତେଣୁ ତାଙ୍କୁ ଜାମିନ ଦିଆଯାଉଛି।

ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ୨୦୨୨ରେ ଉଠିବା ପରେ ସିବିଆଇ ପ୍ରଥମ ଅଭିଯୁକ୍ତ ଭାବେ ବିଜୟ ନାଏରଙ୍କୁ ଗିରଫ କରିଥିଲା। ସେ ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ଆଣିଥିଲେ ବୋଲି ଉଭୟ ସିବିଆଇ ଓ ଇଡି ଅଭିଯୋଗ କରିଛନ୍ତି।

# ସେନା କ୍ୟାମ୍ପ ଉପରେ ଆତଙ୍କୀ ହମ୍‌ଲା, ଜଣେ ଯବାନ ଆହତ

ଶ୍ରୀନଗର, ୨।୯: ସୁଧୁରୁ ନାହାନ୍ତି ଆତଙ୍କବାଦୀ। ଜମ୍ମୁକଶ୍ମୀରର ସଞ୍ଜୱାନ ଆର୍ମି ବେସ ଉପରେ ଆତଙ୍କୀ ହମ୍‌ଲା ହୋଇଛି। ଏଥିରେ ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି। ସୋମବାର ଜମ୍ମୁ-କଶ୍ମୀରର ଜମ୍ମୁ ଦାରବାର ନିକଟରେ ଥିବା ସଞ୍ଜୱାନ ସେନା ଶିବିର ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ସେନା କ୍ୟାମ୍ପକୁ ଟାର୍ଗେଟ୍ କରି ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ଏହାର ପାଲଟା ଯବାବରେ ସେନା ମଧ୍ୟ ଗୁଳିମାଡ କରିଛି। ଏଥିରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। କ୍ୟାମ୍ପର ସାଣ୍ଟ୍ରି ପୋଷ୍ଟ ପାଖାପାଖି ଏହି ଆକ୍ରମଣ ଘଟିଥିବାର ସୂଚନା ମିଳିଛି। ସୂଚନା



ମୁତାବକ, ଆଜି ସାକଳ ୧୧ଟାରେ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ପାଖାପାଖି ୨୦୦ ମିଟର ଦୂରତାରୁ ଆତଙ୍କବାଦୀମାନେ ସେନା କ୍ୟାମ୍ପ ଉପରକୁ ଟାର୍ଗେଟ କରିଥିଲେ। ଫଳରେ ବୁଲେଟ୍ ସିଧାସଳଖ ଯାଇ ନିୟୋଜିତ ଥିବା ଜଣେ ଯବାନକୁ ମାଡ଼ ହୋଇଥିଲା। ଆହତ ଯବାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ୨ରୁ ୩ ଆତଙ୍କବାଦୀ ଲୁଚି ରହିଥିବା କୁହାଯାଉଛି। ସଂପୃକ୍ତ ଅଞ୍ଚଳକୁ ସିଲ୍ କରି ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ଅଗଷ୍ଟ ୩୧ ତାରିଖରେ ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲ୍ଲାର ଗୁରେଜ ସେକ୍ଟରରେ ଲାଇନ୍ ଅଫ୍ କଣ୍ଟ୍ରୋଲ୍ (ଏଲ୍‌ଓସି) ରେ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବାହିନୀ ବିଫଳ କରିଥିଲା। ଆତଙ୍କବାଦୀ ଏବଂ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ଜଣ ଆତଙ୍କବାଦୀ ନିହତ ହୋଇଥିଲେ।

# ଦୁଷ୍କର୍ମ ମାମଲାରେ କାଠଗଡ଼ାରେ ଟିଏମସି

## ୩ ଚ୍ୟାନେଲକୁ କଳା ବୟକଟ୍

କୋଲକାତା, ୨।୯: ତିନି ଟିଭି ଚ୍ୟାନେଲକୁ ବୟକଟ କଲା ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ। ଏହି ତିନି ଚ୍ୟାନେଲ ବଙ୍ଗଳା ବିରୋଧୀ ବୋଲି କହି ବୟକଟ କରିଛ ଟିଏମସି। ଏହି ତିନି ଚ୍ୟାନେଲ ହେଲେ ଜାତୀୟ ଗଣମାଧ୍ୟମ ସଂସ୍ଥା ଏବିପି ଆନନ୍ଦ, ଟିଭି-୯ ଭାରତବର୍ଷ ଏବଂ ରିପବ୍ଲିକ। ଏହି ତିନି ଚ୍ୟାନେଲ ହିନ୍ଦୀ ସହିତ ବଙ୍ଗଳା ଭାଷାରେ ନିଜର ମିଡିଆ ସଂସ୍ଥା ରଖିଛନ୍ତି।

କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ୩୧ ବର୍ଷୀୟା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ସମାଲୋଚନାର ଶିକାର ହୋଇଛି ତୃଣମୂଳ କଂଗ୍ରେସ। ଏହାପରେ ଉପରୋକ୍ତ ୩ଟି ଚ୍ୟାନେଲକୁ 'ବେଙ୍ଗଲ ବିରୋଧୀ' କହି ବୟକଟ କରିଛି। ଏହି ଟିଭି ଚ୍ୟାନେଲ୍ ବିତର୍କକୁ ନିଜର ମୁଖପାତ୍ରଙ୍କୁ ନ ପଠାଇବାକୁ ଏବେ ଟିଏମସି ନିଷ୍ପତ୍ତି ନେଇଛି। ବଙ୍ଗଳାବାସୀ ବଙ୍ଗଳା ବିରୋଧୀ ମେଣ୍ଟକୁ କ୍ରମାଗତ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ସବୁବେଳେ ପ୍ରଚାର ଅପେକ୍ଷା ସତ୍ୟକୁ ବାଛିଛନ୍ତି ବୋଲି ଟିଏମସି କହିଛି। କିଛି ଦିନ ତଳେ ଏବିପି ଆନନ୍ଦଙ୍କୁ ନେଇ ଏକ ଟିଭି ବିତର୍କ ବେଳେ ବରିଷ୍ଠ ଟିଏମ୍‌ସି ନେତା ତଥା



ସାଂସଦ କାକୋଲି ଘୋଷ ଦସ୍ତିଦାର ଏବଂ ବିଜେପି ବିଧାୟକ ଅଗ୍ନିମିତ୍ର ପାଲଙ୍କ ମଧ୍ୟରେ ବିବାଦ ହୋଇଥିଲା। ଲୋକସଭାରେ ଟିଏମ୍‌ସିର ଉପନେତା ଶ୍ରୀମତୀ ଦସ୍ତିଦାର ପ୍ରଖ୍ୟାତ ଫ୍ୟାସନ୍ ଡିଜାଇନର୍ ଶ୍ରୀମତୀ ପାଲଙ୍କୁ 'ଶାଢ଼ି ନିର୍ମାତା' ବୋଲି କହିଥିଲେ। ଏହାପରେ ବିଜେପି ନେତ୍ରୀ ଶ୍ରୀମତୀ ପାଲ୍ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ତାଙ୍କ ବୃତ୍ତି ପାଇଁ ଅତ୍ୟନ୍ତ ଗର୍ବିତ। ମମତା ବାନାର୍ଜୀ ସରକାର ଅପରାଧୀମାନଙ୍କୁ ଆଶ୍ରୟ ଦେଉଛନ୍ତି। ମହିଳାଙ୍କ ଦୁର୍ଦ୍ଦଶାକୁ ଅଣଦେଖା କରୁଛନ୍ତି ବୋଲି ବିଜେପି ବିଧାୟକ ଅଭିଯୋଗ କରିଛନ୍ତି।

ସେହି ଶୋ'ରେ ଶ୍ରୀମତୀ ଦସ୍ତିଦାରଙ୍କ ଆଉ ଏକ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେ କହିଥିଲେ ଯେ ପଶ୍ଚିମବଙ୍ଗରେ ସିପିଏମ୍ ଯୁଗରେ ପାସ୍ ମାର୍କ ପାଇଁ ଡାକ୍ତରୀ ଛାତ୍ରମାନଙ୍କୁ କୋଳରେ ବସାଇ ଦିଆଯାଉଥିଲା। ଏହି ମନ୍ତବ୍ୟକୁ ମହିଳା ଡାକ୍ତରମାନେ ତୀବ୍ର ସମାଲୋଚନା କରିବା ସହ ଟିଏମ୍‌ସି ସାଂସଦ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ। ଏହାପରେ ନିଜ ବୟାନ ପାଇଁ ଦୁଃଖିତ କହିବା ସହିତ କ୍ଷମା ପ୍ରାର୍ଥନା କରିଥିଲେ। ମହିଳାଙ୍କ କଲ୍ୟାଣ ଓ ଅଧିକାର ପାଇଁ ମୋର ଉଦ୍ଦେଶ୍ୟ ସବୁବେଳେ ରହିଆସିଛି ଓ ରହିବ ବୋଲି ଟିଏମସି ନେତ୍ରୀ ଏକ୍ସରେ ପୋଷ୍ଟ କରିଥିଲେ।

### ବିଜେପି ବିଧାୟକଙ୍କ ଖୋଲା ଧମକ

## ମସଜିଦରେ ପଶି ଜଣଜଣ କରି ମାରିବୁ

ନୂଆଦିଲ୍ଲୀ, ୨।୯: 'ମସଜିଦ ଭିତରେ ପଶିବୁ। ଜଣ ଜଣ କରି ମାରିବୁ।' ଏଭଳି କିଛି ଖୋଲା ଧମକ ଦେଇଛନ୍ତି ବିଜେପି ବିଧାୟକ ନୀତେଶ ରାଣେ। ଏହାକୁ ନେଇ ତାଙ୍କ ଅଡୁଆ ବଢ଼ିଛି। ତାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। ନୀତେଶ ରାଣେ ହେଟ୍ ସ୍ପିଚ୍ ଦେବା ଓ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ତାଙ୍କ ବିରୋଧରେ ଧାରା ୩୦୨, ୧୫୩ ଏବଂ ଭାରତୀୟ ନ୍ୟାୟିକ ସଂହିତାର ଅନ୍ୟ ବିଭାଗ ଅନୁଯାୟୀ ମାମଲା ରୁଜୁ ହୋଇଛି। ସେପଟେ ବିଜେପି ବିଧାୟକ ନିଜ ବିବାଦୀୟ ବୟାନକୁ ନେଇ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ଦୁଇଟି ଭିନ୍ନ ଭିନ୍ନ ଘଟଣାରେ ହେଟ୍ ସ୍ପିଚ୍ ବା ଘୃଣାପୂର୍ଣ୍ଣ ଭାଷଣ ଦେଇଥିବାରୁ ନୀତେଶ ରାଣେଙ୍କ ବିରୋଧରେ ଦୁଇଟି ଏଫ୍‌ଆଇଆର୍ ରୁଜୁ ହୋଇଛି। ଗୋଟିଏ ଶ୍ରୀରାମପୁରରେ ଏବଂ ଅନ୍ୟଟି ତୋପଖାନା ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଛି। ତୋପଖାନା ପୁଲିସ ଆଜି ନୀତୀଶ ରାଣେଙ୍କୁ ନୋଟିସ ପଠାଇ ତାଙ୍କୁ ପଚରାଉଚରା ପାଇଁ ଡାକିଛି। ନିକଟରେ ଅହମ୍ମଦନଗରରେ ରାମଗିରି ମହାରାଜଙ୍କ ସମର୍ଥନରେ ଏକ ରାଲି ବାହାରିଥିଲା। ଏହି ରାଲିରେ ହିନ୍ଦୁ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ। ରାଲି ପରେ ନୀତେଶ ରାଣେଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ସଂଖ୍ୟାଲଘୁଙ୍କୁ ଖୋଲାଖୋଲି ଧମକ ଦେଇଥିଲେ।

# ବୁଲ୍‌ଡୋଜର ଅଭିଯାନ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୨।୯: ବିଭିନ୍ନ ମାମଲାର ଅଭିଯୁକ୍ତଙ୍କ ଘର ଉପରେ ସରକାର ଚଢ଼ାଉଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନ ବିରୋଧରେ ମତ ରଖିଛନ୍ତି ସୁପ୍ରିମକୋର୍ଟ। ଯଦି ଜଣେ ବ୍ୟକ୍ତି ଦୋଷୀ ବି ସାବ୍ୟସ୍ତ ହେଉଛନ୍ତି, ତଥାପି ତାଙ୍କ ଘର ଭଙ୍ଗା ଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅଭିଯୁକ୍ତଙ୍କ ଘର ଉପରେ ସରକାର ବୁଲଡୋଜର ଚଳାଉଥିବାରୁ ଏହା ବିରୋଧରେ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଆଗତ କରାଯାଇଥିଲା। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଏପରି କଥା କହିଛନ୍ତି।

ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି, ସର୍ବଭାରତୀୟ ସ୍ତରରେ ଘର ଓ ବିଲଡିଂ ଉଚ୍ଛେଦ ନେଇ ସର୍ବୋଚ୍ଚ ଅଦାଲତ ଗୋଟିଏ ଗାଇଡଲାଇନ ଜାରି କରିବେ। ଜଣେ ବ୍ୟକ୍ତି ଅଭିଯୁକ୍ତ ହୋଇଛନ୍ତି ବୋଲି ତାଙ୍କ ଘର କେମିତି ଭାଙ୍ଗିବା? ଯଦି ବି ସେ ଦୋଷୀ ସାବ୍ୟସ୍ତ ହେଉଛନ୍ତି, ତଥାପି ତାଙ୍କ ଘରକୁ ଭଙ୍ଗା ଯାଇ ପାରିବ





ନାହିଁ। ଏ ସମ୍ପର୍କରେ ସୁପ୍ରିମକୋର୍ଟ ବାର ଆସୋସିଏସନକୁ କୁହାଯାଇଥିଲା। କିନ୍ତୁ ଏହି ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବା ଭଳି ଆମକୁ ଦୃଶ୍ୟମାନ ହେଉନି ବୋଲି ଜାମିଆ ଉଲେମା ଇ- ହିନ୍ଦର ଆବେଦନର ଶୁଣାଣି ବେଳେ ଜଷ୍ଟିସ ଗଭାଇ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ ଯେ ୨୦୨୨ ଦଙ୍ଗା ପରେ ତୁରନ୍ତ ଦିଲ୍ଲୀରେ ଅନେକ ଘର ଭାଙ୍ଗି ଦିଆଯାଇଥିଲା। କୁହାଯାଇଥିଲା ଯେ ଏଠାରେ ରହୁଥିବା ଲୋକମାନେ ହିଂସାକୁ ଉସକାଇଥିଲେ। ବରିଷ୍ଠ ଆଇନଜୀବୀ ଚନ୍ଦ୍ର ଉଦୟ ସିଂହ ରାଜସ୍ଥାନର ଉଦୟପୁରରେ ଘଟିଥିବା ଗୋଟିଏ ଘଟଣାର ଉଦାହରଣ ଦେଇଥିଲେ। ଏଠାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ପୁଅ ଗୋଟିଏ ଅପରାଧରେ ସାମିଲ ଥିବା ଅଭିଯୋଗ ହେବାରୁ ପ୍ରଶାସନ ତାଙ୍କ ଘର ଭାଙ୍ଗି ଦେଇଥିଲା। କେହି ବି ଲାକୁନାଗୁଡ଼ିକର ଫାଇଦା ଉଠାଇବା କଥା ନୁହେଁ ବୋଲି ମତ ରଖିଥିବା ଜଷ୍ଟିସ ବିଶ୍ୱନାଥନ କହିଛନ୍ତି ଯେ ବାପାଙ୍କର ସମ୍ଭବତଃ ଗୋଟିଏ ଆଜ୍ଞା ପାଳନ କରୁ ନଥିବା ପୁଅ ରହିଥାଇ ପାରେ, କିନ୍ତୁ ଏଥିପାଇଁ ଯେ ବାପା ରହୁଥିବା ଘରକୁ ଭାଙ୍ଗିବା ଆଦୌ ଉଚିତ ନୁହେଁ। ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ପକ୍ଷ ରଖି କହିଥିଲେ ଯେ ଘର ସେତେବେଳେ ଭଙ୍ଗା ଯାଉଛି ଯେତେବେଳେ ଆଇନର ଉଲ୍ଲଘଂନ ଥିବା ଜଣାପଡୁଛି। ପୌର ପାଳିକା ଆଇନ ଉଲ୍ଲଘଂନ ହେବା କଥା ଜଣାପଡ଼ିବା ପରେ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ। ଏହାର ଜବାବରେ ବେଞ୍ଚ କହିଥିଲେ ଆମେ ଅଭିଯୋଗ ଗୁଡ଼ିକୁ ଦେଖିଲା ବେଳେ ଭାବୁଛୁ ଯେ କିଛି ତ ଉଲ୍ଲଘଂନ ହୋଇଛି। ଜଷ୍ଟିସ ଗବାଇ କହିଛନ୍ତି, "ଏହା ଏକ ଜବରଦଖଲ ଆଇନ ହୋଇଥିଲେ ହେଁ

**ଉଚ୍ଛେଦ ପାଇଁ ଜାରି ହେବ ଗାଇଡଲାଇନ**

ଏହାକୁ ଅଲଗା ଉଦ୍ଦେଶ୍ୟରେ ଉଲ୍ଲଘଂନ କରି ବ୍ୟବହାର କରାଯାଉଛି। ଯଦି ନିର୍ମାଣ ବେଆଇନ ଭାବେ ହୋଇଛି, ତା'ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।" ବିଭିନ୍ନ ରାଜ୍ୟରେ ଅନାଧିକୃତ ଭାବେ ହୋଇଥିବା ବିଲଡିଂ ଭାଙ୍ଗିବା ପାଇଁ ଗୋଟିଏ ଗାଇଡଲାଇନର ଆବଶ୍ୟକତା ରହିଛି। ଏହା ପାଇଁ ପ୍ରସ୍ତାବ ଆସୁ। ଆମେ ସର୍ବଭାରତୀୟ ସ୍ତରରେ ଏନେଇ ଗାଇଡଲାଇନ ଜାରି କରିବୁ ବୋଲି ବିଶ୍ୱନାଥନ କହିଛନ୍ତି। ସୁପ୍ରିମକୋର୍ଟ ଆସନ୍ତା ୧୭ ତାରିଖରେ ପୁଣି ଏହା ଉପରେ ଶୁଣାଣି କରିବେ।

# ମା' କୋଳରେ ଶୋଇଥିଲା ୩ ବର୍ଷର ଛୁଆ, ଟାଣିନେଲା ଗଧିଆ

ଲକ୍ଷ୍ନୌ, ୨।୯: ରହିଛି ମଣିଷ ଖିଆ ଗଧିଆର ଆତଙ୍କ। ଯାହାକୁ ପାରୁଛି ତାକୁ କରୁଛି ଟାର୍ଗେଟ। ବିଶେଷ କରି ଛୋଟ ଛୁଆଙ୍କୁ କରୁଛି ଆକ୍ରମଣ। ଗୋଟିଏ ପଟେ ଉତ୍ତରପ୍ରଦେଶର ବାହରାଇଚ୍ ଜିଲ୍ଲାରେ ଜଙ୍ଗଲ ବିଭାଗ ମଣିଷଖିଆ ଗଧିଆକୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଚଳାଇଥିବା ବେଳେ ଅନ୍ୟପଟେ ଧିଆର ତା'ର ଆକ୍ରମଣ ଜାରି ରଖିଛି। ଗତକାଲି ରାତିରେ ମା' କୋଳରେ ଶୋଇଥିବା ଏକ ତିନି ବର୍ଷର ଛୁଆକୁ ଟାଣି ନେଇଛି ଗଧିଆ। ଫଳରେ ନୀରିହ ଶିଶୁଟି ପ୍ରାଣ ହରାଇଛି। ରବିବାର ରାତିରେ ଜିଲ୍ଲାର ମହସି ଅଞ୍ଚଳର ବନ ଗାରେଥୀ ଗାଁରେ ଏକ ତିନି ବର୍ଷର ଝିଅ ତା' ମା' କୋଳରେ ଶୋଇଥିଲା। ଏତିକି ବେଳେ ମା' କୋଳରୁ ଛୁଆଟିକୁ ଟାଣି ନେଇଥିଲା ଗଧିଆ। ଝିଅଟିର ଚିତ୍କାର ଶୁଣି ପରିବାର ସଦସ୍ୟ ତା' ପଛେ ପଛେ ଦୌଡ଼ିଥିଲେ। କିନ୍ତୁ କୌଣସି ପତ୍ତା ମିଳିନଥିଲା। ଗ୍ରାମବାସୀଙ୍କ ବହୁ ଖୋଜାଖୋଜି ପରେ ଗାଁଠାରୁ କିଛି ଦୂରରେ ଛୁଆଟିର କ୍ଷତ ବିକ୍ଷତ ମୃତଦେହ ମିଳିଛି। ସେହିପରି ଗଧିଆ ଆକ୍ରମଣରେ ଜଣେ ବୃଦ୍ଧ ମହିଳା ଆହତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉତ୍ତରପ୍ରଦେଶର ବାହରାଇଚରେ ଏହି ମଣିଷଖିଆ ଗଧିଆକୁ ଧରିବା ପାଇଁ ରେସକ୍ୟୁ ଅପରେସନ୍ ଚାଲିଛି। ପାଖାପାଖି ୩୫ଟି ଗାଁରେ ଗଧିଆର ଆତଙ୍କ ଜାରି ରହିଥିବା ଯୋଗୁ ହାଇଆଲର୍ଟ ଜାରି କରାଯାଇଛି। ଏପର୍ଯ୍ୟନ୍ତ ୪ ଟି ଗଧିଆ ଧରା ପଡିଛନ୍ତି। ଆଉ ୨ଟି ଗଧିଆ ବାକି ଅଛି। ବାହରାଇଚ୍ ଜିଲ୍ଲା ଜଜ୍ ଜଷ୍ଟିସ୍ ମୋନିକା ରାଣି କହିଛନ୍ତି ଯେ ବିଶେଷ ସମସ୍ୟା ହେଉଛି ଏହି ଘଟଣା ଗୋଟି ଏ ଗାଁରେ ନୁହେଁ ବରଂ ବିଭିନ୍ନ ଗ୍ରାମରେ ଘଟୁଛି। ଏହାକୁ ମିଶାଇ ପୂରା ଅଞ୍ଚଳରେ ଏହିଭଳି ୮ଟି ଘଟଣା ଘଟିଲାଣି। ଗତ ଦେଢ଼ ମାସ ମଧ୍ୟରେ ଗଧିଆ ଆକ୍ରମଣରେ ୭ ଜଣ ଛୁଆ ଏବଂ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଜଙ୍ଗଲ ବିଭାଗ ଏବଂ ପୁଲିସ ଟିମ୍ ଲଗାତାର ଲୋକଙ୍କୁ ସଚେତନ କରାଉଛନ୍ତି। ଘର ଭିତରେ କବାଟ ବନ୍ଦ କରି ରହିବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି।

# ବନ୍ଦ ହେଲା ହୀରାକୁଦ ଡ୍ୟାମର ସବୁ ଗେଟ୍



**ସମ୍ବଲପୁର,୨।୯(ସଂଚାର ବ୍ୟୁରୋ):** ହୀରାକୁଦ ଡ୍ୟାମର ଜଳସ୍ତରକୁ ଦୃଷ୍ଟିରେ ରଖି ସୋମବାର ସମସ୍ତ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ଖୋଲାଥିବା ୬ଟି ଗେଟ୍‌କୁ ବନ୍ଦ କରାଯାଇଥିବା ନେଇ ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୩୯ ଫୁଟ ରହିଛି।
ସୂଚନା ଯୋଗ୍ୟ, ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଦାନା ବାନ୍ଧିଛି। ଆସନ୍ତା ୪ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ପରେ ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଅବପାତଟି ଛତିଶଗଡ଼ ମୁହାଁ ହେବା ନେଇ ମଧ୍ୟ ଆକଳନ କରାଯାଇଛି। ଏହାର ପ୍ରଭାବରେ ୪ ତାରିଖରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।
ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଇତିମଧ୍ୟରେ ଅବପାତର ରୂପ ନେଇଛି। ଏଥିଯୋଗୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ଲାଗି ରହିଛି। ଅବପାତଟି କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମକୁ ମୁହାଁଇ ଉପକୂଳ ଅଞ୍ଚଳ ଓ ପରେ ଉତ୍ତର ଆନ୍ଧ୍ର ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବ। ରବିବାର ସନ୍ଧ୍ୟା ସୁଦ୍ଧା ଏହା ବିଶାଖାପାଟଣାରୁ ୯୦ କି.ମି. ଏବଂ ମାଲକାନଗିରିରୁ ୧୨୦ କି.ମି. ଦୂରରେ ରହିଥିବାବେଳେ ସୋମବାର ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ଓ୍ୱେଲ୍‌ମାର୍କ ଲୋପ୍ରେସରରେ ପରିଣତ ହେବ। ତେବେ ଏହାର ପ୍ରଭାବରେ ରବିବାର ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ହେଲେ ଜଳସ୍ତରକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ଆବଶ୍ୟକ ଗେଟ୍ ଖୋଲିବା ନେଇ ପଦକ୍ଷେପ ନିଆଯିବ ବୋଲି ଡ୍ୟାମ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନଫସଲ ଦଳିଚକଟି ନଷ୍ଟକଲେ ୯ଟିକିଆ ହାତୀପଲ



**ଅମରପାଲି,୨।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତ ଗରିଆମୁଣ୍ଡା ଅଞ୍ଚଳରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଦୁଇଦିନ ହେଲା ଦୁରଦୁରା ସଂରକ୍ଷିତ ଜଙ୍ଗଲରୁ ନଅ ଟିକିଆ ହାତୀପଲ ଆସି ଗରିଆମୁଣ୍ଡା ଓ ଠାକୁରପୁର ଅଞ୍ଚଳର ଚାଷ ଜମିରେ ଧାନଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ତେବେ ଖବର ପାଇ ଉଭୟ ବୀରମହାରାଜପୁର ଏବଂ ଉଲୁଣ୍ଡା ବନାଞ୍ଚଳ କର୍ମଚାରୀ ତଥା ସୁବଳୟା ପୋଲିସ ଓ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ହାତୀପଲକୁ ଆଠମଲ୍ଲିକ ଜଙ୍ଗଲକୁ ଘଉଡ଼ାଇ ଦେଇଥିବା ଜଣାଯାଇଛି। ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷ ମଧ୍ୟ ଭଲ ହୋଇଛି। ଏନେଇ ଚାଷୀ ବେଶ୍ ଖୁସି ଥିବା ବେଳେ ଏବେ ହାତୀପଲ ଧାନଫସଲ ନଷ୍ଟ କରିଥିବା ଯୋଗୁ ଚାଷୀ ହତାଶ ହୋଇପଡ଼ିଛି। ଧାନଫସଲ ଅମଳ ହେବା ପୂର୍ବରୁ ହାତୀପଲ ଆସିବା ଆରମ୍ଭ ହୋଇ ଥିବାରୁ ବନ ବିଭାଗ ସଜାଗ ରହି ହାତୀ କିପରି ଫସଲ ନଷ୍ଟ ନ କରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ବନ୍ଧୁଙ୍କ ଘରେ କଳାକନା ବୁଲାଇଦେଲେ ଚୋର



**ଭଦ୍ରକ,୨।୯(ସଂଚାର ବ୍ୟୁରୋ):** ବନ୍ଧୁ ଘରକୁ ଯାଇଥିଲେ ପରିବାର ଲୋକେ। ଘରେ କଳାକନା ବୁଲାଇ ଦେଲେ ଚୋର। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ ପଞ୍ଚାୟତ ବ୍ରାହ୍ମଣ ସାହିରେ ଏହି ଘଟଣା ଘଟିଛି। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।
ଗାଁର ମାର୍କଣ୍ଡ ପାଣିଗ୍ରାହୀ ପରିବାର ସହ ବନ୍ଧୁଙ୍କ ଘରକୁ ଯାଇଥିଲେ। ଆଜି ସକାଳେ ଘରକୁ ଫେରିବା ପରେ ନିଜ ଘର ଚୋରି ହୋଇଥିବା ଦେଖିଥିଲେ। ଚୋରମାନେ ସିଡ଼ି ଘର ଦେଇ ଘରକୁ ପଶିଥିଲେ। ପରେ ଘରେ ଥିବା ଆଲମାରିକୁ ଭାଙ୍ଗି ୧୨ ଭରି ସୁନା ସହ ନଗଦ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ମାର୍କଣ୍ଡ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଗ୍ରାମବାସୀଙ୍କୁ ପଚରାଉଚରା କରିବା ସହ ଘଟଣାର ତଦନ୍ତ କରୁଛି।

# ହାଣ୍ଡିଆ ନ ଦେବାରୁ ମହିଳାଙ୍କୁ ହତ୍ୟା

**କେନ୍ଦୁଝର,୨।୯(ସଂଚାର ବ୍ୟୁରୋ):** ହାଣ୍ଡିଆ ଆଣି ନ ଦେବାରୁ ମହିଳାଙ୍କୁ ଘରୁ ଘୋଷାଡ଼ି ଆଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ ନିଆଳିଝରଣ ଗାଁରେ। ମୃତ ମହିଳା ଜଣଙ୍କ ହେଲେ ସାଲେକ ହେମ୍ବ୍ରମ। ଗତକାଲି ରାତିରେ ସାଲେକଙ୍କ ସ୍ୱାମୀ ଗାଁର ଏକ ଭୋଜିକୁ ଯାଇଥିଲେ। ଘରେ ସାଲେକ ଓ ତାଙ୍କୁ ଶାଶୁ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆସି ସାଲେକଙ୍କୁ ହାଣ୍ଡିଆ ମାଗିଥିଲେ। ସାଲେକ ହାଣ୍ଡିଆ ଦେବାକୁ ମନା କରିଥିଲେ। ବ୍ୟକ୍ତି ଜଣଙ୍କ ଉତ୍କ୍ଷିପ୍ତ ହୋଇ ସାଲେକଙ୍କୁ ଘରୁ ଘୋଷାଡ଼ି ଆଣି ହତ୍ୟା କରିଥିବା ତାଙ୍କ ଶାଶୁ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ପୁଲିସ ଓ ଓସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛି। ତେବେ ବ୍ୟକ୍ତି ଜଣଙ୍କ କିଏ ଓ କାହିଁକି ସାଲେକଙ୍କୁ ହତ୍ୟା କଲେ ତାର କାରଣ ଜଣାପଡ଼ି ନାହିଁ। ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

## ହୀରାକୁଦରୁ ଜଳ ନିଷ୍କାସନ ପରେ ବୌଦ୍ଧରେ ଫୁଲୁଛି ମହାନଦୀ



ବୌଦ୍ଧ,୩ଠା୭: ହୀରାକୁଦ ଜଳଭଣ୍ଡାରରୁ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଫଳରେ ଜଳଭଣ୍ଡାରର ଜଳସ୍ତର ସାମାନ୍ୟ ହ୍ରାସ ପାଇଛି। ହେଲେ ବୌଦ୍ଧରେ ଫୁଲୁଛି ମହାନଦୀ। ଏଭଳିସ୍ଥିତିରେ ବୌଦ୍ଧରେ ମହାନଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି। ଫଳରେ ବୌଦ୍ଧ-ହରଭଙ୍ଗା ରାସ୍ତାର ଜଗନ୍ନାଥ ସଡ଼କ ଉପରେ ବନ୍ୟା ପାଣି ଚାଲୁଛି। ଏନେଇ ହରଭଙ୍ଗା ବ୍ଲକର ତଳିଆ ଅଞ୍ଚଳରେ ଜଳବନ୍ଦୀ ହେବା ଆଶଙ୍କା ଦେଖାଦେଇଛି। ହେଲେ ଜିଲା ପ୍ରଶାସନ ସଜାଗ ରହିଛି। ଏପରିକି ଓଡ୍ରାପ ଏବଂ ଅଗ୍ନିଶମବାହିନୀଙ୍କୁ ମୃତୟନ କରାଯାଇଛି।

## ଯାଦୁ ଖେଳ କାଳ ହେଲା

### ସାଙ୍ଗର ଗଳା କାଟି ଦେଲା ସାଙ୍ଗ

**ରାୟଗଡ଼ା,୨।୯(ସଂଚାର ବ୍ୟୁରୋ):** ଯାଦୁ ଖେଳ ହେଲା କାଳ। ଖେଳ ଖେଳରେ ସାଙ୍ଗର ଗଳା କାଟି ଦେଲା ସାଙ୍ଗ। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସାନମାଟିକଣା ଆବାସିକ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି।
ହଷ୍ଟେଲରେ ପଞ୍ଚମ ଶ୍ରେଣୀ ପିଲାମାନେ ମ୍ୟାଜିକ୍ କରୁଥିଲେ। ଏତିକିବେଳେ ଯାଦୁ ଖେଳ ଦେଖାଇବ କହି ଜଣେ ଚତୁର୍ଥ ଶ୍ରେଣୀର ଛାତ୍ର ବ୍ଲେଡରେ ପ୍ରଥମ ଶ୍ରେଣୀ ଛାତ୍ରର ଗଳା କାଟି ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଛାତ୍ରକୁ ରାୟଗଡ଼ା ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଟିକିରି ଥାନା ପୁଲିସ ଅଧିକ ଖୋଳତାଡ କରୁଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କି ପୁଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

## ମାଲିକଙ୍କ ଗୋଇଠାରେ ଟଳିପଡ଼ିଲେ ଶ୍ରମିକ

**ବଲାଙ୍ଗୀର,୨।୯(ସଂଚାର ବ୍ୟୁରୋ):** ଶ୍ରମିକର ସାମାନ୍ୟ ଭୁଲ୍‌ରେ ରାଗିଗଲେ ମାଲିକ । ଭୁଲିଗଲେ ହିତାହିତ ଜ୍ଞାନ । ଏହାପରେ ବିଚ୍ ରାସ୍ତାରେ ଶ୍ରମିକଙ୍କୁ ଲାତ ମାରିଲେ, ଆଉ ଆଖି ପିଛୁଳାକେ ଟଳି ପଡ଼ିଲେ ଶ୍ରମିକ ।
ଏପରି ଏକ ଅଭାବନୀୟ ଘଟଣା ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ଘଟିଛି। ମୃତକ ହେଲେ ଗାଡ଼ିଆଜୋର ଗାଁର ଗୋପବନ୍ଧୁ ଧରୁଆ । ଗୋପବନ୍ଧୁଙ୍କୁ ହତ୍ୟା ଅଭିଯୋଗରେ ପୁଲିସ୍ ଅଭିଯୁକ୍ତ ମାଲିକ ସୁଦାମ ଧରୁଆଙ୍କୁ ଥାନାରେ ଅଟକ ରଖିଛି।
ସୁଦାମ ଗତ ରବିବାର କିଛି ଟଙ୍କା ଦେଇ ଗୋପବନ୍ଧୁଙ୍କୁ ନିକଟ କେନ୍ଦୁମୁଣ୍ଡି ଗାଁରୁ ସାର ଆଣିବାକୁ କହିଥିଲେ। ଏଥିସହ ବଳକା ଟଙ୍କାକୁ ଘରେ ଦେବାକୁ କହିଥିଲେ। କିନ୍ତୁ ଗୋପବନ୍ଧୁ ବଳକା ଟଙ୍କାକୁ ଖର୍ଚ୍ଚ କରି ଦେଇଥିବା ବେଳେ ଆଉ ସୁଦାମଙ୍କୁ ଫେରାଇ ନ ଥିଲେ। ଗତକାଲି ଗୋପବନ୍ଧୁ ଧରୁଆ ଓ ଅନ୍ୟଜଣେ ସାଥି ଗାଁ ମୁଣ୍ଡରେ ଥିବା ପୋଲ ଉପରେ ବସିଥିଲେ। ଉକ୍ତ ସମୟରେ ସୁଦାମ ସେଠାରେ ପହଞ୍ଚିଥିଲେ। ଟଙ୍କା ନ ଫେରାଇବାକୁ ନେଇ ଗୋପବନ୍ଧୁଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ସୁଦାମ ଗୋପବନ୍ଧୁଙ୍କୁ ଲାତ ମାରିଥିଲେ। ଫଳରେ ସେହିଠାରେ ହିଁ ଅଚେତ ହୋଇ ପଡ଼ିଥିଲେ ଗୋପବନ୍ଧୁ।

# ଡେକାଦୋରା ରାସ୍ତା ମନରେଗାରେ ମହାଦୁର୍ନୀତି

## ମେସିନରେ ୨୦ଘଣ୍ଟା କାମକରି ଲୁଟିଲେ ୧୦ଲକ୍ଷ

**ମୁନିଗୁଡା,୨।୯(ସଂଚାର ବ୍ୟୁରୋ)** ଗ୍ରାମାଞ୍ଚଳରେ ଗରିବ ଲୋକମାନେ କାମ ଅଭାବରୁ ପରିବାର ପୋଷଣ କରିବାକୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏହିଅବସରରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ମାନଙ୍କରେ ମନରେଗା ଯୋଜନାରେ ପର୍ଯ୍ୟାପ୍ତ ପରିମାଣରେ କାମ ଯୋଗାଇ ଦେଇଛନ୍ତି। ମାତ୍ର ଏହି ଯୋଜନାର କାର୍ଯ୍ୟ ମନୁଷ୍ୟ ବ୍ୟତୀତ ମେସିନିରେହେବାକୁନିଷିଦ୍ଧକରାଯାଇଛି। ଲୋକମାନେ ଦାଦନ ଖଟିବାକୁ ନଯାଇ ନିଜ ଗ୍ରାମରେ କାମ କରି ପରିବାର ପୋଷଣ କରିପାରିବେ କିନ୍ତୁ ଦୁର୍ନୀତି ଖୋର ଯନ୍ତ୍ରୀ ଓ ଅଧିକାରୀଙ୍କ ଯୋଗୁଁ ଲୋକପ୍ରତିନିଧି ଏବଂ ଜିଆରଏସଙ୍କ ମଧୁଚନ୍ଦ୍ରିକାରେ ମନରେଗା ଯୋଜନା ବାଟବଣା ହୋଇ ମେସିନିରେ କାମ ହେଉଥିବା ଯୋଗୁ ଲୋକମାନଙ୍କୁ ପରୋକ୍ଷରେ ଦାଦନ ଖଟିବାକୁ ପଠାଯାଉଛି। ଏପରି ଏକ ନିଛକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା



ଉପାନ୍ତ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତ ଅଧୀନ ଡେକାଦୋରା ଗ୍ରାମରେ । ଏଠାରେ ଡେକାଦୋରାରୁ ବସନ୍ତସାଗର ଓ କୋଡିଶୁରୁ ମାଟି ରାସ୍ତା ମନରେଗା ଯୋଜନାରେ ଫଳକ ମୁତାବକ ୨୦୨୧ମସିହାରେ ନିର୍ମାଣ ହେବାକଥା, କିନ୍ତୁ ସଠିକସମୟରେ ନହୋଇ ୨୦୨୩ମସିହାରେ ଜେସିପି ମେସିନି ଦ୍ୱାରା ୨୦ ଘଣ୍ଟାରେ ଦୁଇ ପାଖ ନାଳଭଳି ଖୋଳି ଅସମ୍ପୂର୍ଣ୍ଣ ରାସ୍ତା କରି ୧୦ଲକ୍ଷ ଟଙ୍କା ବିଲ କରି ଲୁଟି ନେଇଥିବା ଅଭିଯୋଗ ହୋଇଛି।ଏନେଇ ଗ୍ରାମବାସୀ ଠିକା କରୁଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଥିଲେ , ମୋ ଇଚ୍ଛା ମୁ ଯେତିକି କରିପାରିବି ତୁମ ହାତରେ ଯାହା ଅଛି ତାହାକର।ଏପରି କଥା ଶୁଣି ଗ୍ରାମବାସୀ ୨୭ ଓ ୨୮ ତାରିଖରେ ଚନ୍ଦ୍ରପୁରରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଓ ପଞ୍ଚାୟତର ଜନଶୁଣାଣିରେ ଏହି ରାସ୍ତାର ଦୁର୍ନୀତିକୁ ତଦନ୍ତ କରି ସ୍ୱାଭାବିକ କରିବାକୁ ଲିଖିତ ଅଭିଯୋଗ ଦେଇଥିଲେ।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



**ଭେଡେନ,୨।୯(ସଂଚାର ବ୍ୟୁରୋ)** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଫିସ ସଭାଗୃହ ରେ ସୋମବାର ଦିନ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିର ରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟେଲ ଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଜନସାଧାରଣ ଙ୍କ ସମସ୍ୟା ଏବଂ ଅଭିଯୋଗ ର ଶୁଣାଣି କରିଥିଲେ । ଏହି ଶିବିର ରେ ମୋଟ ୮୮ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେ ମଧ୍ୟରୁ ୫୯ ଟି ବ୍ୟକ୍ତିଗତ ଏବଂ ୨୯ ଟି ସାମୁହିକ ଅଭିଯୋଗ ହୋଇଛି । ଶିବିର ରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ବି ଡି ଓ ତ୍ରିପୁର ମହାନନ୍ଦ, ତହସିଲଦାର ଗୌରବ ବର୍ଗେ, ବି ଇ ଓ ମଛୀନ୍ଦ୍ର ମଲିକ ଙ୍କ ସମେତ ଶିକ୍ଷା ରାଜସ୍ୱ କୃଷି ପୂର୍ତ୍ତ ଅବକାରୀ ଜଙ୍ଗଲ ବିଦ୍ୟୁତ ଆଦି ବିଭିନ୍ନ ବିଭାଗ ର ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରାହିର ହୁସେନ ପରିଚାଳନା କରିଥିବା ବେଳେ ଏ ବି ଡି ଓ ପ୍ରିତିଶ ଦୋରା ଏବଂ ଭେଡେନ ବ୍ଲକ ର ଅନ୍ୟ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ ।

# ହାତୀ ନେଲା ଦମ୍ପତିଙ୍କୁ ଜୀବନ



**ବଲାଙ୍ଗୀର, ୨।୯(ସଂଚାର ବ୍ୟୁରୋ):** ଭୋରୁ ଭୋରୁ ଦଳିଦେଲା ହାତୀ। ହାତୀ ପାଦ ତଳେ ଚାଲିଗଲା ଦମ୍ପତିଙ୍କ ଜୀବନ । ଛାରଖାର ହୋଇଗଲା ସଂସାର। ଏପରି ଏକ ଅଭାବନୀୟ ଘଟଣା ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ରେଞ୍ଜର ଚାବିରୀପାଲି ଗାଁରେ ଘଟିଛି। ମୃତ ଦମ୍ପତି ହେଲେ ନଳାମ୍ବର ବରିହା ଏବଂ ସ୍ତ୍ରୀ ଯୋଶବନ୍ତୀ ବରିହା। ଗତ ରାତିରେ ନିଜ କ୍ଷେତରେ ନଳାମ୍ବର ବରିହା ଏବଂ ସ୍ତ୍ରୀ ଯୋଶବନ୍ତି ବରିହା ଓ ସେମାନଙ୍କ ପୁଅବୋହୂ ବି ରହିଥିଲେ। ରାତି ପ୍ରାୟ ୩ଟାରେ କିଛି ଶବ୍ଦ ହେଉଥିବା ଶୁଣି ଯୋଶବନ୍ତୀ ବାହାରକୁ ଯାଇ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ପତ୍ନୀଙ୍କ ଚିତ୍କାର ଶୁଣି ନଳାମ୍ବର ସଙ୍ଗେସଙ୍ଗେ ବାହାରକୁ ଯିବାରୁ ହାତୀ ତାଙ୍କୁ ବି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ପତିପତ୍ନୀଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଗାଁରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ଓବିସି ମୋର୍ଚ୍ଚା ନୂତନ କାର୍ଯ୍ୟକାରୀ କମିଟି ଗଠନ

**ମୁନିଗୁଡା,୨।୯(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ମଣ୍ଡଳ ଭାଜପା ଓବିସି ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଓ ନୂତନ କାର୍ଯ୍ୟକାରୀ କମିଟି ଶିବିର ସୁଭଦ୍ରା-ଉଦ୍ଧଭ ଶୈକ୍ଷିକ ଭବନ ପରିସରରେ ବିଜେପିର ବରିଷ୍ଠ ନେତା ମିନକେତନ ଗୌଡଙ୍କ ସଭାପତିତ୍ୱ ଓ ଯୁବନେତା ସୁବାଶ ଗୌଡଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଯୋଗ ଦେଇ ଦଳର ସାଙ୍ଗଠନିକ ଉପରେ ଗୁରୁତ୍ୱ ଦେବା ସହ ୨୦୨୪ ପାଇଁ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ନିଷ୍ପତି ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ।ଗ୍ରାମାଞ୍ଚଳର ଲୋକମାନଙ୍କର ନିକଟତମ ହୋଇ ଦଳଗତ ନିର୍ବିଶେଷରେ ସେମାନଙ୍କ ସମସ୍ୟା ପ୍ରଶାସନ ନିକଟରେ ପହଁଞ୍ଚାଇବା ସହିତ ଗ୍ରାମାଞ୍ଚଳରେ ସଦସ୍ୟତା ଉପରେ ଗୁରୁତ୍ୱ ଦେବାକୁ କର୍ମକର୍ତ୍ତାଙ୍କୁ ବେହେରା ପରାମର୍ଶ ଦେଇଥିଲେ।ଏହି ଶିବିରରେ ନୂତନ କମିଟି ଗଠନ ପାଇଁ ସମ୍ମତି ପ୍ରକାଶ ପାଇବାପରେ ପଦ୍ମନ ବେହେରାଙ୍କୁ ସଭାପତି,ସୁବାସ ଗୌଡ ଓ ସୁବରତ ପ୍ରଧାନ ଉପ ସଭାପତି, ମୀନ ଗୌଡ ସାଧାରଣ ସମ୍ପାଦକ,ସହ ସମ୍ପାଦକ ଭାବେ ଭୀମ ବେହେରା,ନତ୍ୱୀନ ଭୋଲା,ଶଙ୍କର ବେହେରା,ଅରୁଣ କୁମାର ସାହୁ,କୋଷାଧ୍ୟକ୍ଷ ଭଗବାନ ବନଚର ଏବଂ ସହକୋଷାଧ୍ୟକ୍ଷ ସରୋଜ ଗୌଡଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀକୁ ପେଦିନା ସନ୍ତୋଷ,ନରେନ୍ଦ୍ର ସାହୁକାର,ଭଗବାନ ପାତ୍ର,ରାଜୁ ବେହେରା,ବେଲାରସେନ ନାଲା,ଚୈତନ୍ୟ ହାତି,ଜି.ରାବଣା,ଦଶରଥ ସେନାପତି,ଏବଂ ରମେଶ ଗୌଡ ମନୋନୀତ ହୋଇଛନ୍ତି।ମଣ୍ଡଳର ୮ଟି ପଞ୍ଚାୟତ ପାଇଁ ଜଣେଲେଖାଏ କାର୍ଯ୍ୟକାରିଣୀ ପଦାଧିକାରୀଙ୍କ ସହ ପ୍ରଭାରୀ ଘୋଷଣା କରାଯାଇଥିଲା। ମୁନିଗୁଡା ପଞ୍ଚାୟତ ପାଇଁ ସଭାପତିଙ୍କ ସହ ବାବୁଲା ପାତ୍ର,ମୁନିଖୋଲ ପଞ୍ଚାୟତ ପାଇଁ ସମ୍ପାଦକଙ୍କ ସହ ଭି.ରାବଣା,ପାତ୍ରଗୁଡା ପଞ୍ଚାୟତ ପାଇଁ ଶଙ୍କର ବେହେରାଙ୍କ ସହ ପ୍ରଫୁଲ୍ଲ ପୂଜାରୀ,ଶିବପଦର ପଞ୍ଚାୟତ ପାଇଁ ରାମଚନ୍ଦ୍ର ବେହେରାଙ୍କ ସହ ସୁନ୍ଦର ରାଜୁ,ଆଗୁଳ ପାଇଁ ପି.ସନ୍ତୋଷଙ୍କ ସହ ସୁବରତ ପ୍ରଧାନ,କୁମୁଡାବାଲି ପାଇଁ ଭୀମ ବେହେରାଙ୍କ ସହ ନାରଦ କାଶି,ଭୈରଗଡ ପାଇଁ ଅରୁଣ ସାହୁଙ୍କ ସହ ସରୋଜ ସାହୁ, ତେଲେଙ୍ଗାପଦର ପାଇଁ ସୁବାସ ଗୌଡଙ୍କ ସହ ନରେନ୍ଦ୍ର ସାହୁଙ୍କୁ ଦାୟିତ୍ୱ ମିଳିଛି। ଏହି ନୂତନ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ବେହେରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚିଟଫଣ୍ଡ...

ଇଷ୍ଟେଟସର ୧୦୦୧ଜଣଙ୍କୁ ୮କୋଟି ୩୦ଲକ୍ଷ ଟଙ୍କା ଫେରସ୍ତ କରାଯାଇସାରିଛି ।
୩୫ଟି ବେଆଇନ କମ୍ପାନୀର ମୋଟ ୧୪୭୨.୪୨୮ଏକର ସ୍ଥାବର ସମ୍ପତ୍ତି ବ୍ୟାଜ୍ୟାପ୍ତି ହୋଇଛି, ସେଥିରୁ ମାତ୍ର ୫୬.୫୪୯ଏକର ଜମି ନିଲାମ ହୋଇଛି । ୨୫ଟି କମ୍ପାନୀର ବ୍ୟାଜ୍ୟାପ୍ତ ସ୍ଥାବର ସମ୍ପତ୍ତି ନିଲାମ କରି ୮.୯୩କୋଟି ଟଙ୍କା ମିଳିଛି । ମୋଟ ୬୭ଟି ଚିଟଫଣ୍ଡ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବ୍ୟାଜ୍ୟାପ୍ତି ନିମନ୍ତେ ୮୯ଟି ପ୍ରସ୍ତାବକୁ ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାର ଅନ୍ତରୀଣ କୋରଖ ଆଦେଶ ଦେଇଛନ୍ତି ।
ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଶନ ସାତଟି ଅନ୍ତରୀଣ ରିପୋର୍ଟରେ କରିଥିବା ସୁପାରିଶ ଅନୁସାରେ କ୍ଷେତ୍ରୀୟ ତଦନ୍ତ ପରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ବାସ୍ତବ ଜମାରାଶି କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ ପ୍ରକ୍ରିୟା ଚାଲୁଅଛି ।
ତଦନ୍ତ କମିଶନ ଆଇନ-୧୯୫୨ର ଧାରା(୩) ଉପଧାରା(୪) ଅନୁଯାୟୀ ତଦନ୍ତ କମିଶନଙ୍କ ରିପୋଟର ସୁପାରିଶ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ତଦନ୍ତ କମିଶନଙ୍କ ରିପୋର୍ଟ ଓ ଏହାର ଆକ୍ସନ ଟେକନ ରିପୋର୍ଟ ବିଧାନସଭା ଗୃହରେ ଉପସ୍ଥାପନ କରାଯିବାର ବିଧି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।
ଉଲ୍ଲେଖଯୋଗ୍ୟ, ୨୦୧୨ ମସିହା ଶେଷ ଭାଗରେ ରାଜ୍ୟରେ ଚିଟଫଣ୍ଡଙ୍କ କମ୍ପାନୀଗୁଡ଼ିକର ବେଆଇନ କାରବାର ପଦାକୁ ଆସିଥିଲା । ସେହିବର୍ଷ କ୍ରାଇମବ୍ରାଂଚ ତଦନ୍ତ ଭାର ହାତକୁ ନେଇଥିଲା ଓ ପ୍ରାୟ ୧୫୯ଟି କମ୍ପାନୀ ବିରୁଦ୍ଧରେ ମାମଲା ରୁଜୁ କରିଥିଲା । ରାଜନୈତିକ ପୃଷ୍ଠପୋଷକତାରେ ରହି ଏହି ଚିଟଫଣ୍ଡ କମ୍ପାନୀଗୁଡ଼ିକ ରାଜ୍ୟବାସୀଙ୍କ ପ୍ରାୟ ୨୦ହଜାର କୋଟି ଟଙ୍କାକୁ ସୁଚିନ୍ତିତ ଢଙ୍ଗରେ ଲୁଟ୍ କରିନେଇଥିବା ଅଭିଯୋଗ ହୋଇଥିଲା । ୨୦୧୪ ମେ' ମାସରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇକୁ ପ୍ରମୁଖ ୪୪ଟି ଚିଟଫଣ୍ଡ କମ୍ପାନୀର ତଦନ୍ତ ଭାର କ୍ରାଇମବ୍ରାଂଚ ହସ୍ତାନ୍ତର କରିଥିଲା । ଆଉ ତତକାଳୀନ ବିଜେଡି ସରକାର ୨୦୧୩ ଜୁଲାଇରେ ଜଷ୍ଟିସ ଆର.କେ ପାତ୍ର ଓ ୨୦୧୫ ଫେବୃୟାରୀରେ ଜଷ୍ଟିସ ମଦନମୋହନ ଦାସଙ୍କୁ ନେଇ ଚିଟଫଣ୍ଡ କମିଶନ ଗଠନ କରିଥିଲେ । ଇତିମଧ୍ୟରେ ୧୨ବର୍ଷ ବିତିଯାଇଥିଲେ ସୁଦ୍ଧା ଚିଟଫଣ୍ଡ କ୍ଷତିଗ୍ରସ୍ତକାରୀଙ୍କୁ ନିଜ ଜମାଟଙ୍କା ମିଳିପାରିଲା ନାହିଁ । ଅବଶ୍ୟ ସରକାରକୁ ଆସିଲେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଦେଢ଼ବର୍ଷ ମଧ୍ୟରେ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ।

### ଯୋଗ୍ୟ...

ଇସ୍ତାହାରରେ ଦୁଇ ବର୍ଷରେ ରାଜ୍ୟର ସବୁ ମହିଳାଙ୍କୁ ୫୦ହଜାର ଲେଖାଏଁ ଦେବାକୁ ଘୋଷଣା କରିଥିଲା। ଏବେ କିନ୍ତୁ ୫ ବର୍ଷରେ ୫୦ ହଜାର ଦେବାକୁ ଯାଉଛି। ଏହି ପ୍ରସଙ୍ଗରେ ଆଜି ବିଧାନସଭା ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଫଳରେ ଆଜି ବିଧାନସଭାର ପ୍ରଥମାର୍ଦ୍ଧରେ କୌଣସି ଆଲୋଚନା ହୋଇପାରିନଥିଲା। ଏପରିକି ବିଜେଡି ମଧ୍ୟ ଏହି ପ୍ରସଙ୍ଗରେ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୁଭଦ୍ରା ଯୋଜନାରେ କିଭଳି ରାଜ୍ୟର ମହିଳାଙ୍କୁ ରାଜ୍ୟ ସରକାର ଠକିଛନ୍ତି ତାର ଖୁଲାସା କରିଛନ୍ତି।

### ଆତ୍ମସମର୍ପଣ...

କାରଣ ବଶତଃ ହାଜର ହୋଇନପାରିଥିବାରୁ ଆଜି କୋର୍ଟ ଯାଇ ଆତ୍ମସମର୍ପଣ କରିଛନ୍ତି ।
ତେବେ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ନହୋଇଥିବାରୁ ତାଙ୍କ ବିରୋଧରେ ଗିରଫ ବିହିନ ପରଓ୍ୱାନା (ଏନବିଡବ୍ଲୁ) ଜାରି ହୋଇଥିଲା । ତେଣୁ ସେ ଯେକୌଣସି ମୂହୁର୍ତ୍ତରେ ଗିରଫ ହୋଇପାରିଥାନ୍ତେ । ଏହା ପୂର୍ବରୁ ଜୟନାରାୟଣ ମିଶ୍ର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ।
ଏହାପରେ କୋର୍ଟ ରେ ନିଜ ପକ୍ଷ ରଖିଥିଲେ ଜୟନାରାୟଣ । ୫୦ ହଜାର ଟଙ୍କା, ଦୁଇ ଜଣ ଜାମିନଦାର ଓ କିଛି ସର୍ତ୍ତ ଆଧାରରେ ତାଙ୍କୁ ଜାମିନ ମିଳିଛି । ୨୦୧୮ ମସିହାରେ ଦିଲେଶ୍ୱର ହତ୍ୟାକାଣ୍ଡରେ ତାଙ୍କ ନାଁରେ ଚାର୍ଜ ଫ୍ରେମ ହୋଇଥିବାବେଳେ, ଖୁବଶୀଘ୍ର ଏହି ଘଟଣାରେ ଶୁଣାଣି ଆରମ୍ଭ ହେବ ।

### ଖଣି...

ବଢ଼ିବ ବୋଲି ଜଣାପଡ଼ିଛି। ଧରଣୀଧର ବାଲିଆ ମାଫିଆ ଓ ପଥର ମାଫିଆଙ୍କୁ ଅନୁକମ୍ପା ଦେଖାଇ ତାଙ୍କ ନିକଟରୁ ମୋଟା ଅଙ୍କର ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଚଢ଼ାଉରେ ୧୦ ଡିଏସ୍ପି, ୧୬ ଇନ୍ସପେକ୍ଟର, ୭ ଏଏସ୍ଆଇ ସାମିଲ ହୋଇଛନ୍ତି।

# ଧରାପଡ଼ିଲେ ସିଡିପିଓ



**ସୁନ୍ଦରଗଡ଼/କୁତ୍ରା, ୨।୯(ସଂଚାର ବ୍ୟୁରୋ):** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ପଡ଼ିଲେ କୁତ୍ରା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ। ତେଲିଘଣା ଗୌନ୍ତିଆପଡ଼ାର ଅଙ୍ଗନବାଡ଼ି କର୍ମୀ କଲେଷ୍ଟିକା ଖାଲକୋଙ୍କୁ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ସୋମବାର ଅପରାହ୍ନରେ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରିଲା ଟିମ୍। କିଛି ଦିନ ତଳେ ଅଧିକାରୀ ଜୟଶ୍ରୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଅପ୍ରତ୍ୟାଶିତ ଭାବେ ଯାଞ୍ଚ କରି ସାମାନ୍ୟ ତ୍ରୁଟି ଧରିଥିଲେ। ଏଥିପାଇଁ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ଅଙ୍ଗନବାଡ଼ି କର୍ମୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଙ୍ଗନବାଡ଼ି କର୍ମୀ କାକୁତିମିନତି ହୋଇଥିଲେ ବି ଶୁଣି ନ ଥିଲେ। ଟଙ୍କା ନଦେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି କହିବା ପରେ ଅଙ୍ଗନବାଡ଼ି କର୍ମୀ କିସ୍ତିରେ ଟଙ୍କା ଦେଇପାରିବେ କହିଥିଲେ। ତେବେ ଟଙ୍କା ପାଇଁ ଚାପ ପକାଇବାରୁ ଅଙ୍ଗନବାଡ଼ି କର୍ମୀ ରାଉରକେଲା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସେପ୍ଟେମ୍ବର ୧ ତାରିଖରେ ରାଉରକେଲା ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ଶିଶୁ ବିକାଶ ଅଧିକାରୀଙ୍କୁ ଧରିବାକୁ ଯୋଜନା କରିଥିଲା। ସୋମବାର ଅଙ୍ଗନବାଡ଼ି କର୍ମୀ ପ୍ରଥମ କିସ୍ତି ୨ ହଜାର ଟଙ୍କା ଦେଲା ବେଳେ ପୂର୍ବରୁ ଛକିଥିବା ଭିଜିଲାନ୍ସ ମାଡ଼ି ବସିଥିଲେ। ଅଧିକାରୀଙ୍କଠାରୁ ୨ ହଜାର ଲାଞ୍ଚ ଟଙ୍କା ଜବତ କରିବା ସହ ସୁନ୍ଦରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟକୁ ଉଠାଇ ଆଣିଛି ଟିମ୍। ତଦନ୍ତ ଜାରି ରହିଛି।

## ବୈଷ୍ଣୋ ଦେବୀ ରାସ୍ତାରେ ଭୂସ୍ଖଳନ ୩ ମୃତ



ଶ୍ରୀନଗର, ୨।୯: ଜମ୍ମୁର ମାତା ବୈଷ୍ଣୋ ଦେବୀ ଭବନ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପଞ୍ଚି ହେଲିପ୍ୟାଡ ନିକଟରେ ଭୂସ୍ଖଳନ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଫସି ରହିଥିବା ଆଶଙ୍କା କରାଯାଉଛି। ମାତା ବୈଷ୍ଣୋ ଦେବୀ ସ୍ରାଇନ୍ ବୋର୍ଡ ତରଫରୁ ରିଲିଫ୍ ଓ ଉଦ୍ଧାର ଜାରି ରହିଛି। ସ୍ରାଇନ ବୋର୍ଡର ସିଇଓ କହିଛନ୍ତି ଯେ ମାତା ବୈଷ୍ଣୋ ଦେବୀ ସ୍ରାଇନ ଟ୍ରାକରେ ପଥର ଖସିବା ଓ ଭୂସ୍ଖଳନ ହୋଇଛି। ବୋର୍ଡର ବିପର୍ଯ୍ୟୟ ପରିଚାଳନା ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି। ଗତ ମେ' ରେ ଜମ୍ମୁ-କଶ୍ମୀରର ଅଖନୁରରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୪ ଜଣ ଆହତ ହୋଇଥିଲେ। ଜମ୍ମୁ ଅଖନୁର ଜାତୀୟ ରାଜପଥରେ ଏକ ବଡ଼ ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୧୧ ଜଣ ପୁରୁଷ, ୯ ଜଣ ମହିଳା ଓ ୨ ଜଣ ଶିଶୁ ଥିଲେ। ସେତେବେଳେ ଏହାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ। ଜିଲ୍ଲାର ଚୌକି ଚୋରା ଅଞ୍ଚଳର ଟୁଙ୍ଗି-ମୋର୍ଠାରେ ଏହି ଦୁର୍ଘଟଣା ଘଟିଥିଲା। ବସଟି ପ୍ରାୟ ୧୫୦ ଫୁଟ ଗଭୀର ଖାଲକୁ ଖସି ପଡ଼ିଥିଲା

## ଦୂର୍ଗାଶକ୍ତି ଇଲିଙ୍ଗ ତରଫରୁ ଯୋଗ ଶିବିର

ଭୁବନେଶ୍ୱର,୨।୯ : ରବିବାର ଦୂର୍ଗାଶକ୍ତି ଇଲିଙ୍ଗ ତରଫରୁ ଗୁରୁମାଙ୍କ ତତ୍ୱାବଧାନରେ ଆଇଗିଣିଆ ଡିଏନ୍ କନଭେନ୍ସନ ଠାରେ ଯୋଗ, ଧ୍ୟାନ, ହିଲିଙ୍ଗ ଆଦି କରାଯାଇଥିଲା। ଯୋଗ ଦ୍ୱାରା ଶରୀର ସୁସ୍ଥ, ମାନସିକ ଶାନ୍ତି, ଆଚାର ବ୍ୟବହାରରେ ଶାଳିନତା ସହ ପରିବାର ଓ ସମାଜରେ ନିଜକୁ ଏକ ସୁସ୍ଥ ଜୀବନ ଯାପନର କରିବାରେ ମାଧ୍ୟମ ପାଲଟିଥାଏ। ଏହାକୁ ଦୃଷ୍ଟିରେ ରଖି ଦୂର୍ଗାଶକ୍ତି ଇଲିଙ୍ଗ୍ ପକ୍ଷରୁ ସୁସ୍ଥ ସମାଜ ଗଠନ ଦିଗରେ ଏକ ନିଆରା ପ୍ରୟାସ କରିଥିଲେ। ଏହିପରି ବହୁ ସାମାଜିକ କାର୍ଯ୍ୟ କରିବା ସହ ଗରିବ, ଦିନହିନ ଓ ବହୁ ବୃଦ୍ଧାଶ୍ରମରେ ପହଞ୍ଚି ସେମାନଙ୍କର ସ୍ୱାସ୍ଥସେବା, ପୋଷାକ ଓ ଖାଦ୍ୟ ପେୟର ବ୍ୟବସ୍ଥା କରି ସଂସ୍ଥା ଖ୍ୟାତି ଅର୍ଜନ କରିଛି। ଏହି ଶିବିରରେ ୨୦୦ରୁ ଅଧିକ ମହିଳା, ପୁରୁଷ, ଛାତ୍ର, ଛାତ୍ରୀ, ଛୋଟ ଛୁଆ ଓ ବୃଦ୍ଧ, ବୃଦ୍ଧା ମାନେ ଯୋଗଦେଇଥିଲେ। ଏହି ଶିବିରରେ ଗୁରୁମା କେମିତି ସ୍ୱାସ୍ଥ୍ୟର ଯତ୍ନ ନେବା ସହ କିପରି ନିରୋଗ ରହିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହା ସହ କମ ବୟସରୁ ଯୋଗ ପାଇଁ କିପରି ସମୟ ବାହାର କରିବା ସହ ନିୟମିତ ଭାବେ ଯୋଗ ଓ ପ୍ରାଣାୟମ କରିବେ ଅଭିଭାବକ ମାନଙ୍କୁନିବେଦନ କରିଥିଲେ। ସେହିଭଳି ଖାଦ୍ୟ ପେୟ କିଭଳି କରିବେ ସେଥିପ୍ରତି କିଛି ଉପଦେଶ ଦେଇଥିଲେ। ଶେଷରେ ଶିବିର ସମାପ୍ତ ପରେ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ମଧ୍ୟ ବ୍ୟବସ୍ଥା ହୋଇଥିଲା।

## ହାଇକୋର୍ଟ ବେଞ୍ଚ ପ୍ରସ୍ତାବ ନାହିଁ



ଭୁବନେଶ୍ୱର, ୨।୯ (ସଂଚାର ବ୍ୟୁରୋ): ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇ ନ ପାରେ । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତରରେ ଏହା ସ୍ପଷ୍ଟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁପ୍ରିମକୋର୍ଟ ଦ୍ୱାରା ଏ ସଂକ୍ରାନ୍ତରେ ଆସିଥିବା ରାୟ ଅନୁଯାୟୀ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା ନାହିଁ । ବଲାଙ୍ଗିରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାର ପ୍ରସ୍ତାବ ଅଛି କି ବୋଲି ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଲିଖିତ ଉତ୍ତର ରଖି କହିଛନ୍ତି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ବାବଦରେ କୌଣସି ପ୍ରସ୍ତାବ ନାହିଁ।

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪

# ବ୍ୟାଡ୍‌ମିଣ୍ଟନରେ ନୀତେଶଙ୍କୁ ସ୍ୱର୍ଣ୍ଣ




ପ୍ୟାରିସ୍, ୨।୯: ଭାରତୀୟ ପାରା ସଟ୍‌ଲର୍ ନୀତେଶ କୁମାର ପ୍ୟାରିସ୍ ପାରାଲିମ୍ପିକ୍ସରେ ସୋମବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ତଥା ନବମ ପଦକ। ପଞ୍ଚମ ଦିବସରେ ନୀତେଶ ପୁରୁଷ ଏକକ ଏସ୍‌ଏଲ୍3 ଇଭେଣ୍ଟ ଫାଇନାଲ୍‌ରେ ଗ୍ରେଟ୍ ବ୍ରିଟେନ୍‌ର ଡାନିଏଲ୍ ବେଥେଲ୍‌ଙ୍କୁ ୨୧-୧୪, ୧୮-୨୧, ୨୩-୨୧ରେ ହରାଇ ଚାମ୍ପିଅନ୍ ହୋଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଏକ ଘଣ୍ଟା ୨୦ ମିନିଟ୍ ଧରି ଚାଲିଥିଲା।

ନୀତେଶ ସହଜରେ ପ୍ରଥମ ଗେମ୍ ଜିତିଥିଲେହେଁ ଦ୍ୱିତୀୟ ଗେମ୍‌ରେ ବ୍ରିଟିଶ୍ ଖେଳାଳି ପ୍ରତ୍ୟାବର୍ତ୍ତନ କରି ମୁକାବିଲାକୁ ବରାବର ସ୍ଥିତିକୁ ଆଣିଥିଲେ। ତେବେ ତୃତୀୟ ତଥା ନିର୍ଣ୍ଣାୟକ ଗେମ୍‌ରେ ଭାରତୀୟ ତାରକା ପୁଣି ଥରେ ଜୋର୍ଦାର ଫର୍ମକୁ ଫେରିଥିଲେ ଏବଂ ଦୁଇ ପଏଣ୍ଟ ବ୍ୟବଧାନରେ ଗେମ୍ ତଥା ମ୍ୟାଚ୍ ହାତେଇଥିଲେ।

ନୀତେଶ ଏହା ପୂର୍ବରୁ ରବିବାର ଖେଳାଯାଇଥିବା ସେମିଫାଇନାଲ୍ ମୁକାବିଲାରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ୨୧-୧୬, ୨୧-୧୨ରେ ମାତ୍ ଦେଇଥିଲେ। ସେହି ମ୍ୟାଚ୍ ୪୮ମିନିଟ୍‌ରେ ଶେଷ ହୋଇଥିଲା। ଅନ୍ୟ ଏକ ସେମିଫାଇନାଲ୍‌ରେ ବେଥେଲ୍ ଥାଇଲାଣ୍ଡର ବୁନ୍‌ସୁନ୍ ମୋଙ୍ଗଖୋନ୍‌ଙ୍କୁ ୨୧-୭, ୨୧-୯ରେ ହରାଇଥିଲେ। ଅନ୍ୟପଟେ, ପାରା ବ୍ୟାଡ୍‌ମିଣ୍ଟନ ମିଶ୍ରିତ ଏସ୍‌ଏଚ୍-୬ ଇଭେଣ୍ଟରେ ଭାରତର ନିତ୍ୟା ଶ୍ରୀ ସିଭନ୍ ଓ ଶିବରାଜନ୍ ସୋଲାଇମଲାଇ କାଂସ୍ୟ ପଦକ ମ୍ୟାଚ୍‌ରେ ହାରିଯାଇଥିଲେ। ସେମାନଙ୍କୁ ଇଣ୍ଡୋନେସିଆର ସୁଭାନ ଓ ମର୍ଲିନା ୨୧-୧୭, ୨୧-୧୨ରେ ହରାଇଥିଲେ।




## ଡିସ୍‌କସ୍ ଥ୍ରୋ’ରେ ଯୋଗେଶଙ୍କୁ ରୌପ୍ୟ

ପ୍ୟାରିସ୍, ୨।୯: ଭାରତୀୟ ପାରା ଡିସ୍‌କସ୍ ଥ୍ରୋଅର୍ ଯୋଗେଶ କଥୁନିଆ ପ୍ୟାରିସ୍ ପାରାଲିମ୍ପିକ୍ସରେ ସୋମବାର ରୌପ୍ୟ ପଦକ ଜିତିଛନ୍ତି। ଭାରତର ଏହା ତୃତୀୟ ରୌପ୍ୟ ତଥା ମୋଟ୍ ଅଷ୍ଟମ ପଦକ। ଯୋଗେଶଙ୍କ ଏହା କ୍ରମାଗତ ଦ୍ୱିତୀୟ ପାରାଲିମ୍ପିକ୍ ରୌପ୍ୟ। ଏହା ପୂର୍ବରୁ ସେ ତିନି ବର୍ଷ ପୂର୍ବେ ଟୋକିଓ ଠାରେ ମଧ୍ୟ ରୌପ୍ୟ ଜିତିଥିଲେ।

ପଞ୍ଚମ ଦିବସରେ ୨୯ବର୍ଷୀୟ ଯୋଗେଶ ପୁରୁଷ ଡିସ୍‌କସ୍ ଥ୍ରୋ’ ଏଫ୍-୫୬ ଫାଇନାଲ୍‌ରେ ନିଜ ପ୍ରଥମ ପ୍ରୟାସରେ ୪୨.୨୨ ମିଟର ସ୍କୋର୍ କରିଥିଲେ। ଚଳିତ ସିଜନ୍‌ରେ ଏହା ତାଙ୍କର ସର୍ବଶ୍ରେଷ୍ଠ ଥ୍ରୋ’ ଥିଲା। ଏଫ୍-୫୬ ବର୍ଗରେ ଖେଳାଳି ଅକ୍ଷମତା ଯୋଗୁଁ ବସିକି ଫିଲ୍ଡ ଇଭେଣ୍ଟରେ ଭାଗ ନିଅନ୍ତି।

ବ୍ରାଜିଲ୍‌ର କ୍ଲାଉଡିନେ ବାଟିଷ୍ଟା ଡୋସ୍ ସାଣ୍ଟୋସ୍ ।ରାଲିମ୍ପିକ୍ ସ୍ୱର୍ଣ୍ଣ ପଦକରେ ହାଟ୍ରିକ୍ ଅର୍ଜନ କରିଥିଲେ। ସେ ନିଜ ପଞ୍ଚମ ପ୍ରୟାସରେ ୪୬.୮୬ମି. ଥ୍ରୋ’ କରି ନୂଆ ଗେମ୍ ରେକର୍ଡ ସ୍ଥାନ କରିଥିଲେ। ଗ୍ରୀସ୍‌ର କନ୍‌ଷ୍ଟାନ୍‌ଟିନୋସ୍ ଟୌନିସ୍ ୪୧.୩୨ମି. ଥ୍ରୋ’ ସହ କାଂସ୍ୟ ପଦକ ଜିତିଥିଲେ।

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

## ପୋପିରିନ୍‌ଙ୍କୁ ହରାଇ କ୍ୱାର୍ଟରରେ ଟିଆଫୋ



ନ୍ୟୁୟର୍କ, ୨/୯: ୨୦ତମ ସିଡ୍ ଫ୍ରାନ୍‌ସେସ୍ ଟିଆଫୋ ତାଙ୍କ କ୍ୟାରିଅର୍‌ରେ ତୃତୀୟ ଥର ୟୁଏସ୍ ଓପନ୍ ଫାଇନାଲ୍‌ରେ ପ୍ରବେଶ କରି ଆନ୍ଦ୍ରେ ଆଗାସୀ, ଆଣ୍ଡି ରୋଡିକ୍‌ଓପିଟ୍‌ସାମ୍ପ୍ରାସ୍‌ଙ୍କ ଗ୍ରୁପ୍‌ରେ ସାମିଲ୍ ହୋଇଛନ୍ତି। ୨୦୦୦ ପରଠାରୁ ଏହି ମାଇଲ୍‌ଖୁଣ୍ଟ ଛୁଇଁବାରେ ସେ ଏକମାତ୍ର ଆମେରିକୀୟ। ଏହି ଉଲ୍ଲେଖନୀୟ ଯାତ୍ରାରେ ସେ ଡିଫେଣ୍ଡିଂ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ବିଦାୟର ରାସ୍ତା ଦେଖାଇଥିବା ଆଲେକ୍ସି ପୋପିରିନ୍‌ଙ୍କ ଅଭିଯାନ ଶେଷ କରିଛନ୍ତି। ଚତୁର୍ଥ ରାଉଣ୍ଡ ମୁକାବିଲାରେ ଟିଆଫୋ ୨୮ତମ ସିଡ୍ ଅଷ୍ଟ୍ରେଲୀୟ ପୋପିରିନ୍‌ଙ୍କୁ ୬-୪, ୭-୬(7/3), ୨-୬, ୬-୩ରେ ମାତ୍ ଦେଇଥିଲେ। ଟିଆଫୋଙ୍କ ମୁକାବିଲା ସେତେ ସହଜ ନ ଥିଲା। ମ୍ୟାଚ୍ ଜିତିବା ଲାଗି ତାଙ୍କୁ ତିନି ମ୍ୟାଚ୍ ପଏଣ୍ଟର ଆବଶ୍ୟକ ପଡ଼ିଥିଲା। ସେ ପରବର୍ତ୍ତୀ ରାଉଣ୍ଡରେ ସେମିଫାଇନାଲ୍‌ରେ ପ୍ରବେଶ ଲକ୍ଷ୍ୟରେ ବୁଲ୍‌ଗେରିଆର ଗ୍ରିଗୋର ଦମିତ୍ରୋଭ୍‌ଙ୍କୁ ଭେଟିବେ। ଟିଆଫୋ ଶିରୋନାମ ପାଲଟିଥିବା ଏକମାତ୍ର ଆମେରିକୀୟ ନୁହନ୍ତି, ୨୬ବର୍ଷୀୟ ଟେଲର୍ ଫ୍ରିଜ୍ ମଧ୍ୟ କାସ୍‌ପର ରୁଡ୍‌ଙ୍କୁ ହରାଇ ଅନ୍ତିମ-୮ରେ ପହଞ୍ଚିଛନ୍ତି। ଅନ୍ୟତମ ଆମେରିକୀୟ ଟମି ଲ୍‌ଙ୍କ ନିକଟରେ ବି ସେମାନଙ୍କ ସହ ଯୋଗ ଦେବାର ସୁଯୋଗ ରହିଛି, ହେଲେ ତାଙ୍କୁ ବିଶ୍ୱର ଏକ ନମ୍ବର ଖେଳାଳି ଜାନ୍ନିକ ସିନର୍‌ଙ୍କ ଆହ୍ୱାନକୁ ଅତିକ୍ରମ କରିବାକୁ ହେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରୋଡିକ୍ ଆମେରିକା ପକ୍ଷରୁ କୌଣସି ଗ୍ରାଣ୍ଡସ୍ଲାମ୍ ମୁକୁଟ ହାସଲ କରିବାରେ ଶେଷ ପୁରୁଷ ଖେଳାଳି, ଯିଏକି ୨୦୦୩ରେ ୟୁଏସ୍ ଓନ୍ ଜିତିଥିଲେ।

## ଡିଫେଣ୍ଡିଂ ଚାମ୍ପିଅନ୍ ଗଫ୍‌ଙ୍କୁ ହରାଇଲେ ନଭାରୋ



ନ୍ୟୁୟର୍କ, ୨/୯: ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ୍ କୋକୋ ଗଫ୍ ଚତୁର୍ଥ ରାଉଣ୍ଡରେ ନିଜ ଦେଶର ଏମ୍ମା ନଭାରୋଙ୍କ ଠାରୁ ରାଜିତ ହୋଇ ୟୁଏସ୍ ଓନ୍‌ରୁ ବିଦାୟ ନେଇଛନ୍ତି। ନଭାରୋଙ୍କ ସହ ବିଶ୍ୱର ଦୁଇ ନମ୍ବର ଖେଳାଳି ଆରିନା ସାବାଲେଙ୍କା ମଧ୍ୟ କ୍ୱାର୍ଟର୍-ଫାଇନାଲ୍‌ରେ ସ୍ଥାନ ପାଇଛନ୍ତି।

୧୯ ଡବଲ୍ ଫଲ୍ଟ ଓ ୬୦ ଅନ୍‌ଫୋର୍ସଡ୍ ଏରର୍ ତୃତୀୟ ମାନ୍ୟତାଧାରିଣୀ ୨୦ବର୍ଷୀୟା ଗଫ୍‌ଙ୍କ ପରାଜୟର କାରଣ ଥିଲା। ଏହି ମ୍ୟାଚ୍ ଦୁଇ ଘଣ୍ଟା ୧୨ ମିନିଟ୍ ଧରି ଚାଲିଥିଲା। 23ବର୍ଷୀୟା ନଭାରୋ ଜୁଲାଇରେ ୱିମ୍ବଲଡନ୍‌ରେ ବି ଗଫ୍‌ଙ୍କୁ ହରାଇଥିଲେ। ସେ ୬-୩, ୪-୬, ୬-୩ରେ ବିଜୟୀ ହୋଇ ଅନ୍ତିମ-8ରେ ପ୍ରବେଶ କରିଛନ୍ତି, ଯେଉଁଠି ସେ ସ୍ପେନ୍‌ର ପାଉଲା ବଦୋସାଙ୍କୁ ଭେଟିବେ। ବଦୋସା ଚତୁର୍ଥ ରାଉଣ୍ଡରେ ଚୀନ୍‌ର ୱାଙ୍ଗ୍ ୟଫାନ୍‌ଙ୍କୁ ୬-୧, ୬-୨ରେ ହରାଇଥିଲେ।

ସାବାଲେଙ୍କା ବେଲ୍‌ଜିୟମ୍‌ର ଏଲିସେ ମର୍ଟେନ୍ସଙ୍କୁ ୬-୨, ୬-୪ରେ ମାତ୍ ଦେଇ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଚତୁର୍ଥ ଥର କ୍ୱାର୍ଟର୍‌କୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ଏଠାରେ ୨୦୨୧ ଓ ୨୦୨୨ରେ ସେମିଫାଇନାଲ୍ ଫିନିଶ୍ କରିବା ପରେ ଗତ ବର୍ଷ ରନର୍ସଅପ୍ ହୋଇଥିଲେ। ସେ ପରବର୍ତ୍ତୀ ରାଉଣ୍ଡରେ କ୍ରୋଏସିଆର ଡୋନା ଭେକିକ୍ ଅଥବା ଚୀନ୍‌ର ଝେଙ୍ଗ୍ କିନ୍‌ୱେନ୍‌ଙ୍କୁ ଭେଟିବେ।

## ଗେଲ୍‌ଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ପୂରନ



ଜାମାଇକା, ୨।୯: କ୍ରିକେଟ୍ ଦୁନିଆ ଶନିବାର ପ୍ରଥମ ଥର ଗୋଟିଏ ଓଭରରେ ୬ ଛକାର ୫୬ ବର୍ଷ ପୂର୍ତ୍ତି ପାଳନ କରିଥିବାବେଳେ ଉକ୍ତ ଦିନ ଏକାଧିକ ସ୍ଥାନରେ ଛକା ବର୍ଷା ନଜରକୁ ଆସିଛି। ପ୍ରଥମ ୬ ଛକା ମାରିଥିବା ଗ୍ୟାରି ସୋବର୍ସଙ୍କ ଦେଶରେ ବି ଶନିବାର ଛକାରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା ହୋଇଛି। କାରବୀୟ ପ୍ରିମିୟର୍ ଲିଗ୍ (ସିପିଏଲ୍)ରେ ଶନିବାର ରାତିରେ ୱେଷ୍ଟଇଣ୍ଡିଜ୍ ତାରକା ନିକୋଲାସ ପୂରନ ଛକାରେ ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଗୋଟିଏ ବର୍ଷରେ ସର୍ବାଧିକ ଛକା ମାରିବାରେ ଏହା ପୂର୍ବରୁ କ୍ରିସ୍ ଗେଲଙ୍କ ନାମରେ ଥିଲା। ଗେଲ୍ ୨୦୧୫ ମସିହାରେ ୧୩୫ ଛକା ମାରିଥିଲେ। କିନ୍ତୁ ଚଳିତ ବର୍ଷର ଆହୁରି ୪ ମାସ ବାକି ଥିବାବେଳେ ନିକୋଲାସ୍ ପୂରନ ୨୦୨୪ରେ ନିଜ ଛକା ସଂଖ୍ୟାକୁ ୧୩୯ରେ ପହଞ୍ଚାଇ ସାରିଛନ୍ତି। ସିପିଏଲ୍‌ରେ ତ୍ରିନ୍‌ବାଗ୍ ନାଇଟ୍ ରାଇଡର୍ସ ପାଇଁ ଖେଳୁଥିବା ପୂରନ ଶନିବାର ରାତିରେ ସେଣ୍ଟ୍ କିଟ୍ସ ଆଣ୍ଡ ନେଭିସ୍ ପ୍ୟାଟ୍ରିଅଟ୍ସ ବିପକ୍ଷରେ ୪୩ ବଲ୍‌ରୁ ୯୭ ରନ୍ କରିବା ଅବସରରେ ୯ ଛକା ମାରିଥିଲେ। ତାଙ୍କ ଦଳ ୨୫୦ ରନ୍ କରିବା ସହ ଏହି ମ୍ୟାଚ୍‌କୁ ୪୪ ରନ୍‌ରେ ବି ଜିତିଛି। ଏବେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷର ସର୍ବାଧିକ ଛକା ତାଲିକାରେ ପୂରନ ଶୀର୍ଷକୁ ଉଠିଛନ୍ତି। ଗେଲ୍ କିନ୍ତୁ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ୨୦୧୫ରେ ୧୩୫ ଛକା, ୨୦୧୨ରେ ୧୨୧ ଛକା ଓ ୨୦୧୧ରେ ୧୧୬ ଛକା ମାରିଥିଲେ ଗେଲ୍। ଛକା କୃତିତ୍ୱ ବ୍ୟତୀତ ପୂରନ ମଧ୍ୟ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ସର୍ବାଧିକ ରନ୍ (୧୮୪୪ ରନ୍) ତୃତୀୟରେ ରହିଛନ୍ତି। ପାକିସ୍ତାନର ମହମ୍ମଦ ରିଜୱାନ (୨୦୩୬ ରନ୍, ୨୦୨୧) ଏବଂ ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୯୪୬ ରନ୍, ୨୦୨୨) ପ୍ରଥମ ଦୁଇ ସ୍ଥାନରେ ଅଛନ୍ତି।

ବକ୍ସିଂ ବିବାଦ ଘନେଇଲା

## ଭାରତ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ଆଶଙ୍କା

ନୂଆଦିଲ୍ଲୀ, ୨।୯: ଅଲିମ୍ପିକ୍ସରେ ମୁଷ୍ଟିଯୁଦ୍ଧର ଭବିଷ୍ୟତ ନେଇ ଘୋର ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଶ୍ୱ ବକ୍ସିଂ (ଡବ୍ଲ୍ୟୁବି) ନାମରେ ଗଠିତ ବିଦ୍ରୋହୀ ସଂଘକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି) ଦୃଢ଼ ସମର୍ଥନ ଦେଉଥିଲା ବେଳେ ସଦସ୍ୟରାଷ୍ଟ୍ର ପୁରୁଣା ମହାସଂଘ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ସଂଘ (ଆଇବିଏ)କୁ ସମର୍ଥନ କରୁଛନ୍ତି। ଫଳରେ ମୁଷ୍ଟିଯୁଦ୍ଧ ଦୁନିଆ ଏକପ୍ରକାର ଦୁଇ ଫାଳ ହୋଇଛି। ଏସିଆ ମୁଷ୍ଟିଯୁଦ୍ଧ ସଂଘ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ଭୋଟ ଦେବା ପରେ ଏହି ସଙ୍କଟ ଆହୁରି ଘନିଭୂତ ହୋଇଛି। ଶନିବାର ଅନୁଷ୍ଠିତ ଗୁପ୍ତ ଭୋଟରେ ୨୧ ଦେଶ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ମତ ଦେଇଥିଲା ବେଳେ ୧୪ ଦେଶ ସପକ୍ଷରେ ମତ ଦେଇଛନ୍ତି। ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। ଫଳରେ ଡବ୍ଲ୍ୟୁବି ସହ ଆଇଓସିର ଅଡୁଆ ମଧ୍ୟ ବଢ଼ିଛି। ଅନ୍ୟପକ୍ଷରେ ଅଧିକ ସଦସ୍ୟଙ୍କ ସମର୍ଥନ ଦୃଷ୍ଟିରୁ ଆଇବିଏ ନିଜକୁ ମୁଷ୍ଟିଯୁଦ୍ଧର ଏକମାତ୍ର ସ୍ୱୀକୃତିପ୍ରାପ୍ତ ବିଶ୍ୱ ସଂଘ ଭାବେ ଦାବି କରିବା ଆରମ୍ଭ କରିଛି। ତେବେ ଆଇଓସିର ଦୃଢ଼ ସମର୍ଥନ ଦୃଷ୍ଟିରୁ ଏବେବି ଡବ୍ଲ୍ୟୁବିର ପଲା ଭାରି ରହିଛି। ଏପରିକି ଜାତୀୟ ସଂଘଗୁଡ଼ିକ ଆଇବିଏକୁ ସମର୍ଥନ ଦେବା ଜାରି ରଖିଲେ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ମୁଷ୍ଟିଯୁଦ୍ଧକୁ ବାଦ୍ ଦେବାକୁ ଆଇଓସି ପୁନର୍ବାର ଧମକ ଦେଇଛି। ସୂଚନା ଅନୁସାରେ ଡବ୍ଲ୍ୟୁବିକୁ ୪୨ ସଦସ୍ୟ ଦେଶ ସମର୍ଥନ ଦେଉଥିଲା ବେଳେ ଆଇବିଏକୁ ୧୦୦ରୁ ଅଧିକ ସଦସ୍ୟ ଦେଶ ସମର୍ଥନ କରୁଛନ୍ତି। ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରୁଥିବାରୁ ଆଇବିଏର କୋପ ଦୃଷ୍ଟିରେ ରହିଛି।



ଏସୀୟ ମୁଷ୍ଟିଯୁଦ୍ଧ ମହାସଂଘ (ଏଏସ୍‌ବିସି) ଡବ୍ଲ୍ୟୁବିରେ ଯୋଗଦେବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ (ବିଏଫ୍‌ଆଇ) ଏହାକୁ ସମର୍ଥନ କରୁଛି। ଖୁବ୍‌ଶୀଘ୍ର ଡବ୍ଲ୍ୟୁବି ୫୦ ସଦସ୍ୟଙ୍କ ସମର୍ଥନ ହାସଲ କରି ଆଇଓସି ଦ୍ୱାରା ସ୍ୱୀକୃତି ଲାଭ କରିବ ବୋଲି ବିଏଫ୍‌ଆଇ ସଭାପତି ଅଜୟ ସିଂହ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଷ୍ଟିଯୁଦ୍ଧ ଯେଭଳି ଅଲିମ୍ପିକ୍ସ ଅଭିଯାନରେ ସାମିଲ ରହିବ, ସେନେଇ ସବୁପ୍ରକାର ପଦକ୍ଷେପ ବିଏଫ୍‌ଆଇ ନେଉଛି। ଏହା ମଧ୍ୟ ସ୍ପଷ୍ଟ ଯେ ଆଇବିଏକୁ ବିଶ୍ୱସଂଘ ଭାବେ ଆଇଓସି ଆଉ ଗ୍ରହଣ କରିବନି। ଏଣୁ ଏକ ସମୟପୋଯୋଗୀ ବିକଳ୍ପ ଭାବେ ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ଭୋଟିଂରୁ ଜଣାପଡ଼ିଯାଇଛି ଯେ ୧୪ ସଦସ୍ୟରାଷ୍ଟ୍ର ଡବ୍ଲ୍ୟୁବିରେ ଯୋଗଦେବାକୁ ରାଜି ଅଛନ୍ତି। ଆମେ ସ୍ଥିର ନିଶ୍ଚିତ ଯେ ଡବ୍ଲ୍ୟୁବି ଅତିଶୀଘ୍ର ଆଇଓସିର ସ୍ୱୀକୃତି ପାଇଁ ଆବଶ୍ୟକ ସର୍ବନିମ୍ନ ସଦସ୍ୟଙ୍କ ସମର୍ଥନ ହାସଲ କରିବ।

ଡବ୍ଲ୍ୟୁବିକୁ ସମର୍ଥନ କରୁଥିବା ୧୪ ଦେଶ ଏଥିରେ ଯୋଗଦେବା ଲାଗି ଖୁବଶୀଘ୍ର ଲିଖିତ ଆବେଦନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି ସେ। ଭାରତ ବହୁ ପୂର୍ବରୁ ଡବ୍ଲ୍ୟୁବିର ସଦସ୍ୟ ହେବା ପାଇଁ ଆବେଦନ ପତ୍ର ଦାଖଲ କରିସାରିଛି। ବିଏଫ୍‌ଆଇର ସାଧାରଣ ପରିଷଦ ବୈଠକରେ ମଧ୍ୟ ଏହାକୁ ମଞ୍ଜୁରି ମିଳି ସାରିଛି। ମହାସଂଘର ବରିଷ୍ଠ କର୍ମକର୍ତ୍ତାମାନେ ଡବ୍ଲ୍ୟୁବିର ସଭାପତି ଓ ମହାସଚିବଙ୍କୁ ଭେଟି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ହେଲେ ଆଇବିଏକୁ ଅଧିକାଂଶ ଏସୀୟ ରାଷ୍ଟ୍ର ସମର୍ଥନ କରୁଥିବାରୁ ଭାରତର ସ୍ଥିତି ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛି।

SANCHAR
ସଂଚାର



# ମୋହନ ସରକାର ଗେମ ଚେଞ୍ଜର




- ଓଡିଶା ହେଲ୍ଥ ବିଶ୍ୱ ବିଦ୍ୟାଳୟ ହେବ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ
- ଆୟୁଷ୍ମାନ ଯୋଜନା ଦ୍ୱାରା ୬୦୦ କୋଟି ଟଙ୍କାର ଲାଭ ମିଳିବ
- ନିଯୁକ୍ତ ହେବେ ୩ ଶହ ଡାକ୍ତର
- ୨୦୨୫ ସୁଦ୍ଧା ଯକ୍ଷ୍ମା ସଂପୂର୍ଣ୍ଣ ନିୟନ୍ତ୍ରଣ

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିଜେଡି ସରକାର ସମୟରେ ଜୁଲାଇ ୨୦୨୩ ରୋଗୀ ୧ ଲକ୍ଷ ୧୬ ହଜାର ୪୮ ଜଣ ଚିକିତ୍ସିତ ହୋଇଥିବା ବେଳେ ଆମ ସରକାର ସମୟ ରେ ୧ ଲକ୍ଷ ୬୫ ହଜାର ୧୧୪ ଜଣ ଚିକିତ୍ସିତ ହୋଇଛନ୍ତି । କେବେ ବି ଆମ ସରକାର ଙ୍କ ସମୟ ରେ ରୋଗୀ ହନ୍ତସନ୍ତ ହୋଇ ନାହାନ୍ତି । ବରଂ ଲୋକଙ୍କର ବିଶ୍ୱାସ ବଢ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବିଧାନସଭାରେ ବିବୃତି ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯଜନାରେ ଓଡିଶାରେ କି ଓଡ଼ିଶା ବାହାରେ ୯୦୦ ହସ୍ପିଟାଲରେ ଲୋକେ ଚିକିତ୍ସା ପାଉଥିଲେ, କିନ୍ତୁ ଆମର ଦୁଇ ଯୋଜନା ଦ୍ୱାରା ୨୭୦୦୦ ହସ୍ପିଟାଲରେ ଚିକିତ୍ସା ପାଇ ପାରିବେ। ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ ହେବା ଦ୍ୱାରା ୬୦୦ କୋଟିର ଆର୍ଥିକ ଲାଭ ପାଇବୁ । ପୂର୍ବ ସରକାରର ଟାଳଟୁଳ ନୀତି କାରଣରୁ ଏହି ଟଙ୍କା ପାଇବାରୁ ଓଡିଶା ବଞ୍ଚିତ ହେଉଥିଲା ।

ଆମ ସରକାର ସମୟରେ ଯାଜପୁରରେ ମେଡ଼ିକାଲ କଲେଜ ଆରମ୍ଭ ହେବାକୁ ଯାଉଛି ବୋଲି ମନ୍ତ୍ରୀ ଡା. ମହାଲିଙ୍ଗ କହିଛନ୍ତି। ସେ କହିଛନ୍ତି, ୧୯୬୨ ପରଠୁ ୫୫ ବର୍ଷ ପରେ ୨୦୧୭ ରେ ରାଜ୍ୟରେ ନୂଆ ମେଡ଼ିକାଲ କଲେଜ ନିର୍ମାଣ ହୋଇଛି । ଆଉ ୨୦୧୭ ପରଠୁ ଯେତେ ମେଡିକାଲ କଲେଜ ହୋଇଛି ତାହା କେନ୍ଦ୍ର ସରକାରଙ୍କ ଅବଦାନରୁ ହୋଇଛି। ରାଜ୍ୟ ସରକାରଙ୍କ ର କୌଣସି ବାହା ବାହା ନେବାର ଅଧିକାର ନାହିଁ ସେଥିରେ। ନାସନାଲ ଡିଜିଟାଲ ହେଲ୍ଥ ମିଶନ ଆମେ ଆରମ୍ଭ କରାଯିବ। ଡିଜିଟାଲ ଜରିଆରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ।

ମନ୍ତ୍ରୀ ଆହୁରି କହିଛନ୍ତି, ୫୫ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଡାଇଲିସିସି କାର୍ଯ୍ୟକ୍ରମ କରାଯିବ। ଆମ୍ବୁଲାନ୍ସ ସମୟ ୩୦ ମିନିଟ ବଦଳରେ ୨୦ ମିନିଟ କରାଯିବ। ଲୋକଙ୍କ ପାଖରେ କମ ସମୟରେ ଆମ୍ବୁଲାନ୍ସ ପହଞ୍ଚିବ। ବିର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଆମ ସରକାର ଆରମ୍ଭ କରିଛନ୍ତି। ୪୯୫୨୨ ଜଣ ଆଶା କର୍ମୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ଯତ୍ନବାନ।

ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ, ପୁରୀ, ଯାଜପୁର ଭଳି ସ୍ଥାନରେ ନୂଆ ମେଡ଼ିକାଲ କଲେଜ ସହିତ ନୂଆ ନର୍ସିଂ କଲେଜକୁ ଯୋଡ଼ାଯିବ।

ସମସ୍ତ ଗ୍ରାମ ପଂଚାୟତ ହେଡ୍‌କ୍ୱାର୍ଟରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯିବ । ଦୁଇ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ ହେବ । ଏହି ସ୍ଥାନରେ ଜଣେ ଯୋଗ ଶିକ୍ଷକ ଏବଂ ମେଡ଼ିକାଲ ଷ୍ଟାପ ରହିବେ।

ଓଡିଶା ହେଲ୍ଥ ବିଶ୍ୱ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବୁ ଓ ମେଡ଼ିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ଓଡ଼ିଆରେ କରିବୁ।

୧୫୭୭୪ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଛି, ସେଥି ମଧ୍ୟରୁ ୧୦୦୦୦ ଡାକ୍ତର ରହିଛନ୍ତି। ୫୬୦୦ ପଦବୀ ଖାଲି ଅଛି । ଡାକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ୩୦୦ ଡାକ୍ତର ଓ ପାରା ମେଡ଼ିକାଲ ଷ୍ଟାଫ୍ ନିଯୁକ୍ତି ଦେବାକୁ ଯାଉଛୁ।

କଳାହାଣ୍ଡି, ଦେବଗଡ଼ ଓ ଯାଜପୁର ହସ୍ପିଟାଲର ଶୁଭାରମ୍ଭ କରିବା ସହ ଅନୁଗୁଳ, ବଲାଙ୍ଗୀର ସୋନପୁର, କନ୍ଧମାଳ ସମେତ ୫ରୁ ଅଧିକ ସଦର ମହକୁମାରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ଖୋଲିବାକୁ ଯାଉଛୁ। ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗ ନିୟନ୍ତ୍ରଣ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ଆମାଜନରୁ ମୋବାଇଲ ଚୋରି ; ଲୁଟେରା ଗିରଫ

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ଆମାଜନ କମ୍ପାନୀର ସାମଗ୍ରୀକୁ ବିଭିନ୍ନ ଷ୍ଟୋରକୁ ଡେଲିଭରି କରୁଥିବା ଅଟୋ ଚାଳକ ଗିରଫ। ଡେଲିଭରି ସମୟରେ କରୁଥିବା ମୋବାଇଲ ଲୁଟ୍। ଧରିପାରୁନଥିଲା କମ୍ପାନୀ। ଖୋଳରେ ମୋବାଇଲ ବଦଳରେ ପୁରାଉଥିଲା ଇଟା। ହେଲେ ଚୋର ଘର ସବୁବେଳେ ଅନ୍ଧାର ନଥାଏ। ସବୁଦିନ ପରି ଏକ ଷ୍ଟୋରକୁ ଆମାଜନ କମ୍ପାନୀରୁ ମୋବାଇଲ ନେଇ ଯାଇଥିବା ବେଳେ ବାଟରେ ପ୍ୟାକେଟ ଖୋଲି ମୋବାଇଲ ଚୋରି ବେଳେ, ପିଛା କରି ଧରିଦେଲେ କମ୍ପାନୀ କର୍ମଚାରୀ। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଅଟୋ ଚାଳକକୁ ଗିରଫ କରିଛି। ତାଠାରୁ ୫ଟି ମୋବାଇଲ ଓ ନଗଦ ୩୦ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା, କେନ୍ଦ୍ରପଡ଼ା ଜିଲ୍ଲା ମାର୍ଶାଘାଇର ଶୁଭମ ନାୟକ। ଏଠାରେ ସେ ଚକେଇସିଆଣୀରେ ରହି ଏହି କମ୍ପାନୀର ମାଲ ଅଟୋରେ ଡେଲିଭରି କରୁଥିଲା। ସୂଚନା ଯୋଗ୍ୟଯେ, ମଞ୍ଚେଶ୍ୱର ଜୋନ୍- ବି ଅନ୍ତର୍ଗତ ପ୍ଲଟ୍ ନମ୍ବର- ୬ଡିରେ ଅମାଜନ କମ୍ପାନୀର ଷ୍ଟୋର ରହିଛି। ଉକ୍ତ ଷ୍ଟୋରରୁ ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଅଭିଯୁକ୍ତର ହେପାଜତରେ ଏକ ଅଟୋ ଯୋଗେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ସବୁ- ଷ୍ଟୋରକୁ ପଠାଯାଇଥାଏ। ଏହି ଭିତରେ ଅଭିଯୁକ୍ତ ରାସ୍ତାରେ ଉକ୍ତ ପ୍ୟାକେଟ ଗୁଡ଼ିକ ଖୋଲି ତାହା ଭିତରୁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସବୁକୁ ନିୟମିତ ବ୍ୟବଧାନରେ ଚୋରୀ କରିଥାଏ। ଅଭିଯୁକ୍ତ ଏହିଭଳି ଗତ ଜୁଲାଇ ମାସରୁ ଚଳାଇ ଆସୁଥିଲେ ମଧ୍ୟ ଏହା ଗତ ଦୁଇ/ତିନି ତଳେ ଅଭିଯୋଗକାରୀ ମ୍ୟାନେଜର ରଞ୍ଜନ କୁମାର ଖୁଣ୍ଟିଆଙ୍କ ନଜରକୁ ଆସିଥିଲା। ପରେ ସେ ଘଟଣାର ଯାଞ୍ଚ କରିବା ବେଳେ, ଅଭିଯୁକ୍ତ ଜଣକ ପ୍ରାୟ ୯ଟି ଦାମୀ ମୋବାଇଲ ଓ ଏକ ଡ଼ିଜିଟାଲ ଫୋନ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି।

### ଶିଶୁହତ୍ୟା, ସାବତ ବାପାକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱର ଆଡିସନାଲ ସେସନ୍ସ ଜଜ- ୨ର ବିଚାରପତି ବନ୍ଦନା କର ଗତ ୨୦୧୯ ମସିହାରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ଲୋମହର୍ଷଣକାରୀ ଶିଶୁପୁତ୍ର ହତ୍ୟା ମାମଲାର ବିଚାର କରି ହତ୍ୟାକାରୀ ସାବତ ବାପା ଦାଶରଥି ଟୁଡୁକୁ ଆଜୀବନ କାରାଦଣ୍ଡର ସଜ୍ଜା ଶୁଣାଇଛନ୍ତି।

ସୂଚନା ଯୋଗ୍ୟଯେ, ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୧୨ ରିଖ ମଧ୍ୟାହ୍ନ ସମୟରେ ସନ୍ତୋଷ ସିଂହ ନାମକ ଜଣେ ୫ ବର୍ଷର ବୟସ୍କ ଶିଶୁକୁ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ପରିବାର ବର୍ଗ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ ମଧ୍ୟ, ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍ପିଟାଲର ଏମ୍‌ଓ ଡାକ୍ତର ଜଗଦୀଶ ଚନ୍ଦ୍ର ଜେନା ମଞ୍ଚେଶ୍ୱର ଥାନାର ତତ୍କାଳୀନ ଏସଆଇ ଷ୍ଟାଲିନ୍ କୁମାର ବିଶ୍ୱାଳଙ୍କୁ ଏନେଇ ସୂଚନା ଦେଇଥିଲେ। ଏହାକୁ କେନ୍ଦ୍ରକରି ଥାନାରେ ପ୍ରଥମେ ଏକ ଅପମୃତ ମାମଲା ନମ୍ବର- ୨୧/୨୦୧୯ ରୁଜୁ କରାଯାଇଥିଲା ଏବଂ ଏସଆଇ ଷ୍ଟାଲିନ୍ ବିଶ୍ୱାଳ ଏହି ଘଟଣାର ପ୍ରାଥମିକ ତଦନ୍ତ ଭାର ନେଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରାଥମିକ ଅନୁସନ୍ଧାନରୁ ଅତ୍ୟଧିକ ମାଡ ତଥା ଶାରୀରିକ ନିର୍ଯ୍ୟାତନା ଯୋଗୁଁ ଶିଶୁର ଶରୀରରେ ଏକାଧିକ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିବା ତଥା ତାଙ୍କର ହତ୍ୟା ହୋଇଥିବା ନେଇ ଜାଣିବା ପରେ ଏସଆଇ ଷ୍ଟାଲିନ୍ ନିଜ ଆଡୁ ଏକ ରିପୋର୍ଟ କରି ମାମଲା ରୁଜୁ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ଏସଆଇ ଷ୍ଟାଲିନ୍ ପରବର୍ତ୍ତୀ ସମୟରେ ମଞ୍ଚେଶ୍ୱର ଥାନା କେସ ନମ୍ବର- ୪୭୪/୨୦୧୯, ଦଫା- ୩୦୨ରେ ଏକ ହତ୍ୟା ମାମଲା ରୁଜୁକରାଯାଇଥିବା ବେଳେ, ମାମଲାର ତଦନ୍ତ ଦାୟିତ୍ୱ ଏସଆଇ ରୂପେଶ ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତକାରୀ ଅଫିସର ଶ୍ରୀ ପ୍ରଧାନ ଉପରୋକ୍ତ ମାମଲାକୁ ସଠିକ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ସାବତ ବାପା ଦାଶରଥି ଟୁଡୁକୁ ଗିରଫ କରିଥିବା ବେଳେ, ନିର୍ଦ୍ଧାରିତ ସମୟରେ ଅଦାଲତରେ ଚାର୍ଜ ସିଟ୍ ଦାଖଲ କରିଥିଲେ। ଏନେଇ ମାମଲାର ବିଚାର କରି ଅଦାଲତ ୭ ଜଣ ସାକ୍ଷୀ ଓ ୧୭ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଅଭିଯୁକ୍ତ ଦାଶରଥିକୁ ଆଜୀବନ କାରାଦଣ୍ଡାଦେଶ ସହିତ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସ ଲାଗି କାରାଦଣ୍ଡାଦେଶ ମଧ୍ୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ। ଗତବର୍ଷ ସମୁଦାୟ ୮୨ଟି ମାମଲାରେ ଦୋଷୀ ମାନଙ୍କୁ ସଜ୍ଜା ଦିଆଯାଇ ସାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଚଳିତ ବର୍ଷ ଏଯାବତ ୬୯ଟି ମାମଲାରେ ଦୋଷୀଙ୍କୁ ସଜ୍ଜା ହୋଇସାରିଛି।

## ବିଧାନସଭାରୁ



### ପୁଲିସ୍ ବିଭାଗରେ ୧୨ ହଜାରରୁ ଅଧିକ ପଦବୀ ଖାଲି

**ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ):** ପୁଲିସ ବିଭାଗରେ କନେଷ୍ଟବଳଙ୍କ ଠାରୁ ଡିଜିଙ୍କ ପର୍ଯ୍ୟନ୍ତ ୧୨,୫୨୫ ଟି ପଦବୀ ଖାଲି ପଡିଛି। ଏଥିରେ ସବୁଠାରୁ ଅଧିକ ତୃତୀୟଶ୍ରେଣୀ ପାହ୍ୟାରେ ୧୦,୮୪୦ ଟି ପଦବୀ ରହିଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମାଝି ଦର୍ଶାଇଛନ୍ତି ଯେ ପୁଲିସ୍ ବିଭାଗରେ ମୋଟ୍ ୭୦,୯୩୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଏଥିରୁ ପ୍ରଥମଶ୍ରେଣୀ ପାହ୍ୟାରେ ୧୦୫୯ଟି ଥିବାବେଳେ ଦ୍ୱିତୀୟଶ୍ରେଣୀ ପାହ୍ୟାରେ ୬୫୫୭ଟି ଏବଂ ତୃତୀୟଶ୍ରେଣୀ ପାହ୍ୟାରେ ୬୩,୩୨୧ଟି ପଦବୀ ରହିଛି। ଏହି ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀରେ ମୋଟ୍ ୫୮,୪୧୨ ଜଣ କର୍ମଚାରୀ ରହିଛନ୍ତି। ମୋଟ୍ ୧୨,୫୨୫ଟି ପଦବୀ ଖାଲି ପଡିଥିବାବେଳେ ଏଥିରୁ ପ୍ରଥମଶ୍ରେଣୀ ପାହ୍ୟାରେ ୧୯୬ଟି, ଦ୍ୱିତୀୟଶ୍ରେଣୀ ପାହ୍ୟାରେ ୧୮୪୯ଟି ଏବଂ ତୃତୀୟଶ୍ରେଣୀ ପାହ୍ୟାରେ ୧୦,୮୪୦ଟି ପଦବୀ ଖାଲି ରହିଛି। ସେହିଭଳି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ଏବେ ୬୮୫ଟି ଥାନା କାର୍ଯ୍ୟ କରୁଛି। ସର୍ବଭାରତୀୟ ସ୍ତରରେ କେତେ ଲୋକଙ୍କ ପାଇଁ ଜଣେ ପୁଲିସ୍ କାର୍ଯ୍ୟ ରହିବାର ବ୍ୟବସ୍ଥା ନେଇ କୌଣସି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇ ନାହିଁ।

### ରାଜ୍ୟରେ ଖାଲି ପଡିଛି ୯୨୬୮ ଡାକ୍ତର ପଦବୀ

ରାଜ୍ୟରେ ମୋଟ୍ ୧୫୭୭୪ଟି ଏଲୋପାଥିକ ଡାକ୍ତର ପଦବୀ ଥିବାବେଳେ ଏଥିରୁ ୯୨୬୮ ଟି ପଦବୀ ଖାଲି ପଡିଛି। ଏହିସବୁ ଡାକ୍ତର ପଦବୀ ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନା ସମେତ କ୍ୟାପିଟାଲ ହସ୍ପିଟାଲ, ଆରଜିଏଚ୍ ରାଉରକେଲା ଓ ଜେଲ୍ ଡାକ୍ତରଖାନା ଆଦିରେ ରହିଛି। ଡାକ୍ତର ପଦବୀ ସଂକ୍ରାନ୍ତରେ ବିଜପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ଏବେ ମୋଟ୍ ୧୬୭୫ଟି ବିଭିନ୍ନ କିସମର ଡାକ୍ତରଖାନା ରହିଛି। ଏଥି ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ଏହାବାଦ୍ ୫୬୨ଟି ହୋମିଓପାଥିକ୍, ୬୨୦ଟି ଆୟୁର୍ବେଦିକ୍ ଡାକ୍ତରଖାନା ରହିଛି। ଡାକ୍ତରଖାନାଗୁଡ଼ିକରେ ମୋଟ୍ ୧୫,୭୭୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଛି। ଏହିସବୁ ପଦବୀରେ ୬୫୦୬ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ୮୯୧୨ଟି ଡାକ୍ତର ପଦବୀ ଖାଲି ପଡିଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ୫୮ଟି ଡାକ୍ତର ପଦବୀ ଖାଲି ପଡିଛି। ଆରଜିଏସ୍ ରାଉରକେଲାରେ ୬୦ଟି ଡାକ୍ତର ପଦବୀ ଖାଲି ଅଛି। ଜିଲ୍ଲାଗୁଡିକ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୦୮୨ ଟି ଡାକ୍ତର ପଦବୀ ଥିବାବେଳେ ଏଠାରେ ୭୪୭ ଡାକ୍ତର ପଦବୀ ଖାଲି ରହିଛି। ଝାରସୁଗୁଡା ଜିଲ୍ଲାରେ ୨୬୮ଟି ଡାକ୍ତର ପଦବୀ ଥିବାବେଳେ ସେଥିରୁ ୧୫୩ଟି ପଦବୀ ଖାଲି ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଖାଲି ପଡିଥିବା ଡାକ୍ତର ପଦବୀଗୁଡ଼ିକୁ ଓପିଏସସି ଓ ଚୁକ୍ତିଭିତ୍ତିକ ଚୟନ ମାଧ୍ୟମରେ ପୂରଣ କରିବାପାଇଁ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ସମୁଦାୟ ୨୬୯୮ ମଞ୍ଜୁରୀପ୍ରାପ୍ତ ଫର୍ମାସୀ ଅଫିସର, ୧୪୪୫ ଲାବୋରଟାରୀ ଟେକ୍ନିସିଆନ ଓ ୬୫୫ଟି ମଞ୍ଜୁରୀପ୍ରାପ୍ତ ରେଡିଓଗ୍ରାଫର ପଦବୀ ଖାଲି ପଡିଛି। ଖାଲି ପଡିଥିବା ପଦବୀ ମଧ୍ୟରୁ ୩୩୮ଟି ରେଡିଓଗ୍ରାଫର ପଦବୀ ଓ ୨୦୬ ଗୋଟି ଫର୍ମାସୀ ଅଫିସର ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି।

### ଗୁଟ୍‌ଖା ଓ ପାନମସଲାରୁ ଗୋଟିଏ ବର୍ଷରେ ୧୦୧୨.୫୬ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

୨୦୨୩- ୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଗୁଟ୍‌ଖା, ପାସମସଲା ଆଦିରୁ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବାବଦରେ ୧୦୧୨ କୋଟି ୫୬ ଲକ୍ଷ ଟଙ୍କାର ଟିକସ ଆଦାୟ କରିଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସ ଅର୍ଥାତ୍ ଜୁଲାଇ ଶେଷ ସୁଦ୍ଧା ଏ ବାବଦରେ ୩୫୭ କୋଟି ୧୬ଲକ୍ଷ ଟଙ୍କା ଆଦାୟ ହୋଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ସମଗ୍ର ଦେଶରେ ୨୦୧୭ ଜୁଲାଇ ୧ ତାରିଖରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଲାଗୁ କରାଯାଇଛି। ଗୁଟ୍‌ଖା, ପାନମସଲା ଆଦି ତମାଖୁ ଜାତୀୟ ଦ୍ରବ୍ୟ ଉପରେ ୨୮% ଜିଏସ୍‌ଟି ଆଦାୟ ହେଉଛି। ଏତା ବ୍ୟତିତ କେନ୍ଦ୍ର ସରକାର ଉପରୋକ୍ତ ଦ୍ରବ୍ୟଗୁଡିକ ଉପରେ ଜିଏସ୍‌ଟି ସହାୟତା ସେସ୍ ଲାଗୁ କରିଛନ୍ତି ଯାହା କେନ୍ଦ୍ର ସରକାରଙ୍କ ତହବିଲ୍‌କୁ ଯାଇଥାଏ ଓ ଜିଏସ୍‌ଟି ଲାଗୁ ହେବା ଜନିତ କ୍ଷତି ଭରଣା ବାବଦକୁ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ।

## ଏଡିଜିଙ୍କ ତଦନ୍ତ ଆରମ୍ଭ

### ଝାରପଡ଼ା ଜେଲରେ କଏଦୀଙ୍କୁ ଆକ୍ରମଣ

ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ): ଝାରପଡ଼ା ଜେଲରେ ବିଚାରାଧିନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଆକ୍ରମଣ ଘଟଣାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ଼ । ଜେଲ୍ ଭିତରେ କଏଦୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଜେଲ୍‌ର କିଛି ଅଧିକାରୀ ବି ଏଥିରେ ସାମିଲ ଥିବା ଅଭିଯୋଗ ହେଉଛି। ଘଟଣାକୁ ନେଇ ତମ୍ବିତୋଫାନ ଆରମ୍ଭ ହୋଇଥିବା ବେଳେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜେଲ୍ ବିଭାଗ ଏଡିଜି ଅମିତାଭ ଠାକୁର। କଟକ ଡିଭିଜନ୍ ଡିଆଇଜି ଅନସୂୟା ଜେନା ଅଭିଯୋଗର ତଦନ୍ତ କରିବେ।

କେମିତି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଝାରପଡ଼ା ଜେଲ୍ ଯାଇ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ଡିଆଇଜି ଅନୁସୟା ଜେନା।ଜେଲର ଗୁମର ଫିଟାଇବାରୁ ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି।

ସୌମ୍ୟକାନ୍ତ ମହାନ୍ତି କିଛି ଦିନ ତଳେ ଭୁବନେଶ୍ୱର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ(ଡିଏଲ୍‌ସିଏ)ଙ୍କୁ ଚିଠି ଲେଖି ଜେଲ୍ ଭିତରର ଗୁମର ଜଣାଇଥିଲେ। ଯେଉଁଥିରେ ଲେଖା ରହିଥିଲା ଯେ ଜେଲ୍ ଭିତରେ ଗଞ୍ଜେଇ ଭର୍ତ୍ତି ବିଡି ଗୋଟା ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହାଛଡ଼ା ଉନ୍ନତ ଧରଣର ରହିବା ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ୫୦୦୦୦ ଟଙ୍କା, ଟେଲିଫୋନ୍ ପାଇଁ ୫୦୦୦ ଟଙ୍କା, ମୁଲାକାତ ପାଇଁ ମାସକୁ ୧୦ ହଜାର, ରୁମ୍‌ରେ କୁଲର ଓ ଭଲ ଖାଇବା ପାଇଁ ଅତିରିକ୍ତ ଚାର୍ଜ ଦେବାକୁ ପଡୁଥିବା ସେ ଉଲ୍ଲେଖ କରିଥିଲେ।

ଚିଠି ମିଳିବା ପରେ ଗତ ଶନିବାର ଡିଏଲ୍‌ସିଏ ଅଚାନକ ଜେଲ୍‌ରେ ଚଢ଼ଉ କରି ମୋବାଇଲ ଓ ନିଶା ଦ୍ରବ୍ୟ ଜବତ କରି ଲକ୍ଷ୍ମୀସାଗର ଥାନା ଜିମା ଦେଇଥିଲେ। ଚଢ଼ଉର ଦିନକ ପରେ ସୌମ୍ୟକାନ୍ତଙ୍କ ଉପରେ ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ସୌମ୍ୟ ଅଭିଯୋଗ କରିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି।



## ବାଂଲା ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ



**ଭୁବନେଶ୍ୱର, ୨।୯(ସଂଚାର ବ୍ୟୁରୋ):** ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ବହୁସମୟରେ ଅଘଟଣ ଘଟୁଥିବା ଅଭିଯୋଗ ହୋଇଆସୁଛି। ଏହିପରିପ୍ରେକ୍ଷୀରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ପାଇଁ ଓଡ଼ିଶା ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଶାରେ ପ୍ରବେଶ କରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏମାନେ ନାନା ପ୍ରକାରର ଅପରାଧରେ ଜଡ଼ିତ ରହୁଛନ୍ତି। ଉଦ୍‌ବେଗଜନକ ହେଲା, କିଛିଦିନ ରହିଗଲା ପରେ ଏମାନେ ଓଡ଼ିଶାର ପରିଚୟପତ୍ର କରି ନେଉଛନ୍ତି। କିନ୍ତୁ ଅଧିକାଂଶ ବାଂଲାଦେଶୀ ନକଲି ପରିଚୟପତ୍ର କରି ରାଜ୍ୟକୁ ପଶୁଛନ୍ତି। ତେବେ ରାଜ୍ୟରେ ବଢୁଥିବା ବାଂଲାଦେଶୀଙ୍କ ସଂଖ୍ୟାକୁ ନେଇ ଗତ କିଛି ଦିନ ହେବ ବେଶ ଚର୍ଚ୍ଚା-ଆଲୋଚନା ପରେ ସରକାର ଚେତିଛନ୍ତି। ରାଜ୍ୟରେ ଥିବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବାଂଲାଦେଶ ଅନୁପ୍ରବେଶକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ବାଂଲାଦେଶ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତହସିଲ, ବ୍ଲକ, ଥାନା ସ୍ତରରେ ଏଥି ନେଇ କମିଟି ଗଠନ କରାଯିବାକୁ କୁହାଯାଇଛି। ବିଶେଷକରି କରି ଭୁବନେଶ୍ୱର, କେନ୍ଦ୍ରାପଡା ଓ ପୁରୀରେ ଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ହଟିଲା ଅନ୍ଧାର




**ଭୁବନେଶ୍ୱର (ସଂଚାର ବ୍ୟୁରୋ):** ଦୀର୍ଘ ଦୁଇମାସ ଧରି ଅନ୍ଧାରରେ ରହିଥିବା ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଷ୍ଟ୍ରିଟ ଲାଇଟ ଜଳିଛି । ଗତ ମାସ ୧୯ ତାରିଖରେ 'ଅନ୍ଧାରରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ' ଶିର୍ଷକ ଖବର ଦୈନିକ ସଂଚାରରେ ପ୍ରକାଶ ପାଇଥିଲା । ଏହା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା । ଗତ ଦୁଇଦିନ ହେଲା ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ସମସ୍ତ ଗଳିକନ୍ଦିରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଜଳିଛି । ଫଳରେ ଅନ୍ଧାରରେ ଥିବା ଶିଳ୍ପାଞ୍ଚଳ ଆଲୋକିତ ହୋଇଛି । ଉଲ୍ଲେଖଥାଉ କି, ଗତ ସାଧାରଣ ନିର୍ବାଚନ ପରେ ଶିଳ୍ପାଞ୍ଚଳର ଗଳିକନ୍ଦିରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ହଠାତ ବନ୍ଦ ହୋଇଯାଇଥିଲା । ଶିଳ୍ପା ଳର ମୁଖ୍ୟରାସ୍ତା ସମେତ ଗଳି ରାସ୍ତାର ଷ୍ଟ୍ରିଟ ଲାଇଟ (ହାଇମାକ୍ସ ଲାଇଟକୁ ଛାଡି) ଜଳୁନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ବାରମ୍ବାର ଅଭିଯୋଗ ହେଉଥିବା ବେଳେ ବିଦ୍ୟୁତ ବିଭାଗ ଓ ବିଏମସି ପରସ୍ପର ଉପରେ ଦୋଷ ଲଦାଲଦି ହୋଇ ନିଜେ ଖସି ଯିବାକୁ ଚେଷ୍ଟା କରୁଥିଲେ । ସେପଟେ ଅନ୍ଧାରର ସୁଯୋଗ ନେଇ ଲୁଟେରା ଓ ଅପାଧୀମାନେ ସକ୍ରିୟ ହୋଇଉଠିଥିଲେ । ଏନେଇ ଲୋକେ ଅଭିଯୋଗ କରିବା ପରେ ଏନେଇ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା ଓ ଷ୍ଟ୍ରିଟ୍ ଲାଇଟ ଜଳିଛି । ଲାଇଟ ଜଳିବା ପରେ ଲୋକେ ଖୁସି ପ୍ରକଟ କରିଥିବା ବେଳେ ଅପରାଧ ଓ ଲୁଟ୍‌ପାଟ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

# ନବୀନଙ୍କ ଅମଳରେ ହିଂଜିଳିରେ ଗଡ଼ିଛି ୧୦୦ ମୁଣ୍ଡ

**ଭୁବନେଶ୍ୱର, ୨/୯ (ସଂଚାର ବ୍ୟୁରୋ) :** ଆଇନ ତା ବାଟରେ କାମ କରିବ। ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଏହି ଦାବି କରିଆସୁଥିଲେ ବି ତାଙ୍କ ନିଜ ନିର୍ବାଚନମଣ୍ଡଳି ଓ ସାମଗ୍ରିକ ଭାବେ ଗଂଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଆସିପାରିନାହିଁ। ନବୀନ ପଟ୍ଟନାୟକଙ୍କ ୨୪ବର୍ଷର ଶାସନ କାଳରେ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ଅରାଜକତା ଓ ଗୁଣ୍ଡାରାଜ ରାଜ୍ୟରେ ସବୁଠୁ ବେଶୀ ଥିଲା । ଏପରିକି

### ଗଞ୍ଜାମ ସର୍ବାଧିକ ଅଶାନ୍ତ

ଶାନ୍ତ ସ୍ୱଭାବର ନବୀନ ଯେବେଠୁ ହିଞ୍ଜିଳିର ବିଧାୟକ ହେଲେଣି ସେବେଠୁ ୧୦୦ଜଣଙ୍କୁ ହତ୍ୟା କରାଯାଇଛି ।

ଆଶ୍ଚର୍ଯ୍ୟର କଥା ଏହି ଅବଧି ମଧ୍ୟରେ ମାତ୍ର ୯ଟି ହତ୍ୟା ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି ଓ ପ୍ରମାଣ ଅଭାବରୁ ୨୨ଜଣଙ୍କ ହତ୍ୟାକାରୀଙ୍କୁ ଦଣ୍ଡିତ କରାଯାଇ ପାରିନାହିଁ । କେବଳ ସେତିକି ନୁହେଁ ନବୀନ ପଟ୍ଟନାୟକ ଶାସନରେ ସର୍ବାଧିକ ଅଶାନ୍ତ ଓ ଅପରାଧିଙ୍କ ଚରାଭୂଇଁ ରହିଥିଲା ଗଞ୍ଜାମ । ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଟି ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ବିଗତ ୨୪ବର୍ଷ ମଧ୍ୟରେ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ମୋଟ ୧୦୦ଟି ହତ୍ୟା ଘଟଣା ହୋଇଛି । ଏହି ହତ୍ୟା ଘଟଣାରେ ମୋଟ ୩୨୮ଜଣ ହତ୍ୟାକାରୀଙ୍କୁ ଧରି କୋର୍ଟ ହାଜତକୁ ପଠାଯାଇଛି । ତେବେ ଏହି ୧୦୦ଟି ମାମଲା ମଧ୍ୟରୁ ୯ଟି ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି, ୨୨ଟି ମାମଲାରେ ହତ୍ୟାକାରୀ ଦୋଷମୁକ୍ତ ହୋଇଛନ୍ତି ଓ ୬୯ଟି ମାମଲାରେ ଏବେ ବିଚାରାଧୀନ ରହିଛି ।




ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଯେଉଁ ତଥ୍ୟ ବିଧାନସଭାରେ ରଖିଛନ୍ତି ତାହା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ତାଙ୍କ 'ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳି' କିଭଳି ଅପରାଧୀଙ୍କ ପାଇଁ ଭୂସ୍ୱର୍ଗ ଥିଲା ତା'ର ପ୍ରମାଣ ମିଳିଛି । ନବୀନ ୨୦୦୦ ମସିହାରେ ହିଞ୍ଜିଳି ଆସନରୁ ପ୍ରଥମ ଥର ଜିତିକି ବିଧାନସଭା ଆସିଥିଲେ । ସେବେଠୁ ଏବେବି ନବୀନ ହିଞ୍ଜିଳିର ବିଧାୟକ ରହିଛନ୍ତି । ଅର୍ଥାତ ବିଗତ ୨୪ବର୍ଷ ମଧ୍ୟରେ ନବୀନ ପଟ୍ଟନାୟକ ଶାସନ କାଳରେ ତାଙ୍କ ନିଜ ନିର୍ବାଚନମଣ୍ଡଳୀର ୧୦୦ଜଣଙ୍କୁ ହତ୍ୟା କରାଯିବା ଘଟଣା ମଧ୍ୟରୁ ମାତ୍ର ୯ଟି ଘଟଣାରେ ଦୋଷୀଙ୍କୁ ଦଣ୍ଡ ଦିଆଯାଇପାରିଛି । ଗୃହ ବିଭାଗକୁ ନିଜ ପାଖରେ ରଖିଥିବା ନବୀନ ରାଜ୍ୟର ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ନିଜ ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ବିଫଳ ହୋଇଥିବା ସ୍ପଷ୍ଟ ଜଣାପଡୁଛି ।

ସେହିପରି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ଅପରାଧୀଙ୍କୁ ଧରିବା ପାଇଁ ୨୦୧୬ ମସିହାରୁ ଏପର୍ଯ୍ୟନ୍ତ ମୋଟ ୩୭ଟି ମାମଲାରେ ଅପରାଧୀମାନେ ପୁଲିସ ଉପରକୁ ଗୁଳି ଚଳାଇଛନ୍ତି ଓ ଉଭୟ ପୁଲିସ-ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏହି ଗୁଳିଚାଳନାରେ ୬୩ଜଣ ପୁଲିସ ଅଧିକାରୀ ଓ ୪୧ଜଣ ଅପରାଧୀ ଆଘାତପ୍ରାପ୍ତ ହୋଇଛନ୍ତି । ସେମାନେ କୌଣସି ରାଜନୀତିକ ଦଳରେ ସଂଶ୍ଲିଷ୍ଟ ନଥିଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ତେବେ ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ନିଜ ଗୃହ ଜିଲ୍ଲା ଗଞ୍ଜାମ ଓ ନିଜ ନିର୍ବାଚନଣ୍ଡଳୀ ହିଞ୍ଜିଳି କିଭଳି ଏତେ ଅସୁରକ୍ଷିତ ହୋଇପଡ଼ିଥିଲା ତାହା ଏବେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପଦାକୁ ଆସିବାରେ ଲାଗିଛି । ବୋଧହୁଏ ଏହି କାରଣରୁ ୨୦୨୪ ସାଧାରଣ ନିର୍ବାଚନରେ ହିଞ୍ଜିଳିବାସୀ ନବୀନଙ୍କ ଉପରେ ଭରସା କରିପାରିନାହାନ୍ତି ଓ ଯେନତେନ ପ୍ରକାରେ ମାତ୍ର ୪୬୦୦ଭୋଟ ବ୍ୟବଧାନରେ ନବୀନ ଜିତିବାରେ ସକ୍ଷମ ହୋଇଥିବା ଚର୍ଚ୍ଚା ହେଉଛି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର